ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 24/2024 Page 20 ₹ 7.00

୫୦ଶ ଭାଗ ୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 92 ମୂଲ୍ୟ ₹୭/-

'ଭୁଲ ଭୁଲୈୟା ୩'ରେ କାର୍ତ୍ତିକଙ୍କ ମିଷ୍ଟ୍ରି ଗାର୍ଲ ତ୍ରିପ୍ତି ଡିମରୀ

ଫିଲ୍ମ 'ଭୁଲ ଭୁଲୈୟା ୩'ର ମିଷ୍ଟ୍ରି ଗାର୍ଲ 'ଆନିମଲ' ଫେମ୍ ତ୍ରିପ୍ତି ଡିମରୀ ବୋଲି ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।

୧୩ ୧୬

ସ୍କୋପ୍‌ମାନଙ୍କ ଇସ୍ତଫା

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୋପ୍‌ମାନ ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।





ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ | Bhubaneswar, Saturday, February 24/2024

DSPL-704

ଆମ ଓଡ଼ିଶା ନବୀନ ଓଡ଼ିଶା | ଓଡ଼ିଶା ସରକାର | ଆମ ବ୍ୟାଙ୍କ

ହାତପାଆନ୍ତାରେ 'ଆମ ବ୍ୟାଙ୍କ' ସେବା

ପ୍ରଥମ ପର୍ଯ୍ୟାୟରେ ୭୫୦ଟି ପଞ୍ଚାୟତକୁ ବ୍ୟାଙ୍କ ସେବା

୨୦୨୪ ମାର୍ଚ୍ଚ ସୁଦ୍ଧା ୪,୩୦୦ରୁ ଊର୍ଦ୍ଧ୍ୱ 'ଆମ ବ୍ୟାଙ୍କ' ହେବ କାର୍ଯ୍ୟକ୍ଷମ



OIPR-15001/13/0428/2324

ବାୟଜୁସ୍ ସିଇଓ ପଦରୁ ହଟିଲେ ରବୀନ୍ଦ୍ରନ୍

ନୂଆଦିଲ୍ଲୀ,୨୩।୨

ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଅନ୍‌ଲାଇନ୍ ଶିକ୍ଷା ପ୍ରଦାନକାରୀ ଏଡୁଟେକ୍ କମ୍ପାନୀ ବାୟଜୁସ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବାୟଜୁ ରବୀନ୍ଦ୍ରନ୍‌ଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି। ୪୪ ବର୍ଷୀୟ ରବୀନ୍ଦ୍ରନ୍ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ପରିଚାଳନାଗତ ବିଫଳତା ଯୋଗୁ କମ୍ପାନୀରୁ ବିଦାକରିବା ପାଇଁ ଏକ୍ସଟ୍ରାଅର୍ଡିନାରି ଜେନେରାଲ ମିଟିଂ (ଇଜିଏମ୍)ରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ଏହାର ପ୍ରମୁଖ ନିବେଶକ ପ୍ରୋସସ୍ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ତେବେ ରବୀନ୍ଦ୍ରନ୍‌ଙ୍କ ଅନୁପସ୍ଥିତିରେ ନିଆଯାଇଥିବା ଗୃହୀତ

ସଂକଳ୍ପନାମାକୁ ବାୟଜୁସ୍ ପ୍ରତ୍ୟାଖ୍ୟାନ କରିଛି। ବୋର୍ଡରୁ ରବୀନ୍ଦ୍ରନ୍‌ଙ୍କୁ ବାହାର କରିବା କ୍ଷମତା ଶେୟାରହୋଲ୍ଡର୍ସଙ୍କର ନାହିଁ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୨୦୧୫ରେ ପ୍ରତିଷ୍ଠିତ ବାୟଜୁସ୍ ଦୀର୍ଘବର୍ଷ ଧରି ଅନ୍‌ଲାଇନ୍ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଆସିଥିଲା। ବାୟଜୁସ୍‌କୁ ପରିଚାଳନା କରୁଥିବା ☞ପୃଷ୍ଠା–୧୧

ଓଡ଼ିଶାରେ ହେବ ପ୍ରତିରକ୍ଷା ଯନ୍ତ୍ରାଂଶ ପ୍ରକଳ୍ପ

ଭୁବନେଶ୍ୱର,୨୩।୨(ଅନିଲ ଦାସ)

ଓଡ଼ିଶାରେ ପ୍ରତିରକ୍ଷା ଓ ବିମାନ ଯନ୍ତ୍ରାଂଶ ନିର୍ମାଣ ହେବ ଏଥିପାଇଁ ରାଜ୍ୟ ସରକାରଙ୍କ ସହ କଲ୍ୟାଣୀ ଷ୍ଟିଲ୍ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି। ଶୁକ୍ରବାର ଲୋକସେବା ଭବନ କନ୍‌ଭେନ୍‌ଶନ ହଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି । ଢେଙ୍କାନାଳ ଜିଲାର ଗଜମରାରେ ଏହି ପ୍ରକଳ୍ପ ହେବ। ଏଥିପାଇଁ ୧୧ଶହ ଏକର ଜମି ଚିହ୍ନଟ ହୋଇଛି। ଆସନ୍ତା ସେପ୍ଟେମ୍ବରରୁ ପ୍ରକଳ୍ପ କାମ ଆରମ୍ଭ କରିବ । ୨ ବର୍ଷ ମଧ୍ୟରେ ଉତ୍ପାଦନ ଆରମ୍ଭ ହେବ। ଏଥିରେ ୨ଟି

ପର୍ଯ୍ୟାୟରେ ପୁଞ୍ଜିନିବେଶ ହେବ । ପ୍ରଥମ ପର୍ଯ୍ୟାୟରେ ୧୧ ହଜାର ୭୫୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହାଦ୍ୱାରା ରାଜ୍ୟରେ ୧୦ ହଜାର କର୍ମ ନିଯୁକ୍ତି

- ୧୧୭୫୦ କୋଟି ପୁଞ୍ଜିନିବେଶ ସହ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ରାଜ୍ୟ ସରକାରଙ୍କ ସହ ଏମ୍ଓୟୁ ସ୍ୱାକ୍ଷରକଲା କଲ୍ୟାଣୀ ଷ୍ଟିଲ୍
- ଓଡ଼ିଶା ଆଡ୍‌ଭାନ୍ସ ମାନୁଫାକ୍ଚରିଂ କ୍ଷେତ୍ରରେ ପ୍ରବେଶ କରିଛି: ମୁଖ୍ୟମନ୍ତ୍ରୀ

ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ଉଚ୍ଚଦକ୍ଷତାସମ୍ପନ୍ନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କଲ୍ୟାଣୀ ଇସ୍ପାତ ପ୍ରକଳ୍ପ ସହିତ ଟିଟାନିୟମ ମେଟାଲ ଓ ଆଲଏ ମିଲ୍ ଏବଂ ବିମାନ ଯନ୍ତ୍ରାଂଶ ୟୁନିଟ ସ୍ଥାପନ କରାଯିବ। ଏହାଦ୍ୱାରା ଓଡ଼ିଶା ବଜାରକୁ ଏକ ଉନ୍ନତମାନର ମାନୁଫାକ୍ଚରିଂ କ୍ଷେତ୍ରର ପ୍ରବେଶ ହୋଇଛି। ଏଥିରେ ୧୧,୭୫୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ରାଜ୍ୟରେ ନୂଆ ଯୁଗର ଶିଳ୍ପ କ୍ଷେତ୍ର ପାଇଁ ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରିବ। ଏହି ପ୍ରକଳ୍ପ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ଶିଳ୍ପ ବିକାଶରେ ସହାୟକ ହେବା ସହ ନିଯୁକ୍ତି କ୍ଷେତ୍ରକୁ ☞ପୃଷ୍ଠା–୧୧

DSPL-702

ଆମ ଓଡ଼ିଶା ନବୀନ ଓଡ଼ିଶା | ଓଡ଼ିଶା ସରକାର

ବରିଷ୍ଠଙ୍କୁ ସମ୍ମାନ | ଅସହାୟଙ୍କ ଭରସା

୫୮ ଲକ୍ଷରୁ ଊର୍ଦ୍ଧ୍ୱ

ବୃଦ୍ଧ-ବୃଦ୍ଧା, ବିଧବା ଓ ଅସହାୟଙ୍କ ପାଇଁ ନିଶ୍ଚିତ ପେନସନ

ମଧୁବାବୁ ପେନସନ ଯୋଜନାର ବିଶେଷତ୍ୱ

- ମଧୁବାବୁ ପେନସନ ହିତାଧିକାରୀଙ୍କ ସଂଖ୍ୟା ୩୬.୭୫ ଲକ୍ଷକୁ ବୃଦ୍ଧି
- ଏହି ଯୋଜନାରେ ସାମିଲ ହେବେ ୪ ଲକ୍ଷ ଅତିରିକ୍ତ ହିତାଧିକାରୀ
- ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା, କୁଷ୍ଠ ରୋଗୀ, ଏଡ଼ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର ଓ କୋଭିଡ଼ରେ ଅନାଥ ହୋଇଥିବା ପିଲା ଏହି ଯୋଜନାରେ ସାମିଲ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0426/2324

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ Bhubaneswar, Saturday, February 24/2024

ପୁରୀ ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର,୨୩।୨(ସୁନିତ୍ ମିଶ୍ର)

ରାଜ୍ୟରେ ପୁଣି ଏକ ହାଇତ ମୃତ୍ୟୁ ଘଟଣା ନଜରକୁ ଆସିଛି। ପୁରୀ ଜିଲା ଜେଲରେ ଜଣେ ବିଚାରାରାଧୀନ କଏଦୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଗୁରୁବାର ବିଳମ୍ବିତ ରାତିରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଥିଲେ ମଧ୍ୟ ଚପାଇ ଦେବାକୁ ମିଳିତ ଉଦ୍ୟମ ହୋଇଛି। ଏ ସମ୍ପର୍କରେ ଜିଲା ପୋଲିସ କିମ୍ବା ଜେଲ୍ କର୍ତ୍ତୃପକ୍ଷ କେହି ବି ମୁହଁ ଖୋଲୁ ନ ଥିବାରୁ ଘଟଣା ପଛରେ ବଡ଼ ରହସ୍ୟ ଲୁଚି ରହିଥିବା ଜଣାପଡୁଛି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ମୃତ କଏଦୀ ହେଲେ ପୁରୀ ଜିଲା ଚନ୍ଦନପୁର ଥାନା ଅନ୍ତର୍ଗତ ପୁରୁଷୋତ୍ତମ ବହୁଭର ଇନ୍ଦ୍ରମଣି ରଣାଙ୍କ ପୁଅ ଲକ୍ଷ୍ମୀଧର ରଣା(୪୮)। ତାଙ୍କର କିଭଳି ଓ କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହାକୁ ନେଇ ପରିବାର ଲୋକେ

ଚପାଇଦେବାକୁ ମିଳିତ ଉଦ୍ୟମ

ମଧ୍ୟ ଜାଣିପାରୁ ନାହାନ୍ତି। ତେବେ ଜେଲ୍ କର୍ମଚାରୀମାନେ ତାଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ବେଳକୁ ହସ୍ପିଟାଲ କର୍ତ୍ତୃପକ୍ଷ ରିସିଭ୍ ମୃତ ଘୋଷଣା କରିଥିବା ଜଣାପଡିଛି। ଗାଳି ଗୁଲଜ ସହ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁରୀ ସଦର ଥାନା ପୋଲିସ ଗତ ୧୭ ତାରିଖରେ ଏକ ମାମଲା (ନଂ.୭୩/୨୪) ରୁଜୁ କରି ଲକ୍ଷ୍ମୀଧରଙ୍କୁ ଗିରଫ କରିଥିଲା। ଜାମିନ ନାମଞ୍ଜୁର ପରେ ଉକ୍ତଦିନ ତାଙ୍କୁ ପୁରୀ ଜିଲା ଜେଲ୍‌ର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କ ବିରୋଧରେ ଆଇପିସି ଦଫା ୩୪୧, ୩୨୪, ୨୯୪, ୫୦୬ ଲାଗିଥିଲା।

ଜଣେ ପୋଲିସ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଲକ୍ଷ୍ମୀଧର ଜଣେ ନିଶାସକ୍ତ ଯୁବକ ଥିଲେ। ଜେଲ୍ ଭିତରେ ନିଶା ନ ପାଇବାରୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବା ସେ କହିଛନ୍ତି। ହେଲେ ଏକଥା କେତେଦୂର ସତ ତା'ର କିଛି ପ୍ରମାଣ ପୋଲିସ ବିଭାଗ ବିଧିବଦ୍ଧ ଭାବେ ନ ଦେବା ସନ୍ଦେହ ସୃଷ ି କରିଛି। ଯଦି ଏହି କଥାର ସତ୍ୟତା ଥାଆନ୍ତା ତେବେ ପୋଲିସ ଘଟଣାକୁ ଦୁଇଦିନ କାଳ ଲୁଚାଇ ରଖି ନ ଥାଆନ୍ତା। ସେହିପରି ମାର୍‌ପିଟ୍ ଘଟଣାରେ ସେ ଜେଲ୍ ଆସିଥିବାରୁ ମୃତ୍ୟୁକୁ ନେଇ ମଧ୍ୟ ନାନା କାରଣ ସାମ୍ନାକୁ ଆସୁଛି। ତାଙ୍କର କୌଣସି ଇଣ୍ଟରନାଲ୍ ଇନ୍‌ଜୁରି ଥିଲା ନା ଜେଲ୍ ଭିତରେ ମାଡ଼ କିମ୍ବା ସେପରି କିଛି ଘଟଣା ଘଟିଥିଲା ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଘଟଣା ଅତି ସାଂଘାତିକ ହୋଇଥିବାରୁ ଏହାକୁ ନେଇ ପୁରୀ ଏସ୍‌ପି ପିନାକ ମିଶ୍ର ପୁରୀ ଓ ସଦର ଥାନାର ଆଇଆଇସିଙ୍କୁ ଶୁକ୍ରବାର ସକାଳୁ ଏକାଧିକଥର ☞ପୃଷ୍ଠା–୧୧

ଓଡ଼ିଶାର ଅଙ୍ଗପ୍ରତ୍ୟଙ୍ଗ ଯାଉଛି ଦିଲ୍ଲୀ

ଭୁବନେଶ୍ୱର,୨୩।୨ (ଅସମାପିକା ସାହୁ)

ଭୁବନେଶ୍ୱର ଏମ୍ସରୁ ଶୁକ୍ରବାର ପ୍ରଥମ ଥର ପାଇଁ ଜଣେ ବ୍ରେନ୍ ଡେଡ୍ (ମସ୍ତିଷ୍କ ମୃତ୍ୟୁ) ଘୋଷିତ ବ୍ୟକ୍ତିଙ୍କ ଲିଭର (ଯକୃତ) ନୂଆଦିଲ୍ଲୀକୁ ବିମାନ ଯୋଗେ ପଠାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ସହାୟତାରେ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ୍ ମୁକ୍ତ ଯାତାୟାତ ପାଇଁ ଭୁବନେଶ୍ୱର ଏମ୍ସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ଯାଏ ଗ୍ରୀନ୍ କରିଡର କରାଯାଇଥିଲା। ତେବେ ଜଣେ ଓଡ଼ିଆଙ୍କ ଅଙ୍ଗପ୍ରତ୍ୟଙ୍ଗ ନୂଆଦିଲ୍ଲୀ ପଠାଯିବା ଅପେକ୍ଷା ଓଡ଼ିଶାରେ ଲିଭର ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କଠାରେ କାହିଁକି ପ୍ରତିରୋପଣ କରାଯାଇନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏଭଳିସ୍ଥଳେ କୁହାଯାଉଛି ଯେ, ଓଡ଼ିଶାରେ

ଭୁବନେଶ୍ୱର ଏମ୍ସରୁ ନୂଆଦିଲ୍ଲୀ ଅଭିମୁଖେ ଗ୍ରୀନ୍ କରିଡରରେ ଲିଭର ନିଆଯାଉଛି।

ଲିଭର ପ୍ରତିରୋପଣର ଭିତ୍ତିଭୂମି ନାହିଁ ଏବଂ କେହି ଦାବିଦାର ନ ଥିବାରୁ ଉକ୍ତ ଅଙ୍ଗପ୍ରତ୍ୟଙ୍ଗ ବାହାରକୁ ପଠାଯାଇଛି। ବାସ୍ତବ କଥା ଯେ, ଓଡ଼ିଶାରେ ଲିଭର ପ୍ରତିରୋପଣ ଭିତ୍ତିଭୂମି ଉପଲବ୍ଧ ନ ହେବା ଯୋଗୁ କେହି ସ୍ଥାନୀୟ ଦାବିଦାର ରହୁନାହାନ୍ତି। ସେମାନଙ୍କୁ ଅତ୍ୟଧିକ ଅର୍ଥ ଖର୍ଚ୍ଚ କରି ଅନ୍ୟ ରାଜ୍ୟର ହସ୍ପିଟାଲ ଉପରେ ନିର୍ଭର ହେବାକୁ ପଡ଼ିବା ସହ ଏଭଳି ସୁଯୋଗରୁ ବଞ୍ଚିତ ହେବାକୁ ପଡୁଛି। ଉଦାହରଣ ଭାବେ ଗତବର୍ଷ ପୁରୀ ସର୍ବୋଦୟନଗରର ଜଣେ ମହିଳାଙ୍କର ଲିଭର ☞ପୃଷ୍ଠା–୧୧

ଆଜିର ସମ୍ପାଦକୀୟ

ରେଲୱେ ଅଧିକାରୀଙ୍କୁ ପ୍ରାଥମିକତା

PATANJALI®

ଦେଶର ପ୍ରଥମ ଏବଂ ଏକମାତ୍ର

ପାଉଁଶରୁ ନିର୍ମିତ

ଲେମ୍ବୁ ଓ ନିମର ଶକ୍ତି ସହିତ

ପତଞ୍ଜଳି ଡିଶ୍‌ୱାଶ୍ ବାର୍ ଏବଂ ଲିକ୍ୱିଡ୍

ଜିଦ୍ଦି ଚିକ୍କଣତାକୁ ହଟାଏ
ହାତ ପାଇଁ କୋମଳ

KHIMJI TRUST SINCE 1936

KHIMJI®
JEWELLERS SINCE 1936

FLAT 50% OFF*
ON GOLD & DIAMOND JEWELLERY M/C

THANK YOU, PURI

1ST ANNIVERSARY SALE

OFFER VALID ONLY AT OUR PURI STORE
FROM 24TH FEB TO 3RD MARCH

UP TO 5% EXTRA CASHBACK# SBI card

#Min. Trxn.: ₹25,000; Max. Cashback: ₹2,000 per card account.
Validity: 23 Feb - 03 Mar 2024. T&C Apply.

*T & C Apply.

100% BIS Hallmarked HUID Pure Gold Jewellery
100% Exchange of Old Gold
Fair Price Policy
Free Insurance on Diamonds
Tested and Certified Diamonds
Safe Gold Purchase Scheme
Lifetime Buyback Guarantee
88 Years Of Trust

PURI : OPP POLICE LINE, VIP ROAD
STORES ALSO AT: BHUBANESWAR | BERHAMPUR | CUTTACK | JHARSUGUDA | ROURKELA

www.khimjijewellers.com
1800 3131 777

প্রবেশ ও নির্গমনের রাস্তা স্পষ্ট রাখতে হবে

পুরুলিয়া, ৭মাঘ (বসন্ত এলো)

চাঁদমারিতে রাস্তা চওড়াকরণ নিয়ে ব্যবসায়ীদের সঙ্গে বৈঠকে বসেছিল পুরসভা। বৈঠকে উপস্থিত ছিলেন পুরপ্রধান সুনীতা মুখোপাধ্যায় (বন্দ্যোপাধ্যায়)। বৈঠকে পুরপ্রধান ও পুরসভার অন্যান্য কাউন্সিলার ছাড়াও উপস্থিত ছিলেন ব্যবসায়ী সমিতির সভাপতি, সম্পাদক সহ অন্যান্য সদস্যরা। বৈঠকে ব্যবসায়ীদের তরফে বলা হয়, রাস্তা চওড়াকরণের জন্য যে সমস্ত দোকানের সামনে থেকে জমি নেওয়া হবে, সেই সমস্ত দোকানের ক্ষতিপূরণ দিতে হবে। এছাড়া রাস্তা চওড়াকরণের জন্য যে সমস্ত দোকানের সামনে থেকে জমি নেওয়া হবে, সেই সমস্ত দোকানের সামনে পর্যাপ্ত পার্কিং ব্যবস্থা করতে হবে। বৈঠকে উপস্থিত ব্যবসায়ীরা জানান, রাস্তা চওড়াকরণের জন্য তাঁদের দোকানের সামনে থেকে জমি নেওয়া হলে তাঁদের দোকানের সামনে পার্কিং ব্যবস্থা করা সম্ভব হবে না। এছাড়া

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ | Bhubaneswar, Saturday, February 24/2024 | ପୃଷ୍ଠା-୧



ସ୍ୱାବଲମ୍ବୀ କାରିଗରଙ୍କ ପ୍ରାପ୍ୟ ବଢ଼ିଲା

ପାରିଶ୍ରମିକ ୪ ହଜାର ଟଙ୍କାରୁ ୬,୫୦୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୨୩।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ଗ୍ରାମପଞ୍ଚାୟତରେ କାମ କରୁଥିବା ସ୍ୱାବଲମ୍ବୀ କାରିଗର(ସେଲ୍‌ଫ ଏମ୍ପ୍ଲଏଡ୍ ମେକାନିକ)ଙ୍କର ପାରିଶ୍ରମିକ ବୃଦ୍ଧି କରିଛନ୍ତି। ସେମାନଙ୍କର ପାରିଶ୍ରମିକ ୪୦୦୦ ଟଙ୍କା ଥିବାବେଳେ ତାହା ୬, ୫୦୦ଟଙ୍କାକୁ ବୃଦ୍ଧି ପାଇଛି। ଏହା ବର୍ତ୍ତମାନର ପାରିଶ୍ରମିକଠାରୁ ୬୨.୫୦ ପ୍ରତିଶତ ଅଧିକ। ଏହାଦ୍ୱାରା ରାଜ୍ୟର ୧୩ ହଜାର ସ୍ୱାବଲମ୍ବୀ କାରିଗର ଉପକୃତ ହେବେ। ସୂଚନାଯୋଗ୍ୟ ଯେ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରୁ ସ୍ୱାବଲମ୍ବୀ କାରିଗର ଏବଂ ପ୍ରତିନିଧିମାନଙ୍କଠାରୁ ଏଥିପାଇଁ ଅନୁରୋଧ ଓ ପ୍ରସ୍ତାବ ଆସିଥିଲା। ୫-ଟି ଅଧ୍ୟକ୍ଷ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ପାରିଶ୍ରମିକ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ଗ୍ରାମକୁ ନିୟମିତ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ତଥା ଜଳକଷ୍ଟ ଦୂର କରିବା ପାଇଁ ଗ୍ରାମପଞ୍ଚାୟତଗୁଡ଼ିକରେ ୨ ଜଣ ଲେଖାଏ ସ୍ୱାବଲମ୍ବୀ କାରିଗର ନିୟୋଜିତ ଅଛନ୍ତି। ସେମାନେ ପାଇପ ଜଳ ଯୋଗାଣ, ରକ୍ଷଣାବେକ୍ଷଣ ତଥା ନଳକୂପ ମରାମତି ପାଇଁ ନିରନ୍ତର ସେବା ଯୋଗାଇ ଆସୁଛନ୍ତି।

'ଯୁବଗୋଷ୍ଠୀଙ୍କୁ ଉତ୍ତମ କ୍ରୀଡ଼ା ସୁବିଧା ଯୋଗାଇବା ଲକ୍ଷ୍ୟ'

୬୬୦ କୋଟିର ବିଭିନ୍ନ କ୍ରୀଡ଼ା ପ୍ରକଳ୍ପର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୬୬୦ କୋଟି ଟଙ୍କାର ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେଥିରେ ୪୮ଟି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ, କଟକ ଟେବୁଲ ଟେନିସ ଏକାଡେମୀ, ରାଉରକେଲା ଜିମ୍‌ନାଷ୍ଟିକ ଏକାଡେମୀ ଏବଂ ୧୨ଟି ହକି ଟ୍ରେନିଂ ସେଣ୍ଟର ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧ଟି କ୍ରୀଡ଼ା ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସମସ୍ତ ପ୍ରକଳ୍ପ ୫-ଟି ଉପକ୍ରମରେ ନିଆଯାଇଛି। କ୍ରୀଡ଼ା ଭିତ୍ତିଭୂମିର ତୃଣମୂଳସ୍ତରରେ ବିକାଶ କରିବା ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀ ପାଇଁ ୪୮ଟି ବହୁମୁଖ୍ୟୀ ଇଣ୍ଡୋର ଷ୍ଟାଡିୟମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିର୍ମାଣ କରାଯାଇଛି। ଏଥିରେ କୋର୍ଟସ ରୁମ୍ ଏବଂ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଯୋଗ, ଚେସ୍ ଏବଂ ଭାରୋତ୍ତୋଳନ ଓ ଜିମ୍ ଇତ୍ୟାଦି ରହିଛି। ଏଥିସହିତ ଭବାନୀପାଟଣାଠାରେ ନିର୍ମାଣ କରାଯାଇଥିବା ବହୁମୁଖୀ ଇଣ୍ଡୋର ହଲ୍‌କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। କଟକ ଟେବୁଲ ଟେନିସ ଏକାଡେମୀରେ ୧୬ ପ୍ରକାରର ପ୍ରିମିୟମ ଟେବୁଲ ଟେନିସ ସହିତ ଜିମ୍‌ନାସିୟମ ☞ପୃଷ୍ଠା-୧୦

ଲୋକ ସଭା ନିର୍ବାଚନ: ୧୩ ପରେ ତାରିଖ ଘୋଷଣା

ନୂଆଦିଲ୍ଲୀ,୨୩।୨

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଓ ତାଙ୍କ ଟିମ୍ ବିଭିନ୍ନ ରାଜ୍ୟ ଗସ୍ତକରି ସାଧାରଣ ନିର୍ବାଚନର ପ୍ରସ୍ତୁତି ସମୀକ୍ଷା କରୁଛନ୍ତି। ଏହି ମାରାଥନ୍ ଗସ୍ତ ଆସନ୍ତା ମାର୍ଚ୍ଚ ୧୩ରେ ଶେଷ ହେବା ପରେ ଲୋକ ସଭା ନିର୍ବାଚନ ତାରିଖ ଘୋଷଣା କରାଯାଇପାରେ। ସୁରୁଖୁରୁରେ ନିର୍ବାଚନ ପରିଚାଳନା ପାଇଁ ଏଥର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରାଯିବ ବୋଲି ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି।

ଭାରତର ନିର୍ବାଚନ କମିଶନ (ଇସିଆଇ) ଅଧିକାରୀମାନେ ବର୍ତ୍ତମାନ ତାମିଲନାଡୁରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରୁଛନ୍ତି। ଏହା ପରେ ସେମାନେ ଉତ୍ତର ପ୍ରଦେଶ ଓ ଜମ୍ମୁ-କଶ୍ମୀର ଯିବେ। ଏହି ରାଜ୍ୟ ଗସ୍ତ କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୧୩ରେ ସମ୍ପୂର୍ଣ୍ଣ ହେବ। ସୂଚନାନୁସାରେ କମିଶନ ଗତ କିଛି ମାସ ହେଲା ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସହ ଆଲୋଚନା ଚଳାଇଛନ୍ତି। ସିଇଓମାନେ ନିଜ ନିଜ ରାଜ୍ୟର ସମସ୍ୟା, ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ପରିବହନ, ସେମାନଙ୍କ ସୁରକ୍ଷା ବଳ ଆବଶ୍ୟକତା ଏବଂ ସୀମାଗୁଡ଼ିକରେ ସତର୍କତା ବୃଦ୍ଧି ସମ୍ପର୍କରେ ସିଇସିଙ୍କୁ ଅବଗତ କରାଉଥିବା ନେଇ କମିଶନଙ୍କ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆଗାମୀ ଲୋକ ସଭା ନିର୍ବାଚନକୁ ମୁକ୍ତ ଓ ନିରପେକ୍ଷ କରିବା ଲାଗି କମିଶନ ଏଆଇର ଉପଯୋଗ କରିବେ। ଏଆଇ ଜରିଆରେ ସୋସିଆଲ ମିଡିଆ ଏବଂ ଡିଜିଟାଲ ମିଡିଆ ☞ପୃଷ୍ଠା-୧୦

ରେଲୱେ ଅଧିକାରୀଙ୍କୁ ପ୍ରାଥମିକତା

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସାମ୍ପ୍ରତିକ ଧାରା ଏବଂ ତଥ୍ୟକୁ ବିଚାର କଲେ ଜଣାପଡ଼େ ଯେ, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ), ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ମୁଖ୍ୟ ଭିଜିଲାନ୍ସ ଅଧିକାରୀ (ସିଭିଓ) ନିଯୁକ୍ତିବେଳେ ଭାରତୀୟ ରେଳ ସେବା କ୍ୟାଡରର ଅଧିକାରୀଙ୍କୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ପ୍ରାଥମିକତା ଦେଇଥାଏ। ସମ୍ପ୍ରତି ଏହି ପଦବୀଗୁଡ଼ିକରେ ଏକ ଡଜନରୁ ଅଧିକ ଅଧିକାରୀଙ୍କ ନିଯୁକ୍ତିକୁ କେନ୍ଦ୍ର ସବୁଜ ସଙ୍କେତ ଦେଇଛି । ଉଲ୍ଲେଖଯୋଗ୍ୟ, ସେମାନଙ୍କ ମଧ୍ୟରୁ ଏକ ସିଂହଭାଗ ଭାରତୀୟ ରେଳ ସେବାରୁ ଆସୁଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ୪ଟି ସିଭିଓ ପଦବୀରେ ଆଇଟିଏସ୍, ଆଇଆର୍‌ଏସ୍, ଆଇଟି, ଆଇପି ଆଣ୍ଡ୍ ଟିଏ ଆଣ୍ଡ୍ ଏଫ୍‌ଏସ୍‌ର ଅଧିକାରୀ ରହିଛନ୍ତି ଏବଂ ଅବଶିଷ୍ଟ ଭାରତୀୟ ରେଳ ସେବାରୁ ଚୟନ କରାଯାଇଛି। ସିଭିସି ସହ ସଂଶ୍ଳିଷ୍ଟ ବ୍ୟକ୍ତିମାନେ କହନ୍ତି ଯେ, ବିଭିନ୍ନ ଭୌଗୋଳିକ କ୍ଷେତ୍ରରେ ପୁଞ୍ଜି ନିବେଶକାରୀ ପ୍ରକଳ୍ପଗୁଡ଼ିକର ପରିଚାଳନାରେ ରେଳ ଅଧିକାରୀଙ୍କର ବ୍ୟାପକ ଅଭିଜ୍ଞତା ହେତୁ ସେମାନେ ଅଧିକ ସୁବିଧା ପାଇଥାନ୍ତି। ଆଇପିଏସ୍, ଆଇଏଫ୍‌ଏସ୍, ଆଇଟିଏସ୍ ଏବଂ ଆଇଆର୍‌ଏସ୍ ସମେତ ଅନ୍ୟାନ୍ୟ କ୍ୟାଡର୍‌ର ଅଧିକାରୀମାନେ ମଧ୍ୟ ସିଭିଓ ଭଳି ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଏହା ସ୍ପଷ୍ଟ ଯେ, ଭାରତୀୟ ରେଳ ସେବା କ୍ୟାଡରର ଅଧିକାରୀମାନେ ଅନ୍ୟମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରିଥାନ୍ତି। କୌତୂହଳର ବିଷୟ, ତଥ୍ୟ ସୂଚିତ କରେ ଯେ, ଆଇଏଏସ୍ ଅଧିକାରୀମାନେ ସିଭିଓ ପୋଷ୍ଟଗୁଡ଼ିକୁ କମ୍ ପସନ୍ଦ କରନ୍ତି କିମ୍ବା ସେମାନଙ୍କୁ କମ୍ ପ୍ରାଥମିକତା ଦିଆଯାଇଥାଏ। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏକ କମିଟି ଦ୍ୱାରା ଭିଜିଲାନ୍ସ କମିଶନର (ଭିସି) ପଦ ପାଇଁ ବ୍ୟାଙ୍କ୍ ଅଫ ମହାରାଷ୍ଟ୍ରର ପରିଚାଳନା ନିର୍ଦ୍ଦେଶକ ଏ.ଏସ୍.ରାଜୀବଙ୍କୁ ମନୋନୀତ କରାଯାଇଥିଲା।

ବିଜ୍ଞାପନରେ ବାଧା

ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ନିୟାମକ ପ୍ରାଧିକରଣ ହେଉଛି କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ)। ଏବେ ଏହା ବିଭ୍ରାନ୍ତିକର ବିଜ୍ଞାପନ ପାଇଁ ଅନେକ ଆଇଏଏସ୍ କୋଚିଂ ପ୍ରତିଷ୍ଠାନକୁ ନୋଟିସ ଜାରି କରିଛି । ବିନା ଅନୁମତିରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଏହି ସଂସ୍ଥାଗୁଡ଼ିକୁ ବିଜ୍ଞାପନରେ ଟପ୍ପରଙ୍କ ବ୍ୟକ୍ତିଗତ ବିବରଣୀ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି କହିବା ସହ କୋଚିଂ ସଂସ୍ଥାଗୁଡ଼ିକର ବିଜ୍ଞାପନ କୌଶଳରେ ଲଗାମ ଲଗାଇବାକୁ ସିସିପିଏ ଲିଖିତ ନିର୍ଦ୍ଦେଶାବଳୀ ଜାରି କରିଛି । ସୂତ୍ରରୁ ପ୍ରକାଶ , ସିସିପିଏ ମୁଖ୍ୟ କମିଶନର ନିଧି ଖାରେ ସ୍ପଷ୍ଟ କରିଛନ୍ତି ଯେ, ଡିସେମ୍ବର ୨୦୨୩ରେ ଆଇଏଏସ୍ କୋଚିଂ ସଂସ୍ଥା ଦ୍ୱାରା ବିଭ୍ରାନ୍ତିକର ବିଜ୍ଞାପନର ତଦାରଖ କରିବା ପାଇଁ ଏକ କମିଟିର ଗଠନ କରାଯିବା ପରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି, ଆମେ ବହୁ ସମୟରେ ଲକ୍ଷ୍ୟ କରୁ ଯେ, ଶତ ପ୍ରତିଶତ ଚୟନ କିମ୍ବା କେବଳ ସବୁଠୁ ସ୍ୱତନ୍ତ୍ର ସଫଳ କାହାଣୀ ସମ୍ପର୍କରେ ବିଜ୍ଞାପନଗୁଡ଼ିକ ଦିଆଯାଇଥାଏ। ସଂସ୍ଥାଗୁଡ଼ିକ ଦ୍ୱାରା ବଢ଼େଇଚଢ଼େଇ କରି ଦାବି କରାଯାଇଥାଏ, ଯେପରି କି ୨୦୨୨ରେ ୟୁପିଏସ୍‌ସି ପରୀକ୍ଷାରେ ୯୩ୀ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିଲା ବେଳେ କେବଳ ୧୦ କୋଚିଂ ସେଣ୍ଟରର ବିଜ୍ଞାପନ ଦାବି କରିଥିଲେ ଯେ, ସେମାନଙ୍କ ସଂସ୍ଥାର ୩,୩୦୦ରୁ ଅଧିକ ପୂର୍ବତନ ଆଶାୟୀ କୃତକାର୍ଯ୍ୟ ହୋଇଥିଲେ। ଜାରି କରାଯାଇଥିବା ନିୟମାବଳୀ ଅନୁଯାୟୀ, କୋଚିଂ ସେଣ୍ଟର ସବୁ ସେମାନଙ୍କ ଛାତ୍ରମାନଙ୍କ ସଫଳତା ବିଷୟରେ ସ୍ୱଚ୍ଛ ହେବାକୁ ପଡ଼ିବ। ଏହା ସହ ନାମ, ପଦବୀ ଏବଂ ପାଠ୍ୟକ୍ରମର ଅବଧି ପରି ସବିଶେଷ ବିବରଣୀ ପ୍ରଦାନ କରିବାକୁ ହେବ।

ସୁପ୍ରିମକୋର୍ଟ ଓ ଡିଜିପି ନିଯୁକ୍ତି

ଯୋଗ୍ୟ ଅଧିକାରୀ ଥିବା ସତ୍ତ୍ୱେ କାର୍ଯ୍ୟନିର୍ବାହୀ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିଯୁକ୍ତି ଉପରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶନାମା ପାଳନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କେ. ଭାଲା ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଞ୍ଜାବ, ଉତ୍ତରପ୍ରଦେଶ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ମୁଖ୍ୟ ସଚିବଙ୍କୁ ଲେଖିଛନ୍ତି। ବିଶେଷକରି କାର୍ଯ୍ୟନିର୍ବାହୀ ରାଜ୍ୟ ପୋଲିସ ମୁଖ୍ୟ ନିଯୁକ୍ତି କରିବାର ପ୍ରଚଳିତ ଧାରା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ଜରୁରୀ ବୋଲି ସେ ଉଲ୍ଲେଖ କରିଛନ୍ତି। ପଞ୍ଜାବ ପୂର୍ବରୁ ଗୌରବ ଯାଦବଙ୍କ ନିଯୁକ୍ତି ଘଟଣାରେ ଏମ୍‌ଏଚ୍‌ଏର ନୋଟିସ ଗ୍ରହଣ କରିଥିବାବେଳେ ଉତ୍ତରପ୍ରଦେଶ ମାତ୍ର ୨୦ ମାସ ମଧ୍ୟରେ ଏହାର ଚତୁର୍ଥ କ୍ରମାଗତ କାର୍ଯ୍ୟନିର୍ବାହୀ ଡିଜିପି ନିଯୁକ୍ତ କରିଛି ଓ ଗତମାସରେ ପ୍ରଶାନ୍ତ କୁମାରଙ୍କୁ ଏହି ପଦବୀରେ ଅବସ୍ଥାପିତ କରିଥିଲା। ଡିଜିପିମାନଙ୍କ ପାଇଁ ପଦବୀରେ ସର୍ବନିମ୍ନ ଦୁଇ ବର୍ଷର କାର୍ଯ୍ୟକାଳ ସୁନିଶ୍ଚିତ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଯେଉଁ ନିର୍ଦ୍ଦେଶ ଅଛି ତାହାକୁ ରାଜ୍ୟଗୁଡ଼ିକ ମାନୁ ନାହାନ୍ତି। କେବଳ ଜମ୍ମୁ ଭଳି ୟୁନିଅନ ଅଞ୍ଚଳକୁ ଛାଡ଼ି ଏହି ନିର୍ଦ୍ଦେଶନାମା କେବଳ ରାଜ୍ୟଗୁଡ଼ିକ ପାଇଁ ପ୍ରଯୁଜ୍ୟ । ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ୟୁପି ଏବଂ ପଞ୍ଜାବରେ ଅସ୍ଥାୟୀ ଡିଜିପିଙ୍କ ଏହି ଧାରାରେ କେତେଜଣ ୧ବର୍ଷରୁ ଅଧିକ ସମୟ କାର୍ଯ୍ୟ କରୁଛନ୍ତି ଓ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଏହାକୁ ଖଣ୍ଡନ କରିଛନ୍ତି। ଏହା କେବଳ ଆଇନ ପ୍ରଣୟନକାରୀ ସଂସ୍ଥାର ସ୍ଥିରତା ଏବଂ କାର୍ଯ୍ୟକାରିତାକୁ କ୍ଷୁଣ୍ଣ କରୁ ନାହିଁ ବରଂ ଶାସନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଉପରେ ମଧ୍ୟ ପ୍ରଶ୍ନ ଉଠାଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ରାଜ୍ୟ ସରକାର ୟୁପିଏସ୍‌ସିରେ ଯୋଗ୍ୟ ଅଧିକାରୀଙ୍କ ଏକ ପ୍ୟାନେଲ ବା ନିଯୁକ୍ତି ତାଲିକା ପଠାଇବା ଉଚିତ ; ଯାହା ପ୍ୟାନେଲରୁ ୩ଜଣ ଅଧିକାରୀଙ୍କୁ ଚୟନ କରିବ ଏବଂ ପରେ ରାଜ୍ୟ ସରକାର ଏହି ପ୍ୟାନେଲରୁ ଜଣଙ୍କୁ ବାଛିବେ।

Email: dilipcherian@gmail.com

su|do|ku
Puzzles by Srikant Ghosh

ସୁ-ଡୋ-କୁ

	4		8			7		9
	2							
						8	3	
		5		9			2	
7		2						8
9	1				6		5	
		3						
						2	9	6
5			6	2			8	

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

8	6	4	5	7	1	9	3	2
9	5	3	4	2	8	6	1	7
2	1	7	9	3	6	8	4	5
3	2	9	8	4	7	5	6	1
1	4	8	6	5	9	2	7	3
6	7	5	2	1	3	4	9	8
4	8	1	7	9	2	3	5	6
7	9	6	3	8	5	1	2	4
5	3	2	1	6	4	7	8	9

ଗତକାଲିର ଉତ୍ତର

କୃଷକଙ୍କ ପ୍ରତି କ୍ରୂର କାହିଁକି

ଭାଲଚନ୍ଦ୍ର ଷଡ଼ଙ୍ଗୀ

ତିନିକୃଷି ଆଇନ ବିରୋଧରେ ଦେଶର କୃଷକମାନଙ୍କ ଐତିହାସିକ ଆନ୍ଦୋଳନର ସଫଳତାର ଦୁଇ ବର୍ଷ ପରେ କୃଷକମାନେ ପୁଣି ଥରେ ଆନ୍ଦୋଳନ କରିବା ଦେଖାଯାଇଛି। ଜାତୀୟସ୍ତରରେ କୃଷକ ସଙ୍ଗଠନମାନଙ୍କ ସର୍ବବୃହତ୍ ମିଳିତ ମଞ୍ଚ ରୂପେ ପରିଚିତ 'ସଂଯୁକ୍ତ କିଶାନ୍ ମୋର୍ଚ୍ଚା' ପକ୍ଷରୁ ଫସଲର ଏମ୍‌ଏସ୍‌ପି ପାଇଁ ଆଇନ ପ୍ରଣୟନ ଓ ଅନ୍ୟାନ୍ୟ ଦାବିରେ ଗତ ୧୬ ତାରିଖରେ 'ଗ୍ରାମୀଣ ଭାରତ ବନ୍ଦ'ର ଡାକରା ଦିଆଯାଇଥିବା ବେଳେ ଫେବୃଆରୀ ୧୩ ରେ ଆଉ କିଛି କୃଷକ ସଙ୍ଗଠନ ଦିଲ୍ଲୀ ଚାଲର ଡାକରା ଦେଇଥିଲେ। ତେବେ କେନ୍ଦ୍ର ସରକାର ଆନ୍ଦୋଳନରତ କୃଷକମାନଙ୍କ ସହ ସମ୍ବେଦନଶୀତା ପ୍ରଦର୍ଶନ କରି ସେମାନଙ୍କ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ସେମାନଙ୍କୁ କଥାବାର୍ତ୍ତା ନାଁରେ ଭ୍ରମିତ କରିବାକୁ ଚେଷ୍ଟା କରିଛନ୍ତି। ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ହରିୟାଣା ଓ ପଞ୍ଜାବର ଅନେକ ଜିଲାରେ ଗତ କିଛି ଦିନ ଧରି ଇଣ୍ଟରନେଟ୍‌କୁ ବନ୍ଦ କରାଯାଇଛି। ସରକାରଙ୍କ ରବର ବୁଲେଟ୍ ମାଡ଼ରେ ଅନେକ କୃଷକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜଣେ ପ୍ରାଣ ହରାଇଛନ୍ତି।

ଆନ୍ଦୋଳନକାରୀ କୃଷକମାନଙ୍କ ସବୁଠାରୁ ବଡ଼ ଦାବି ହେଉଛି, ଡ. ଏମ୍.ଏସ୍. ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ ସେମାନଙ୍କ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଧାର୍ଯ୍ୟ କରିବା ତଥା ଏମ୍‌ଏସ୍‌ପିକୁ ନିଶ୍ଚିତ କରିବା ପାଇଁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା। କୃଷକମାନଙ୍କ ଏହି ଦାବି କିନ୍ତୁ ନୂଆ ନୁହେଁ। ଏଠାରେ ଉଲ୍ଲେଖଯୋଗ୍ୟ, ତିନି କଳା କୃଷି ଆଇନର ପ୍ରତ୍ୟାହାର ଦାବିରେ ଦୁଇବର୍ଷ ତଳେ ହୋଇଥିବା ଆନ୍ଦୋଳନ ସମୟରେ କୃଷକମାନେ ଏହି ଦୁଇ ଦାବିକୁ ସରକାରଙ୍କ ପାଖରେ ଦୃଢ଼ ଭାବେ ଉପସ୍ଥାପନ କରିଥିଲେ। ସେତେବେଳେ ଏହା ଉପରେ ବିଚାରବିମର୍ଶ କରି ନିଷ୍ପତ୍ତି ନେବାକୁ ସରକାର ଏକ କମିଟି ଗଠନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ଅବଶ୍ୟ ଏ ସଂକ୍ରାନ୍ତରେ ଏକ କମିଟି ମଧ୍ୟ ଗଠନ ହୋଇଥିଲା। କିନ୍ତୁ ସେଥିରେ ଯେଉଁମାନେ ସଦସ୍ୟ ରହିଲେ, ସେମାନେ ପ୍ରାୟତଃ କୃଷକ ବିରୋଧୀ ଓ କର୍ପୋରେଟ୍ କୃଷିର ସମର୍ଥକ ଥିଲେ। ସେହି କାରଣରୁ କୃଷକମାନେ ସଂଯୁକ୍ତ କମିଟିର ସଦସ୍ୟ ହେବାକୁ ମନାକରି ତାକୁ ବର୍ଜନ କଲେ। ତେବେ କମିଟି ଗଠନ ପରଠାରୁ ଇତିମଧ୍ୟରେ ଦୁଇବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଏହା କୌଣସି ନିଷ୍କର୍ଷରେ ପହଞ୍ଚିପାରିଲା ନାହିଁ କି ସରକାରଙ୍କର ସେ ଦିଗରେ କୌଣସି ତତ୍ପରତା ରହିଥିବା ଦେଖାଗଲା ନାହିଁ।

କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ

ବିଭାଗ ଦ୍ୱାରା ଗଠିତ କମିଶନ୍ ଫର୍ ଏଗ୍ରିକଲ୍‌ଚର୍ କଷ୍ଟ୍ ଏଣ୍ଡ୍ ପ୍ରାଇସ୍ (ସିଏସିପି)ର ସୁପାରିସ ଅନୁଯାୟୀ କେନ୍ଦ୍ର ସରକାର ପ୍ରତିବର୍ଷ ଖରିଫ ଓ ରବିରନ୍ତୁ ପୂର୍ବରୁ ବିଭିନ୍ନ ଫସଲର ଦୁଇଥର ଏମ୍‌ଏସ୍‌ପି ଘୋଷଣା କରିଥା'ନ୍ତି। ସାଧାରଣତଃ ଫସଲର ଉତ୍ପାଦନ ଖର୍ଚ୍ଚକୁ ହିସାବ କରି ତା'ରି ସହିତ ୫୦% ଲାଭକୁ ଯୋଡ଼ି ଏମ୍‌ଏସ୍‌ପି ଧାର୍ଯ୍ୟ କରାଯାଇଥାଏ। ସାଧାରଣତଃ ଏମ୍‌ଏସ୍‌ପି ଧାର୍ଯ୍ୟ କରିବାର ତିନୋଟି ପଦ୍ଧତି ବା ଫର୍ମୁଲା ରହିଛି। ପ୍ରଥମଟି ହେଉଛି A2 ଅର୍ଥାତ୍ ଫସଲ ପାଇଁ ଆବଶ୍ୟକ ବିହନ, ସାର, କୀଟନାଶକ, କୃଷି ଶ୍ରମିକଙ୍କ ମଜୁରି ଓ ଜଳସେଚନ ପରି ଆନୁଷଙ୍ଗିକ ସମସ୍ତ ଖର୍ଚ୍ଚ ବା ଲଗୁତି ବାବଦରେ ହେଉଥିବା ସମସ୍ତ ବ୍ୟୟ (A2) ଏବଂ ତା' ଉପରେ ୫୦% ଲାଭ ଯାହାକୁ (A2+ ୫୦%)କୁହାଯାଏ। ଦ୍ୱିତୀୟଟି ହେଉଛି (A2 + FL) ଅର୍ଥାତ୍ ଫସଲର ଲଗୁତି ସହିତ କୃଷିରେ ନିୟୋଜିତ ଚାଷୀର ପରିବାର ସଦସ୍ୟମାନଙ୍କ ଶ୍ରମର ମୂଲ୍ୟ (Family Labour)କୁ ମିଶାଇ, ଯାହାକୁ A2 + FL କୁହାଯାଏ, ତା'ରି ଉପରେ ୫୦% ଲାଭ ଅର୍ଥାତ୍ (A2+ FL+୫୦%)। ତୃତୀୟଟି ହେଲା, A2 + FL ସହିତ ଜମିର ଭଡ଼ା (ଖଜଣା କିମ୍ବା ଭାଗଚାଷ ବାବଦରେ ଦେୟ) ଏବଂ କୃଷି ପାଇଁ ନିଆଯାଇଥିବା ଋଣର ସୁଧକୁ ମିଶାଇ ବ୍ୟୟ ଯାହାକୁ C2 କୁହାଯାଏ, ତା'ରି ଉପରେ ୫୦% ଅର୍ଥାତ୍ C2 + ୫୦%।

ଦେଶର କୃଷି ସଙ୍କଟର ଦୂରୀକରଣ ପାଇଁ ଅତୀତରେ ସରକାରଙ୍କ ଦ୍ୱାରା ବିଶିଷ୍ଟ କୃଷି ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ କୃଷକ କମିଶନ ତାଙ୍କ ରିପୋର୍ଟରେ ଉପରୋକ୍ତ ତିନୋଟି ପଦ୍ଧତି ମଧ୍ୟରୁ C2 + ୫୦%କୁ ହିଁ ସବୁଠାରୁ ଉପଯୁକ୍ତ ବୋଲି କହି ତାହାରି ଆଧାରରେ ଫସଲର ଏମ୍‌ଏସ୍‌ପି ଘୋଷଣା କରିବାକୁ ସୁପାରିସ କରିଥିଲେ। ଅତୀତରେ ଖୋଦ୍ ସିଏସିପି ୦୯ଟି ରାଜ୍ୟର ସରକାର ମଧ୍ୟ ଏହି ଫର୍ମୁଲାରେ ଏମ୍‌ଏସ୍‌ପି ଧାର୍ଯ୍ୟ କରିବାକୁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଥିଲେ। ଏପରିକି ୨୦୧୪ ନିର୍ବାଚନ ସମୟରେ ଆଜିର ଶାସକ ଭାଜପା ମଧ୍ୟ ତା'ର ନିର୍ବାଚନୀ ଇସ୍ତାହାରରେ କ୍ଷମତାକୁ ଆସିଲେ ଡ. ଏମ୍.ଏସ୍. ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ କୃଷକଙ୍କ ଉତ୍ପାଦିତ ଫସଲର ଏମ୍‌ଏସ୍‌ପି ନିର୍ଦ୍ଧାରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରିତାପର ବିଷୟ ହେଲା, କେନ୍ଦ୍ର ସରକାର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ନିକଟରେ ଦେଶର ଜଣେ ବଡ଼ କୃଷକ ନେତା ରୂପେ ପରିଚିତ ଚୌଧୁରୀ ଚରଣ ସିଂ ଓ ବିଶିଷ୍ଟ କୃଷି ବୈଜ୍ଞାନିକ ଡ. ଏମ୍. ଏସ୍. ସ୍ୱାମୀନାଥନଙ୍କୁ ଭାରତରତ୍ନ ଦେଲେ, କିନ୍ତୁ ସେମାନଙ୍କ ବିଚାର ଓ ପରାମର୍ଶକୁ ଲାଗୁ କରିବାକୁ ପ୍ରସ୍ତୁତ ନୁହନ୍ତି। ଆଶ୍ଚର୍ଯ୍ୟର କଥା, ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ C2+ ୫୦% ନିୟମରେ ଏମ୍‌ଏସ୍‌ପି ଦେବାକୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା କେନ୍ଦ୍ର ସରକାର ଗତ ଦଶବର୍ଷ ମଧ୍ୟରେ ତାକୁ ଲାଗୁ ତ କଲେ ନାହିଁ ବରଂ ସେପରି କଲେ ଖାଦ୍ୟଶସ୍ୟର ବିକ୍ରେତା କମ୍ପାନୀଙ୍କ ମୁକ୍ତ ବାଣିଜ୍ୟକୁ ବ୍ୟାଘାତ କରିବ ବୋଲି କହି ୨୦୧୫ରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିବାକୁ ବି ପଛେଇଲେ ନାହିଁ। A2 + FL ହିସାବରେ ଫସଲର ଏମ୍‌ଏସ୍‌ପି ନିର୍ଦ୍ଧାରଣ କରିବା ଦେଶର ଚାଷୀକୁଳଙ୍କୁ ଏକଦମ୍ ଶୋଷିତ ଓ ପ୍ରତାରିତ କରିଛି। ଅନ୍ତର୍ଜାତୀୟ ସଂସ୍ଥା 'ଓଇସିଡି'ର ରିପୋର୍ଟ ଅନୁସାରେ ଯଦି ଭାରତ ସରକାର C2 + ୫୦% ହିସାବରେ କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପି ପ୍ରଦାନ କରିଥା'ନ୍ତେ, ତାହେଲେ ୨୦୦୦-୨୦୧୫ ମଧ୍ୟରେ ଭାରତର କୃଷକମାନଙ୍କୁ ଅଧିକ ୪୫ ଲକ୍ଷ କୋଟି ଟଙ୍କା ମିଳିଥା'ନ୍ତା। ଦେଶର କୃଷକଙ୍କୁ ସେମାନଙ୍କ ନ୍ୟାୟସଙ୍ଗତ ପ୍ରାପ୍ୟରୁ ଏଭଳି ବଞ୍ଚିତ କରିଛନ୍ତି ବୋଲି କୁହାଯାଇପାରେ।

ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଆଇନକୁ ଏଡ଼ାଇବାକୁ ସରକାର ବିଭିନ୍ନ ଭୁଲ୍ ପ୍ରଚାର କରୁଛନ୍ତି। ଏହା କାର୍ଯ୍ୟକାରୀ ହେଲେ ସରକାରଙ୍କ ଅତିକମ୍‌ରେ ୧୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ବଜାରରେ ଦରଦାମ୍ ୨୫% ବୃଦ୍ଧି ପାଇବ ବୋଲି କୁହାଯାଉଛି। ଖୋଦ୍ କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୦ରେ ଦେଶର କୃଷିଜାତ ଦ୍ରବ୍ୟର ମୋଟ ମୂଲ୍ୟ ୪୦ ଲକ୍ଷ କୋଟି ଟଙ୍କା ଥିଲା। ସେଥିମଧ୍ୟରୁ ଏମ୍‌ଏସ୍‌ପିର ପରିଧିରେ ଆସୁଥିବା ଫସଲର ମୋଟ ମୂଲ୍ୟ ୧୦ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିବର୍ଷ ସରକାର ସର୍ବମୋଟ ୨.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରି ମାତ୍ର ୨୫% ଫସଲକୁ ହିଁ ଏମ୍‌ଏସ୍‌ପିରେ କ୍ରୟ କରିଥିଲେ। ତା'ହେଲେ ଫସଲ କିଣାରେ ୧୦ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ଆସିଲା କେଉଁଠୁ? ଅସଲ କଥା ହେଲା, ସରକାର ସେମାନଙ୍କ ସବୁ ଫସଲକୁ କିଣିବାକୁ କୃଷକମାନେ ଦାବି କରୁନାହାନ୍ତି। ଆଜି ବି ସେମାନେ କେବଳ ୨୫% ଫସଲକୁ ଛାଡ଼ିଦେଲେ ବଳକା ୭୫% ଫସଲକୁ ଖୋଲା ବଜାରରେ ଘରୋଇ ବେପାରୀମାନଙ୍କୁ ବିକ୍ରି କରୁଛନ୍ତି। ସେମାନଙ୍କର ଦାବି ହେଲା, ସେହି ୭୫% ଫସଲକୁ ଏମ୍‌ଏସ୍‌ପି ଦେଇ ଘରୋଇ ବେପାରୀ ଓ କମ୍ପାନୀଗୁଡ଼ିକ କିଣନ୍ତୁ ଏବଂ ସେଥିପାଇଁ ସେମାନେ ଆଇନ ଚାହୁଁଛନ୍ତି। ଆଜି ହୁଏତ କେନ୍ଦ୍ର ସରକାର ଘରୋଇ ବେପାରୀ ଓ କମ୍ପାନୀଙ୍କ ସ୍ୱାର୍ଥରେ ଏମ୍‌ଏସ୍‌ପ

ଆଧୁନିକ ଯୋଗାଯୋଗର ଭବିଷ୍ୟତ କେନ୍ଦ୍ର ହେବ: ଧର୍ମେନ୍ଦ୍ର

ଦକ୍ଷତା ବିକାଶ କେନ୍ଦ୍ର ଲୋକାର୍ପିତ

ଢେଙ୍କାନାଳ, ୨୩।୨ (ରତନ ନାୟାର)

ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ନିକଟରେ ନୂତନ ଭାବେ ନିର୍ମାଣ ହୋଇଥିବା ଦକ୍ଷତା ବିକାଶ କେନ୍ଦ୍ର ଆଧୁନିକ ଯୋଗାଯୋଗର ଭବିଷ୍ୟତ କେନ୍ଦ୍ର ହେବ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏହି ଦକ୍ଷତା ବିକାଶ କେନ୍ଦ୍ରକୁ ଲୋକାର୍ପଣ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଏକବିଂଶ ଶତାବ୍ଦୀର ଯୁବପିଢିଙ୍କ ଆକାଂକ୍ଷା ଓ ରୁଚିକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ରୋଜଗାର ଓ ସ୍ୱରୋଜଗାର ବଢ଼ାଇବା ଲକ୍ଷ୍ୟରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରରେ ଡିଜିଟାଲ ଦୁନିଆ ତଥା ସର୍ଭିସ ଇଣ୍ଡଷ୍ଟ୍ରିର ଆଧୁନିକ ସ୍କିଲିଂ ଟ୍ରେନିଂ ବ୍ୟବସ୍ଥା ଅଛି। ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନକୁ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଡିମ୍ଡ ୟୁନିଭର୍ସିଟିର ମାନ୍ୟତା ଦିଆଯାଇଛି। ଏଠାରେ ଉଦ୍‌ଘାଟିତ ଦକ୍ଷତା ବିକାଶ କେନ୍ଦ୍ର ଆଇଆଇଏମ୍‌ସି ଢେଙ୍କାନାଳ ସହ ଯୋଡ଼ିହେଲେ ଆଗାମୀ ଦିନରେ ଏହା ଢେଙ୍କାନାଳ

ଦକ୍ଷତା ବିକାଶ କେନ୍ଦ୍ରକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରୁଛନ୍ତି।

ମଡର୍ନ କମ୍ୟୁନିକେଶନର ଫ୍ୟୁଚରିଷ୍ଟିକ୍ ସେଣ୍ଟର ହୋଇପାରିବ। ଅନେକ ଛାତ୍ରୀଛାତ୍ର ଏହି ଦକ୍ଷତା ବିକାଶ କେନ୍ଦ୍ରର ଲାଭ ନେଇପାରିବେନ୍ଦ। ନୂଆ ପିଢ଼ିର ପିଲାଙ୍କୁ ଦକ୍ଷ କରିବା ପାଇଁ ପ୍ରଧାନମନ୍ତ୍ରୀ ବଦ୍ଧ ପରିକର। ନୂଆ ପିଢ଼ିର ଯୁବତୀ ଯୁବକମାନେ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍-ସ୍କିଲିଂ ସହ ଯୋଡ଼ିହୋଇ ନିଜକୁ ଦକ୍ଷ ବନାଇଲେ ହିଁ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏନ୍‌ଏସ୍‌ଡିସିର ସିଇଓ ତଥା ଇଣ୍ଟରନ୍ୟାଶନାଲ ଏମ୍‌ଡି ବେଦମଣି ତିୱାରୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ। ଢେଙ୍କାନାଳର ଏହି ପ୍ରଶିକ୍ଷଣ କେନ୍ଦ୍ରରେ ବର୍ଷକୁ ୧୨୦୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ପ୍ରଶିକ୍ଷଣ ନେଇପାରିବେ। ସ୍ୱଳ୍প ମୂଲ୍ୟରେ ୩ ମାସରେ ୮ଟି ବିଷୟ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସ୍କିଲ ଇଣ୍ଡିଆ ମିଶନ ଅଧୀନରେ ନିଉଏଜ୍ ସ୍କିଲ୍ସ, ଗ୍ରାଫିକ୍ସ ଡିଜାଇନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତି ସେବା ଫୁଡ ଆଣ୍ଡ୍ ବେଭେରେଜ୍ ସର୍ଭିସେସ୍ ଭଳି ବିଭିନ୍ନ କ୍ଷେତ୍ରରେ ଇଚ୍ଛୁକ ଯୁବତୀ ଯୁବକଙ୍କୁ ଏହି କେନ୍ଦ୍ରରେ ତାଲିମ ଦିଆଯିବ।

ଇଂଲିଶରେ କପିକରି ଧରାପଡ଼ିଲେ ୪୨ ପରୀକ୍ଷାର୍ଥୀ

ମାଟ୍ରିକ୍ ପରୀକ୍ଷା

କଟକ, ୨୩।୨ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ପରିଚାଳିତ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାର ଦ୍ୱିତୀୟ ଭାଷା ଇଂଲିଶରେ ୪୨ ଜଣ ପରୀକ୍ଷାର୍ଥୀ ଶୁକ୍ରବାର ମାଲପ୍ରାକ୍ଟିସ୍(ଏମ୍‌ପି) ହୋଇଛନ୍ତି। ସେମାନେ ପରୀକ୍ଷା ହଲ୍‌ରେ ଅସତ୍ ଉପାୟ ଅବଲମ୍ବନ କରି ଉତ୍ତର ଲେଖୁଥିବାବେଳେ ସ୍କ୍ୱାଡ୍ ହାତରେ ଧରାପଡ଼ିଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଅନୁଷ୍ଠିତ ମାତୃଭାଷା ପରୀକ୍ଷାରେ ମୋଟ୍ ୧୦ ପରୀକ୍ଷାର୍ଥୀ ଏମ୍‌ପି ହୋଇଥିଲେ। ପରୀକ୍ଷା ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ବୋର୍ଡ ପକ୍ଷରୁ ୪୨ଟି ସ୍କୋଶାଲ ସ୍କ୍ୱାଡ୍, ୭୨ ଫ୍ଲାଇଂ ସ୍କ୍ୱାଡ୍ ଓ ଜିଲା ପ୍ରଶାସନ ସ୍ତରରେ ଗୋଟିଏ ଲେଖାଏ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ସିସିଟିଭି ଜରିଆରେ ଆର୍ଟିଫିସିଆଲ ସର୍ଭିଲେନ୍ସ (ଏଆଇ) ଉପଯୋଗରେ ପରୀକ୍ଷା ପରିଚାଳନାକୁ ବୋର୍ଡ ମୁଖ୍ୟାଳୟରୁ ନିୟନ୍ତ୍ରଣ କରାଯାଉଛି। ପ୍ରଥମ ଦିନ ପରୀକ୍ଷାରେ କେତେକ ଅବ୍ୟବସ୍ଥା ଏଆଇ ମାଧ୍ୟମରେ ଧରାପଡ଼ିଥିଲା। ବୋର୍ଡ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏ ବାବଦରେ ଚିଠି ଦ୍ୱାରା ଅବଗତ କରାଯିବା ପରେ ସଂପୃକ୍ତ ଜିଲାର ଜିଲା ଶିକ୍ଷାଧିକାରୀମାନେ ଏନେଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାଟ୍ରିକ୍ ପରୀକ୍ଷା ସୂଚୀ ଅନୁଯାୟୀ, ଆସନ୍ତା ୨୬ରେ ଗଣିତ, ୨୮ରେ ତୃତୀୟ ଭାଷା, ମାର୍ଚ୍ଚ ୨ରେ ସାଧାରଣ ବିଜ୍ଞାନ ଓ ୪ ତାରିଖରେ ସାମାଜିକ ବିଜ୍ଞାନ ବିଷୟ ପରୀକ୍ଷା ହେବ।

୨୬ରେ ୫୫୪ ରେଳ ଷ୍ଟେଶନର ଶିଳାନ୍ୟାସ

- ୧୫୦୦ ଆର୍‌ଓବି, ଆର୍‌ୟୁବିର ହେବ ପୁନଃ ବିକାଶ
- ଓଡ଼ିଶାର ୨୧ ଷ୍ଟେଶନ ପାଇଁ ୯୦୦ କୋଟି ବ୍ୟୟ ବରାଦ

ଭୁବନେଶ୍ୱର, ୨୩।୨ (ଅନୁରାଧା ମହାରଣା)

ଦେଶର ରେଳ ଭିତ୍ତିଭୂମିରେ ପରିବର୍ତ୍ତନ ବ୍ୟାପକ ପରିବର୍ତ୍ତନ ହେଉଛି। ଆସନ୍ତା ୨୬ ତାରିଖରେ ୫୫୪ଟି ରେଳ ଷ୍ଟେଶନ, ୧୫୦୦ ରୋଡ୍ ଓଭର ବ୍ରିଜ (ଆର୍‌ଓବି) ଓ ରୋଡ୍ ଅଣ୍ଡର ବ୍ରିଜ୍ (ଆର୍‌ୟୁବି) ପ୍ରକଳ୍ପର ପୁନଃବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଳାନ୍ୟାସ କରିବେ। ଶୁକ୍ରବାର ରେଳ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ମନୋଜ ଶର୍ମା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୯୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶାରେ ୨୧ଟି ଅମୃତ ଷ୍ଟେଶନ ନିର୍ମାଣ ହେବ। ଏହି ତାଲିକାରେ ବିମଳାଗଡ଼, ଜରୋଲି, ରାଇରଙ୍ଗପୁର, ପାନପୋଷ, ବାଲେଶ୍ୱର, ବେତନଟୀ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ଼, ଭଦ୍ରକ, ବେଲପାହାଡ଼ ଓ ବ୍ରଜରାଜନଗର ଷ୍ଟେଶନ ରହିଛି। ଏହାବାଦ୍ ପୂର୍ବତଟ ରେଳପଥର ଜୋନ୍ (ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼) ମଧ୍ୟରେ ୭୯୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆଉ ୨୨ଟି ଅମୃତ ଭାରତ ରେଳ ଷ୍ଟେଶନରେ ଶିଳାନ୍ୟାସ କରାଯିବ। ଏହି ଷ୍ଟେଶନଗୁଡ଼ିକ ହେଲା ନଉପଡ଼ା, ସିଂହଚଲମ, ବବିଲି, ଶ୍ରୀକାକୁଲମ ରୋଡ୍, ପାର୍ବତୀପୁରମ୍, ଚିପୁରୁପାଲ୍ଲେ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ, ଭଦ୍ରକ, ଆରାକୁ, କୋଟାଭାଲାସା, ଇଚ୍ଛାପୁରମ୍ ଆଦି ରହିଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶରେ ଉଲ୍ଲେଖନୀୟ ପ୍ରୋତ୍ସାହନ ମିଳୁଛି। ଶିଳାନ୍ୟାସ ହେବାକୁ ଥିବା ପ୍ରକଳ୍ପ ମଧ୍ୟରେ ଓଡ଼ିଶାର ମୋଟ ୫୨ଟି ଆର୍‌ଓବି ଏବଂ ଆର୍‌ୟୁବି ରହିଛି। ଏଥିପାଇଁ ୧୪୨୦ କୋଟି ଟଙ୍କା ବ୍ୟୟମାଞ୍ଜୁର କରାଯାଇଛି। କେବଳ ପୂର୍ବତଟ ରେଳପଥ ଜୋନ୍‌ରେ ୧୨୮୮ କୋଟି ଟଙ୍କା ବ୍ୟୟରେ ୩୦ଟି ଆର୍‌ଓବି/ଆରୟୁବିର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି।

ଆଗ୍ନିକ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ନେଇ ଆଇନର ଆଶ୍ରୟ ନେବେ ଅକ୍ଷୟ

ଭୁବନେଶ୍ୱର, ୨୩।୨ (ସତ୍ୟଜିତ୍ ରାଉତ)

ରାଜ୍ୟ ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ କର୍ମଚାରୀମାନେ ଦୁଇଦଫା ଦାବି ନେଇ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଶୁକ୍ରବାର ପ୍ରତ୍ୟାହୃତ କରିନେଇଛନ୍ତି। ଏନେଇ ସଂଘ ସଭାପତି ତଥା ନୟାଗଡ଼ ଜିଲା ନୂଆଗାଁରେ କାର୍ଯ୍ୟରତ ମୁଖ୍ୟ ଆଗ୍ନିକ ଅକ୍ଷୟ ପ୍ରଧାନ ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ ଘୋଷଣା ପରେ ସମସ୍ତ ଆଗ୍ନିକ କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତେବେ ଅକ୍ଷୟଙ୍କୁ ବିଭାଗ ପକ୍ଷରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା କାରଣରୁ ସେ ଆଇନର ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି।

ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ, ଆଗ୍ନିକ ଗାଡିଚାଳକ ଓ ହାବିଲଦାର (ମୁଖ୍ୟ ଆଗ୍ନିକ, ଡ୍ରାଇଭର ହାବିଲଦାର)ଙ୍କୁ ପୂର୍ବପରି ଓଡ଼ିଶା ପୋଲିସ ସିପାହି ଓ ହାବିଲଦାରଙ୍କ ଦରମା ଏବଂ ଭତ୍ତା ସହ ସମାନ କରିବା, ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଂଘର ସରକାରୀ ପଞ୍ଜୀକରଣ କରିବା ଦାବିରେ ବୁଧବାରଠାରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ତେବେ ଏହି ଆନ୍ଦୋଳନ ଯୋଗୁ ଜରୁରୀକାଳୀନ ସେବା ବ୍ୟାହତ ହେବାର ଆଶଙ୍କା ଥିବାରୁ ଗୃହ (ସ୍ପେଶାଲ ସେକ୍ରେଟ୍) ବିଭାଗ ପକ୍ଷରୁ ଏହା ଉପରେ ଓଡିଶା ଏସେନ୍‌ସିଆଲ୍ ସର୍ଭିସେସ୍ (ମେଣ୍ଟେନାନ୍ସ) ଆକ୍ଟ (ଏସ୍‌ମା) ଲାଗୁ କରାଯାଇଛି। ଏହି ଆଇନ ଆଗାମୀ ୬ ମାସ ଯାଏ ବଳବତ୍ତର ରହିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଦାବି ପୂରଣ ନ ହେଲେ ଆଗକୁ ୫ ହଜାର କର୍ମଚାରୀ ଏବଂ ସେମାନଙ୍କ ପରିବାର ଜବାବ ଦେବେ ବୋଲି ଅକ୍ଷୟ ଚେତାବନୀ ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

JOB REQUIREMENT
REQUIRED SITE ENGINEER / SUPERVISOR / SURVEYOR IN PHD WORK FOR A LEADING CONSTRUCTION COMPANY AT DHENKANAL DISTRICT.
Salary is negotiable. Experience person is preferable.
Send your Profile via WhatsApp number - 7205058526

JOB REQUIREMENT
REQUIRED SECURITY GUARD FOR A LEADING CONSTRUCTION COMPANY AT DHENKANAL DISTRICT.
The Security Guard must be a:-
• Retired Odisha Police • Retired RPF
• Retired Army person • Sports person
Required 50 number of people. Salary is negotiable.
Send your Profile via WhatsApp number - 7205058526

WANTED
Lady Office Clerk
Free accommodation. Free fooding. Salary: Rs.10000/-.
Near Phulanakhara
7809525452

St. Xavier's High School (CBSE)
Chandiabiranchipur, Keonjhar
WANTED
PRT- English, Science, Social Sc.
TGT- English, Social Sc., Math, Science
Special Educator & Account Asst.
Email CV within 10 days:
st.xaviers2050@gmail.com
Mob.:7873158480

WANTED
ଧରିତ୍ରୀ Oriya daily
is looking for
SUBEDITOR-CUM-LAYOUT DESIGNERS
• Candidate must have at least 3 years experience in print media.
• Should have expertise in editing and translation.
• Should have a degree in Journalism.
• Proficiency in InDesign, Photoshop is a must.
Apply immediately to :
recruitment@dharitri.com
Attractive salary commensurate with experience

ବ୍ୟାଙ୍କ ଅଫ୍ ବରୋଦା Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର କ୍ଷେତ୍ର
୧ମ ମହଲା, ସା: ଖ୍ରୀଷ୍ଟିଆନପଡା, ଜିଏମ୍ କଲେଜ୍ ଛକ, ଜିଲ୍ଲା: ସମ୍ବଲପୁର-୭୬୮୦୦୧
ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସୁପରଭାଇଜର ନିଯୁକ୍ତି
ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର କଳାହାଣ୍ଡି, ମାଲକାନଗିରି, ଅନୁଗୁଳ, ସୁନ୍ଦରଗଡ, ନୂଆପଡା ଆଦି ଜିଲ୍ଲା ପାଇଁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କ ଠାରୁ ଅଫ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି।
• ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
• JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
• କମ୍ପ୍ୟୁଟର ଜ୍ଞାନ (MS Office, Email, Internet ଇତ୍ୟାଦି ଜ୍ଞାନ ଥିବା) ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc. (IT)/ BE (IT)/ MCA/ MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା ୨୧-୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।
ଅଧିକ ବିବରଣୀ ପାଇଁ ଆମ୍ବ ବ୍ୟାଙ୍କର ୱେବ୍‌ସାଇଟ୍ ଦେଖନ୍ତୁ।
https://www.bankofbaroda.in/career-detail.htm#tab-18
ଅଫ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୧୫.୦୩.୨୦୨୪
ତାରିଖ: ୨୨.୦୨.୨୦୨୪ ସ୍ଥାନ: ସମ୍ବଲପୁର
କ୍ଷେତ୍ରୀୟ ମୁଖ୍ୟ ସମ୍ବଲପୁର କ୍ଷେତ୍ର

MCL ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୫୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ସନ୍ଦର୍ଭ ସଂଖ୍ୟା .MCL/SBP/HQ/EE/2024/Advisor(Forest)/1718 ତାରିଖ: 19.02.2024
ଏମ୍‌ସିଏଲ୍‌ରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (ବନ)ଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି
ସରକାରୀ/ପିଏସ୍‌ୟୁରୁ ଅବସରପ୍ରାପ୍ତ ବ୍ୟକ୍ତିଙ୍କଠାରୁ ଚୁକ୍ତିଭିତ୍ତିରେ ପୂର୍ଣ୍ଣକାଳୀନ ଉପଦେଷ୍ଟା (ବନ) ପଦବୀ ନିମନ୍ତେ ଆବେଦନ ଆହ୍ୱାନ କରାଯାଉଛି। ପ୍ରାର୍ଥୀ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ହେବା ସହ ଅତିରିକ୍ତ ପ୍ରମୁଖ ବନ ସଂରକ୍ଷକ କିମ୍ବା ତତୁର୍ଦ୍ଧ୍ୱ ପଦବୀରେ କାର୍ଯ୍ୟ ସମ୍ପାଦନ କରିଥିବା ଏବଂ ଚୁକ୍ତି ଅବଧି ମଧ୍ୟରେ ୬୫ ବର୍ଷ ବୟସରୁ ଅଧିକ ହୋଇ ନ ଥିବା ଆବଶ୍ୟକ । ଯୋଗ୍ୟତାର ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ଅନୁଭବ/ଅଭିଜ୍ଞତା, କାର୍ଯ୍ୟ ପରିସର ସମେତ ସମ୍ପାଦନ କରିବାକୁ ଥିବା କାର୍ଯ୍ୟର ବିବରଣୀ ଏବଂ ଦରଖାସ୍ତ ଫର୍ମାଟ୍ ସମ୍ବଳିତ ସବିଶେଷ ବିବରଣୀ www.mahanadicoal.in ୱେବ୍‌ସାଇଟ୍ ଅନ୍ତର୍ଗତ Careers@mcl->Career News->Recruitment ଏବଂ ସିଆଇଏଲ୍ ୱେବ୍‌ସାଇଟ୍ www.coalindia.in ରେ ଉପଲବ୍ଧ। ଆବେଦନ ଗ୍ରହଣ କରିବାର ଅନ୍ତିମ ତାରିଖ 04.03.2024 ସନ୍ଧ୍ୟା 5.00 ଘଟିକା। ଦରଖାସ୍ତ ଫର୍ମାଟ୍ ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ। ଭଲଭାବେ ପୂରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକ ନଥିପତ୍ରଗୁଡ଼ିକର ସତ୍ୟାପିତ ନକଲ ପ୍ରାର୍ଥୀଙ୍କ ଦ୍ୱାରା ଉପ ମହାପ୍ରବନ୍ଧକ (Pers./EE), ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍, ସା/ପୋ: ଜାଗୃତି ବିହାର, ବୁର୍ଲା, ଜିଲା: ସମ୍ବଲପୁର-768020, ଓଡ଼ିଶାକୁ କେବଳ gm-ee.mcl@coalindia.in ଇମେଲ୍ ଆଇଡିରେ ପଠାଇବାକୁ ହେବ।
ସ୍ୱା/-
ଉପ ମହାପ୍ରବନ୍ଧକ (Pers/EE)
R-5194

ଭାବପ୍ରବଣ ହେଲେ ସତ୍ୟବାଦୀ ବିଧାୟକ

ସାକ୍ଷୀଗୋପାଳ,୨୩।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ବାରିକ)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁରୀ ଜିଲା ସତ୍ୟବାଦୀର ଏକ ମଣ୍ଡପରେ ଶୁକ୍ରବାର ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ ସଭା ପରିଚାଳନା କରିଥିଲେ। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, କଣାସ ବ୍ଲକ ସଭାପତି ସୁରେଶ କୁମାର ସାହୁ, ଜିଲା ମହିଳା ଉପସଭାପତି କନକଲତା ପଣ୍ଡାଙ୍କ ସମେତ ବହୁ ଦଳୀୟ ସରପଞ୍ଚ, ଜିଲାପରିଷଦ ସଭ୍ୟାସଭ୍ୟ, ସମିତି ସଭ୍ୟାସଭ୍ୟ ଏବଂ କର୍ମୀ ଉପସ୍ଥିତ ଥିଲେ। ସମ୍ପ୍ରତି ସୋସିଆଲ ମିଡିଆଠାରୁ ଆରମ୍ଭ କରି ସାଧାରଣରେ ପ୍ରଚାରିତ ହେଉଛି ଯେ, ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଏଥର ବ୍ରହ୍ମଗରର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ପ୍ରାର୍ଥୀ ହୋଇପାରନ୍ତି। ଏହି ଚର୍ଚ୍ଚାକୁ ନେଇ ବିଧାୟକ ସାମନ୍ତରାୟଙ୍କ ସମର୍ଥକମାନେ ବିରୋଧୀ ଗୋଷ୍ଠୀଙ୍କୁ ଟାର୍ଗେଟ କରିଛନ୍ତି। ଏହା ସାମନ୍ତରାୟଙ୍କ ବିରୋଧରେ ଅପପ୍ରଚାର ଓ ଚକ୍ରାନ୍ତ ବୋଲି ଶୁକ୍ରବାର ଅନୁଷ୍ଠିତ ବୈଠକରେ ବିଜେଡି କର୍ମୀମାନେ ମତ ପ୍ରକାଶ କରି ସମ୍ପୃକ୍ତ ଗୋଷ୍ଠୀକୁ ସମାଲୋଚନା କରିଥିଲେ। ସତ୍ୟବାଦୀରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟ ଓ ବିକାଶ ବହୁତ ଭଲ ହେଉଥିବାବେଳେ କୁଚକ୍ରୀ ଗୋଷ୍ଠୀଙ୍କ ଅପପ୍ରଚାର ଜିଲା ପର୍ଯ୍ୟବେକ୍ଷକ ଏବଂ ମୁଖ୍ୟମନ୍ତ୍ରୀଙ୍କ କାନରେ କାହିଁକି ପଡୁନାହିଁ ବୋଲି କର୍ମୀମାନେ ପ୍ରଶ୍ନ ଉଠାଇଥିଲେ। ଆଗକୁ ଯଦି ଦଳୀୟ ଆଧାରରେ କିଛି ଭୁଲ୍ ନିଷ୍ପତ୍ତି ନିଆଯିବ ତେବେ ଏହାକୁ ସାମ୍ନା କରିବାକୁ ସମସ୍ତେ ଶପଥ ନେଇଥିଲେ। ବିଧାୟକ ସାମନ୍ତରାୟ ଭାବପ୍ରବଣ ହୋଇ କହିଥିଲେ, ବିରୋଧୀ ଗୋଷ୍ଠୀ ଭୋଟ ବିଭାଜନ କରିବାକୁ ଏହି ସମୟରେ କାର୍ଯ୍ୟ କରିଥାନ୍ତି। ତଥାପି ଦଳକୁ ମୁଁ ସର୍ବଦା ପ୍ରାଧାନ୍ୟ ଦେଇଛି। ମୁଁ ସବୁବେଳେ ମୋ ନିର୍ବାଚନମଣ୍ଡଳୀର ଲୋକଙ୍କ ସହ ରହିଛି। ମୁଁ ଶେଷ ନଃଶ୍ୱାସ ଯାଏ ସତ୍ୟବାଦୀ ସେବାରେ ଜୀବନ ଉତ୍ସର୍ଗ କରିବି ବୋଲି ସାମନ୍ତରାୟ କହିଥିଲେ। ଆସନ୍ତା ମାର୍ଚ୍ଚ ୫ରେ ୩୦ ହଜାର ଲୋକଙ୍କ ଉପସ୍ଥିତିରେ ଶକ୍ତି ପ୍ରଦର୍ଶନ କରିବା ନେଇ ସେ ସୂଚନା ଦେଇଥିଲେ।

ବୈଠକରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି।

ବିଜେଡି ଅନ୍ତର୍ଦ୍ୱନ୍ଦ୍ୱ ଉପରେ ବିରୋଧୀଙ୍କ ନଜର

ଜଗତ୍‌ସିଂହପୁର, ୨୩।୨ (ପ୍ରମୋଦ କୁମାର ନାୟକ)

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ

ହିମାଂଶୁ ଭୂଷଣ ମଲ୍ଲିକ

ରାଜଶ୍ରୀ ମଲ୍ଲିକ

ରାଜକିଶୋର ବେହେରା

ବିଜୟଶଙ୍କର ଦାସ

ତିର୍ତ୍ତୋଲ ବିଧାନସଭା ଆସନ। ଜଗତ୍‌ସିଂହପୁର ଜିଲାର ଏହି ନିର୍ବାଚନ ମଣ୍ଡଳୀରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳ, ନିଶାମଣି ଖୁଣ୍ଟିଆ, ପ୍ରତାପ ଚନ୍ଦ୍ର ମହାନ୍ତି ଓ ନିତ୍ୟାନନ୍ଦ ସାମନ୍ତରାୟଙ୍କ ଭଳି ନେତା ବିଧାୟକ ହୋଇଥିଲେ। ୧୯୭୭ରୁ ୨୦୧୪ ପର୍ଯ୍ୟନ୍ତ ଦେଖିଲେ ଜଣାଯାଏ ଏହି ଆସନରୁ ଜନତା ଦଳ ପ୍ରାର୍ଥୀଙ୍କୁ ଥରେ ବିଧାୟକ ହେବାର ସୁଯୋଗ ମିଳିଥିବା ବେଳେ କଂଗ୍ରେସକୁ ୫ ଓ ବିଜେଡିକୁ ୩ ଥର ବିଧାୟକ ପଦବୀ ମିଳିଥିଲା। ୨୦୧୯ ସାଧାରଣ ଓ ୨୦୨୦ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ନବୀନମଣ୍ଡଳୀରେ ବିଜେଡ ସ୍ଥିତ ସୁଦୃଢ଼ ହୋଇଛି ସତ। କିନ୍ତୁ ଏହାଭିତରେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ି ଚାଲିଛି। ବିଶେଷକରି ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ବିଧାୟକ ବିଜୟଶଙ୍କର ଦାସଙ୍କ ଗୋଷ୍ଠୀ ଅନେକ ସମୟରେ ସାମ୍ନାସାମ୍ନି ହେଉଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ ୫୪.୧୮% ଭୋଟ ମିଳିଥିବା ବେଳେ ୨୦୨୦ ଉପନିର୍ବାଚନରେ ଏହି ଦଳ ସପକ୍ଷରେ ୨.୨୭% ଭୋଟ କମିଯାଇଥିଲା। ଅନୁରୂପ ଭାବେ ୨୦୧୯ରେ ଭାଜପା ସପକ୍ଷରେ ୩୦.୯୦% ଭୋଟ ଯାଇଥିବାବେଳେ ୨୦୨୦ ଉପନିର୍ବାଚନରେ ୨.୯୮% ଭୋଟ କମିଥିଲା। କିନ୍ତୁ କଂଗ୍ରେସ ପ୍ରାର୍ଥୀଙ୍କୁ ୨୦୧୯ ତୁଳନାରେ ୨୦୨୦ ଉପନିର୍ବାଚନରେ ୩.୫୧% ଅଧିକ ଭୋଟ ମିଳିଥିଲା। ଏସବୁ ଭିତରେ ଦିନକୁ ଦିନ ରାଜନୈତିକ ଚିତ୍ର ବଦଳୁଛି। ମୁଖ୍ୟତଃ ବିଜେଡି ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ଆଗକୁ ଗତ କେଉ ମୋଡ଼ ନେଉଛି ତାହା ଉପରେ ସମସ୍ତଙ୍କ ନଜର।

୫ ବର୍ଷ ପୂର୍ବରୁ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ପୂର୍ବତନ ଜିଲା ସଭାପତି ବିଷ୍ଣୁ ଚରଣ ଦାସ ଓ ବର୍ତ୍ତମାନର ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ବିଷ୍ଣୁ ଏକାଧିକ ଥର ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଧାୟକ ହୋଇଥିଲେ ସୁଦ୍ଧା ତିର୍ତ୍ତୋଲ ଉପରେ ନଜର ପକାଇବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଦଳ ୨୦୧୯ରେ ବିଷ୍ଣୁଙ୍କୁ ତିର୍ତ୍ତୋଲ ବିଧାନସଭା ଆସନ ପାଇ ଦଳୀୟ ପ୍ରାର୍ଥୀ ଘୋଷଣା କରିଥିଲା। ସେତେବେଳେ ରାଜଶ୍ରୀଙ୍କ ଅସହଯୋଗ ସତ୍ତ୍ୱେ ବିଷ୍ଣୁ ବିଜୟୀ ହୋଇଥିଲେ। ବିଷ୍ଣୁଙ୍କ ଦେହାନ୍ତ ଯୋଗୁ ୨୦୨୦ରେ ଉପନିର୍ବାଚନ ହୋଇଥିଲା। ସେତେବେଳେ ତାଙ୍କ ଏକମାତ୍ର ପୁଅ ବିଜୟଶଙ୍କରଙ୍କୁ ବିଜେଡି ଟିକେଟ ମିଳିଥିଲା। ବିଜୟଶଙ୍କର ଜିତିଥିଲେ। ତେବେ ରାଜଶ୍ରୀଙ୍କ ସହ ବିଜୟଶଙ୍କରଙ୍କ ବିବାଦ ପ୍ରଶମିତ ହେବା ପରିବର୍ତ୍ତେ ବଢ଼ିବା ସାଙ୍ଗଠନିକ କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ବର୍ତ୍ତମାନ ରାଜଶ୍ରୀ ଓ ବିଜୟଶଙ୍କର ତିର୍ତ୍ତୋଲ ବିଧାନସଭା ଆସନରୁ ଦଳୀୟ ଟିକେଟ ପାଇଁ ଲବି ଜାରି ରଖିଛନ୍ତି। ଇତିମଧ୍ୟରେ ବିଜୟଶଙ୍କରଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ନକରାତ୍ମକ ଚର୍ଚ୍ଚା ହେଉଥିବାରୁ ତାଙ୍କ ପ୍ରାର୍ଥିତ୍ୱ ବିବାଦରେ ରହିଛି ବୋଲି କେତେକ କହୁଛନ୍ତି। ତେବେ ଅନ୍ୟ ଆଶାୟୀଙ୍କ ମଧ୍ୟରେ ରମାକାନ୍ତ ଭୋଇ, ମିନତି ବେହେରା, ଯୁଧିଷ୍ଠିର ସେଠୀ, ମନୋଜ ବେହେରା ଓ ଦେବ ମଲ୍ଲିକ ପ୍ରମୁଖ ବିଜେଡି ପ୍ରାର୍ଥୀ ଦୌଡ଼ରେ ରହିଛନ୍ତି। ଯୁଧିଷ୍ଠିର ପୂର୍ବରୁ ଏସ୍‌ସିବି ମେଡିକାଲ କଲେଜ ପାଥୋଲୋଜି ବିଭାଗରେ ଚାକିରି କରିଥିଲେ। ଅତୀତରେ ପରୋକ୍ଷ ରାଜନୀତିରେ ଥିଲେ ସୁଦ୍ଧା ଅବସର ପରେ ପ୍ରତ୍ୟକ୍ଷ ମଇଦାନକୁ ଓହ୍ଲାଇଛନ୍ତି। ଯେହେତୁ ସେ ରଘୁନାଥପୁର ବ୍ଲକ ଅଞ୍ଚଳର ଏକମାତ୍ର ଆଶାୟୀ, ତେଣୁ ଦଳ ତାଙ୍କୁ ଟିକେଟ ଦେବ ବୋଲି ସେ ଆଶା ବାନ୍ଧିଛନ୍ତି। ରମାକାନ୍ତ ଭୋଇ ମଧ୍ୟ ଟିକେଟ ଦୌଡ଼ରେ ଆଗରେ ଅଛନ୍ତି। କାରଣ ରମାକାନ୍ତ ୨୦୧୪ ଓ ୨୦୧୯ରେ ଏହି ଆସନରୁ ଭାଜପା ପ୍ରାର୍ଥୀ ହୋଇ ଯଥାକ୍ରମେ ୧୪,୫୧୬ ଏବଂ ୫୩,୫୮୧ ଭୋଟ ପାଇଥିଲେ। ପରେ ବିଜେଡିରେ ସାମିଲ ହୋଇଥିଲେ। ତେଣୁ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିପାରେ ବୋଲି ରମାକାନ୍ତ ଆଶାବାଦୀ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ମଧ୍ୟ ଟିକେଟ ପାଇବା ପାଇଁ ଲବି କରୁଛନ୍ତି। ସେହିପରି ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା ଓ ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ବିଜେଡି ଟିକେଟ ଦୌଡ଼ରେ ରହିଛନ୍ତି। ଦଳ ଏମାନଙ୍କ ଭିତରୁ କାହାକୁ ଟିକେଟ ଦେଉଛି କି ଅନ୍ୟ ନିର୍ବାଚନମଣ୍ଡଳୀର ନେତାଙ୍କୁ ପ୍ରାର୍ଥୀ କରୁଛି, ତାହା ସ୍ପଷ୍ଟ ହୋଇପାରିନାହିଁ।

କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ ୨୦୨୦ ଉପନିର୍ବାଚନରେ ପ୍ରଥମ କରି ପ୍ରାର୍ଥୀ ହୋଇ ୨୮,୭୭୮ ଖଣ୍ଡ ଭୋଟ ପାଇଥିଲେ, ଯାହାକି ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ମିଳିଥିବା ଭୋଟଠାରୁ ପାଖାପାଖି ୫ ହଜାର ଅଧିକ। ଏବେ ହିମାଂଶୁ ୬୧ ଦିନରେ ୬୧ ପଞ୍ଚାୟତ ବୁଲିବା ଲକ୍ଷ୍ୟ ରଖି ଗାଁ ବୁଲୁଛନ୍ତି। ଲୋକଙ୍କ ଅଭାବ, ଅସୁବିଧା ବୁଝି ପ୍ରତିକାର ପାଇଁ ଚେଷ୍ଟା କରୁଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ବିଜେଡି ଗୋଷ୍ଠୀ କନ୍ଦଳ ବଢ଼ି ଚାଲିଥିବାରୁ ଏହାର ଫାଇଦା କଂଗ୍ରେସ ହାତକୁ ଯିବା ସମ୍ଭାବନା ସୃଷ୍ଟି ହୋଇଛି। ଆଗାମୀ ନବୀନଙ୍କର ଦଳ ତାଙ୍କୁ ଟିକେଟ ଦେବ ଏବଂ ସେ ବିଜୟଲାଭ କରିବେ ବୋଲି ଆଶାବାଦୀ ଥିବା କହିଛନ୍ତି। ଭାଜପା ନେତା ଆଇନଜୀବୀ ରାଜକିଶୋର ବେହେରା କହିଛନ୍ତି ଗତ ଉପନିର୍ବାଚନରେ ଏହି ଆସନରେ ସେ ଭାଜପା ପ୍ରାର୍ଥୀ ହୋଇ ୪୬,୬୦୭ ଖଣ୍ଡ ଭୋଟ ପାଇଥିଲେ। ଏଥର ସେ, କି ଆଉ କିଏ ପ୍ରାର୍ଥୀ ହେବେ ଜଣାନାହିଁ। କିନ୍ତୁ ବିଜେଡି ଉପରେ ଲୋକେ ଅତିଷ୍ଠ ହୋଇ ଭାଜପା ଆଡ଼କୁ ଢଳୁଥିବା ଲକ୍ଷ୍ୟ କରାଯାଉଥିବା କହିଛନ୍ତି। ବିଜେଡି ଗୋଷ୍ଠୀ ବିବାଦ ମଧ୍ୟ ତାତି ଉଠିଲାଣି। ବିକଳ୍ପ ସ୍ୱରୂପ ଲୋକେ ନରେନ୍ଦ୍ର ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରି ଭାଜପା ପ୍ରାର୍ଥୀଙ୍କୁ ଜିତାଇବେ ବୋଲି ସ୍ପଷ୍ଟ ବାରି ହେଉଥିବା ବେହେରା କହିଛନ୍ତି।

ବିଜେଡି, ଭାଜପା କନ୍ଦଳରେ କଂଗ୍ରେସ ଖୁସ୍

ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ

ଖୋର୍ଦ୍ଧା,୨୩।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ଅତୀତରେ କମ୍ୟୁନିଷ୍ଟ ନେତା ଗଙ୍ଗାଧର ପାଇକରାୟ, ସତ୍ୟାନନ୍ଦ ଚମ୍ପତିରାୟ, ଚିନ୍ତାମଣି ପାଣିଗ୍ରାହୀ, ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ପ୍ରଶାନ୍ତ ନନ୍ଦ ପ୍ରମୁଖ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। ଜାନକୀ ବଲ୍ଲଭ ଓ ପ୍ରଶାନ୍ତ ନନ୍ଦ ଏଠାରୁ ୨ଥର ନିର୍ବାଚିତ ହୋଇଥିଲେ। ଯଦିଓ ଏଠାରେ ନେତୃତ୍ୱର ଅଭାବ ନ ଥିଲା, ତଥାପି ବାହାର ନେତାଙ୍କୁ ଏକାଧିକ ସୁଯୋଗ ମିଳିଛି। ୨୦୦୦ ମସିହାରୁ ଏହି ଆସନ ବିଜେଡି ଦଖଲରେ ରହିଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ସମୀକରଣ ବଦଳିବା ନେଇ ଚର୍ଚ୍ଚା ହେଉଛି।

ଏହି ଆସନ ଅଧୀନରେ ବେଗୁନିଆ ଓ ବୋଲଗଡ ବ୍ଲକ ରହିଛି। ଗତ ପଞ୍ଚାୟତ ନିର୍ବାଚନକୁ ଦେଖିଲେ ସେବେଠାରୁ ଏଠାରେ ଶାସକ ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଲାଗି ରହିଛି। ବର୍ତ୍ତମାନର ବିଧାୟକ ରାଜେନ୍ଦ୍ର ସାହୁ ଏବଂ କଂଗ୍ରେସରୁ ଆସି ବିଜେଡିରେ ଯୋଗଦାନ ପରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିବା ପ୍ରଦୀପ ସାହୁଙ୍କ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଛକାପଞ୍ଝା ଚାଲିଥିବା ସାଧାରଣରେ ଜଣାଶୁଣା। ଏପରିକି ଏକାଧିକ ଥର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ ଗଣମାଧ୍ୟମର ଶିରୋନାମା ପାଲଟିଛନ୍ତି। ଗତ ୧୯ ତାରିଖ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଫାସିଓଦା ପଞ୍ଚାୟତ ଟାଙ୍ଗିସାହିଠାରେ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଗାଡ଼ିକୁ ଅଣ୍ଡାମାଡ଼ ହୋଇଥିଲା। ଦଳୀୟ କନ୍ଦଳ ଯୋଗୁ ଏହି ଅଣ୍ଡା ମାଡ଼ ହୋଇଥିବା ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ ବିଧାୟକ ମୁହଁ ଖୋଲି ନ ଥିଲେ ମଧ୍ୟ ବିଜେଡିରେ ରହିଥିବା ଅନ୍ତର୍ଦ୍ୱନ୍ଦ୍ୱ ପଦାକୁ ଆସିଛି। ନିକଟରେ ସାରୁଅରେ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର ଓ ପ୍ରଦୀପ ସାହୁ ଗୋଟିଏ କାର୍ଯ୍ୟକ୍ରମକୁ ଯାଉଥିବା ବେଳେ ବିଧାୟକଙ୍କ ଗୋଷ୍ଠୀ ପ୍ରଦୀପଙ୍କୁ ତୀବ୍ର ବିରୋଧ କରିଥିଲେ। ଏପରି କି ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପଙ୍କୁ ଅଞ୍ଚଳବାସୀ ପଞ୍ଚାୟତରେ ପୂରାଇ ଦେଇ ନ ଥିବା ଆଲୋଚନା ହୋଇଥିଲା।

ଶାସକ ଦଳର ଗୋଷ୍ଠୀକନ୍ଦଳ ଏବେ କଂଗ୍ରେସକୁ ଫାଇଦା ହେବ ବୋଲି ଲୋକେ କହିଲେଣି। ସେପଟେ ଏଠାରୁ ଭାଜପା କାହାକୁ ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରାଇବ ଜଣାପଡ଼ିନାହିଁ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁଣି ଥରେ ଲୋକ ସଭା ନିର୍ବାଚନ ଲଢ଼ି ବିଜୟଲାଭ କରିବେ ବୋଲି ଆଶା ବାନ୍ଧି ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ତେଣୁ ତାଙ୍କୁ ସୁହାଇଲା ଭଳି କିଏ ବିଧାନସଭା ଆସନ ଲାଗି ପ୍ରାର୍ଥୀ ହେବେ, ତାହା ଉପରେ ଦଳୀୟ କର୍ମୀଙ୍କ ନଜର। କୁହାଯାଉଛି, ଭାଜପାରେ ଅପରାଜିତାଙ୍କ ଏକଚ୍ଛତ୍ରବାଦକୁ ଦଳରେ ଏକ ଗୋଷ୍ଠୀ ବିରୋଧ କରୁଛନ୍ତି। ଦଳରେ ଅପରାଜିତାଙ୍କ ପ୍ରତି ଅସନ୍ତୋଷ କୁହୁଳିବାରେ ଲାଗିଛି। ପ୍ରଚାର ମଇଦାନରେ ବିଜେଡି ଆଗରେ ରହିଥିବା ବେଳେ ସେଥିରେ ଯେଭଳି ଗୋଷ୍ଠୀ କନ୍ଦଳ ସମସ୍ୟା ହୋଇଛି, ଅନୁରୂପ ସ୍ଥିତି ଭାଜପାର। ଅନ୍ୟପଟେ ଜାନକୀଙ୍କ ପରେ ଦୁର୍ବଳ ହୋଇପଡିଥିବା କଂଗ୍ରେସ ଏବେ ପୁଣି ଥରେ ଅଣ୍ଡା ସଳଖୁଛି। ଏଠାରୁ ଜାନକୀଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଦଳୀୟ ଟିକେଟରେ ପ୍ରାର୍ଥୀ ହେବା ଏକପ୍ରକାର ସ୍ଥିର ହୋଇଯାଇଛି । ଗତ କିଛି ମାସ ତଳେ ପିସିସି ସଭାପତି ଖୋର୍ଦ୍ଧାରେ ଆୟୋଜିତ ସମାବେଶରେ ପୃଥ୍ୱୀବଲ୍ଲଭଙ୍କ ନାମ ଘୋଷଣା କରି ସାରିଛନ୍ତି ବୋଲି କୁହାଯାଉଛି। ବେଗୁନିଆରେ ଦଳୀୟ ସଙ୍ଗଠନର ମଙ୍ଗ ଧରିଛନ୍ତି ପୃଥ୍ୱୀବଲ୍ଲଭ। ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ନେତୃତ୍ୱରେ ପଞ୍ଚାୟତ ଓ ଜିଲା ପରିଷଦ ଆସନରେ ପ୍ରାର୍ଥୀମାନେ ଲଢ଼ିଥିଲା। ଏବେ ସେ ଗାଁକୁ ଗାଁ ବୁଲିବାରେ ଲାଗିଛନ୍ତି। ସବୁଠି ତାଙ୍କୁ ଲୋକେ ଶୁଭେଚ୍ଛା ଜଣାଇ ଏଥର ପୃଥୀବଲ୍ଲଭ ବୋଲି କହିବା ଆରମ୍ଭ କଲେଣି।

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରେ ଏହି ଆସନ କଂଗ୍ରେସ ହାତରୁ ଖସିଯାଇଥିଲା। ପରବର୍ତ୍ତୀ ସମୟରେ ବିଜେଡି ଏବଂ ଭାଜପା ଏଠାରୁ ସୁଦୃଢ଼ ହୋଇଥିବା ବେଳେ ଏବେ ପୁଣି ଥରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ରାଜନୈତିକ ସମୀକରଣ ବଦଳିବ ବୋଲି ଲୋକେ କୁହାକୁହି ହେଲେଣି। ଏହି ଆସନରୁ ପୃଥୀବଲ୍ଲଭ ପୁଣି ଥରେ କଂଗ୍ରେସ ଧ୍ୱଜା ଉଡ଼ାଇବେ ବୋଲି ଦଳୀୟ ନେତା, କର୍ମୀ ଆଶା ବାନ୍ଧିଛନ୍ତି। ତେବେ ଭୋଟର କାହା ଉପରେ ଆସ୍ଥା ଓ ବିଶ୍ୱାସ କରିବେ, ତାହା ସବୁଠୁ ବଡ଼ କଥା।

କଂଗ୍ରେସ ଟିକେଟ ଆଶାୟୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

ଲୋକ ଯୋଗାଡ଼କରି ଟଙ୍କା ମାଗିବାରୁ ଛୁରା ମାଡ଼

ବେତନଟୀ,୨୩।୨(ଧରଣୀଧର ମହାନ୍ତି)

ରାଜନୈତିକ ସମାବେଶ ପାଇଁ ଲୋକ ଯୋଗାଡ଼ କରି ଟଙ୍କା ମାଗିବାରୁ ଛୁରା ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ବାରିପଦା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ଦୁର୍ଗାପୁରଠାରେ ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମନୋରଞ୍ଜନ ସେଠୀ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ବେତନଟୀ ଥାନା ଅଧୀନ ତୁଳସୀତଉରା ଗ୍ରାମର ସୁମନ ମହାନ୍ତ ସେହି ଗ୍ରାମର ଜୟରୁଧର ମହାନ୍ତଙ୍କ ମାଧ୍ୟମରେ ପ୍ରାୟ ୪୦ ବାଇକ୍ ଚାଳକଙ୍କୁ ଉକ୍ତ ମିଶ୍ରଣ ପର୍ବରେ ଯୋଗଦେବା ପାଇଁ ଚୁକ୍ତି କରିଥିଲେ। ମିଶ୍ରଣ ପର୍ବରେ ବାଇକ୍ ଆରୋହୀମାନେ ଯୋଗଦେଇ ଫେରିବା ପରେ ଚୁକ୍ତି ଅନୁଯାଇ ସୁମନଙ୍କୁ ଟଙ୍କା ମାଗିବା ପାଇଁ ଜୟରୁଧର ଯାଇଥିଲେ। ମାତ୍ର ସୁମନ ଟଙ୍କା ନ ଦେଇ ଉତ୍କ୍ଷିପ୍ତ ହୋଇ ଜୟରୁଧରଙ୍କୁ ଛୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ସୁମନଙ୍କୁ ଥାନାରେ ଅଟକ ରଖିଛି।

୨୬ରେ ଲୋକସେବା ଭବନ ଘେରିବ କଂଗ୍ରେସ

ଭୁବନେଶ୍ୱର,୨୩।୨(ସୁନିତ୍ ମିଶ୍ର)

ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ, ବେକାରି ସମସ୍ୟା ଆଦିସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ୧ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି, ୨୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି, ପାନୀୟଜଳ ଯୋଗାଣରେ ୩୩ ହଜାର କୋଟିର ଠିକା ଦୁର୍ନୀତି, ବିଦ୍ୟୁତ୍‌ସେବା ଭିତ୍ତିଭୂମି ଆଳରେ ୩୫ ହଜାର କୋଟି ଟଙ୍କାର ଦୁ

ସଂକ୍ଷେପରେ

ଏକ୍ସମେଲ୍ ଆଣିବେ ମସ୍କ

ୱାଶିଂଟନ,୨୩।୨: ଜିମେଲ୍‌ର ବିକଳ୍ପ ଭାବେ ଏକ୍ସମେଲ୍ ଖୁବ୍‌ଶୀଘ୍ର ଆସିବ ବୋଲି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ର ମାଲିକ ଏଲନ୍ ମସ୍କ ସୂଚନା ଦେଇଛନ୍ତି। ତେବେ କେବେଠାରୁ ଏକ୍ସମେଲ୍ ଉପଲବ୍ଧ ହେବ ତାହା ସେ ଜଣାଇ ନାହାନ୍ତି। ନିଜର ଚାଟ୍ ଜିପିଟି ଭର୍ସନ ଉନ୍ମୋଚନ କରିବା ଅବସରରେ ଆଗକୁ ଏକ୍ସମେଲ୍ ଲଞ୍ଚ ହେବାକୁଯାଉଛିବୋଲିମସ୍କସ୍ପଷ୍ଟକରିଥିଲେ। ଫଳରେ ଏହା ଗୁଗଲ୍‌ର ଜିମେଲ୍ ସେବା ସହ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆ ନେଟ୍‌ୱର୍କରେ ଏକ ଜାଲ୍ ଫଟୋ ପ୍ରସାରିତ ହେବା ପରେ ଜିମେଲ୍ ବନ୍ଦ ହୋଇଯିବା ନେଇ ଗୁଜବ ପ୍ରକାଶ ପାଇଛି।

ରୁଷିଆ ଉପରେ ସାନି କଟକଣା ଲଗାଇଲେ ଆମେରିକା, ଇୟୁ

ୱାଶିଂଟନ,୨୩।୨: ୟୁକ୍ରେନ୍ ଉପରେ ଆକ୍ରମଣକୁ ୨ ବର୍ଷ ପୂରିବାକୁ ଯାଉଥିବାବେଳେ ଏବଂ ଗତ ସପ୍ତାହରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଦୃଢ଼ ସମାଲୋଚକ ବିରୋଧୀ ଦଳ ନେତା ଏଲେକ୍ସି ନାଭାଲ୍‌ନିଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାର ଜବାବରେ ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ) ରୁଷିଆ ଉପରେ ସାନିକଟକଣା ଲଗାଇଛନ୍ତି। ରୁଷିଆ ଓ ଏହାର ଯୁଦ୍ଧାସ୍ତ୍ର ଉପରେ ଆମେରିକା ୫୦୦ରୁ ଅଧିକ ନୂଆ କଟକଣା ଲଗାଇଛି। ୨୦୨୨ ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଆକ୍ରମଣ କରିବା ପରଠାରୁ ଏହା ଏକାଥରକେ ସର୍ବାଧିକ କଟକଣା। ୫ଟି ସଂଘୀୟ ମାମଲାରେ ରୁଷିଆର ଦ୍ୱିତୀୟ ବୃହତ୍ ବ୍ୟାଙ୍କର ମୁଖ୍ୟ ଏବଂ ଅନ୍ୟ ବ୍ୟବସାୟୀ ଓ ସେମାନଙ୍କ ମଧ୍ୟସ୍ଥମାନଙ୍କୁ ଟାର୍ଗେଟ କରାଯିବା ସହ ଅନେକଙ୍କୁ ଗିରଫ କରାଯାଇଛି। ସେହିପରି ରୁଷିଆକୁ ଦ୍ୱୈତ ବ୍ୟବହାର୍ଯ୍ୟ ସାମଗ୍ରୀ ରପ୍ତାନି କରୁଥିବା କେତେକ ବିଦେଶୀ କମ୍ପାନୀ ବିରୋଧରେ ଇୟୁ କଟକଣା ଲଗାଇଛି। ସେମାନେ ରପ୍ତାନି କରୁଥିବା ସାମଗ୍ରୀ ୟୁକ୍ରେନ୍ ବିରୋଧରେ ଯୁଦ୍ଧରେ ବ୍ୟବହାର କରାଯାଇପାରେ ବୋଲି ଆଶଙ୍କା କରାଯାଉଛି। ରୁଷିଆର ନ୍ୟାୟ ବିଭାଗ ସଦସ୍ୟଙ୍କ ସମେତ ସ୍ଥାନୀୟ ରାଜନେତା ଓ ଅଫିସରମାନଙ୍କୁ ଇୟୁ ଟାର୍ଗେଟ କରିଛି।

ଭାରତ, ମାଳଦ୍ୱୀପ, ଶ୍ରୀଲଙ୍କା ତଟସୁରକ୍ଷା ବଳର ସମରାଭ୍ୟାସ

ମାଲେ,୨୩।୨(ପି.ଟି.): ସାମୁଦ୍ରିକ ସୁରକ୍ଷା ଏବଂ ଯୋଗାଯୋଗ ତଥା ସୂଚନା ଆଦାନପ୍ରଦାନ ବଢ଼ାଇବା ଲକ୍ଷ୍ୟରେ ଭାରତ, ମାଳଦ୍ୱୀପ ଓ ଶ୍ରୀଲଙ୍କାର ତଟସୁରକ୍ଷା ବାହିନୀ ଯବାନମାନେ ୪ ଦିନିଆ ସମରାଭ୍ୟାସରେ ନିୟୋଜିତ ହୋଇଛନ୍ତି। ଭାରତ ମହାସାଗର ଅଞ୍ଚଳରେ ବଢୁଥିବା ସାମୁଦ୍ରିକ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ଏହି ତ୍ରିପାକ୍ଷିକ ଯୁଦ୍ଧାଭ୍ୟାସର ଲକ୍ଷ୍ୟ। 'ଦୋସ୍ତି-୧୬' ସମରାଭ୍ୟାସ ପାଇଁ ଭାରତୀୟ ତଟସୁରକ୍ଷା ଜାହାଜ ସମର୍ଥ ଏବଂ ଅଭିନବ ସହ ଶ୍ରୀଲଙ୍କା ନୌସେନା ଜାହାଜ ସମୁଦୁରା ଗୁରୁବାର ମାଲେ ଉପକୂଳରେ ପହଞ୍ଚିଥିଲା। ଏଥିରେ ବାଂଲାଦେଶ ଏକ ପର୍ଯ୍ୟବେକ୍ଷକ ଦେଶ ଭାବେ ଯୋଗଦେଇଛି। ଭାରତୀୟ ତଟସୁରକ୍ଷା ବାହିନୀର ହେଲିକପ୍ଟର ଡୋର୍ନିଅର ମଧ୍ୟ ସମରାଭ୍ୟାସରେ ସାମିଲ ହୋଇଛି।

ଆସାମରେ ଉଚ୍ଛେଦ ଅଶାନ୍ତି

ଚାରଣଭୂଇଁରୁ ହଟିବେ ୧୦,୦୦୦ ବେଆଇନ ଅଧିବାସୀ

ସ୍ୱୟଂଶାସିତ ରାଜ୍ୟ ଦାବିରେ ଅଟୋନମସ୍ ଷ୍ଟେଟ୍ ଡିମାଣ୍ଡ୍ କମିଟି ୟୁଥ୍ ଫ୍ରଣ୍ଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନବେଳର ଦୃଶ୍ୟ। (ଫାଇଲ୍ ଫଟୋ)

ଗୁଆହାଟୀ,୨୩।୨

ଉତ୍ତର ପୂର୍ବାଞ୍ଚଳର ଭାଜପା ଶାସିତ ରାଜ୍ୟ ଆସାମରେ ସମ୍ଭାବ୍ୟ ଉଚ୍ଛେଦକୁ ନେଇ ଅଶାନ୍ତି ଦେଖାଦେଇଛି। କେତେକ ଚାରଣଭୂଇଁରୁ ୧୦ ହଜାର ବେଆଇନ ଅଧିବାସୀଙ୍କୁ ହଟାଇବା ପାଇଁ ରାଜ୍ୟରେ ଦାବି ହେଉଥିବାବେଳେ ଗତମାସରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସେମାନଙ୍କୁ ବିସ୍ଥାପିତ ହେବାକୁ ଦିଆଯିବ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। ତେବେ ପ୍ରୋଫେସନାଲ ଗ୍ରାଜିଂ ରିଜର୍ଭ (ପିଜିଆର୍) ଏବଂ ଭିଲେଜ ଗ୍ରାଜିଂ ରିଜର୍ଭ (ଭିଜିଆର୍)ରୁ ଏହି ଅଧିବାସୀମାନଙ୍କୁ ହଟାଇବା ପାଇଁ କର୍ବି ଆଙ୍ଗ୍ଲୋଙ୍ଗ୍ ଅଟୋନମସ୍ କାଉନ୍‌ସିଲ (କେଏଏସି) ନିଷ୍ପତ୍ତି ନେଇଛି। ଆଙ୍ଗ୍ଲୋଙ୍ଗ୍ ଏବଂ ୱେଷ୍ଟ କର୍ବି ଜିଲାର ପ୍ରଶାସନ ଦାୟିତ୍ୱରେ ଥିବା କେଏଏସି ୨,୦୮୬ ପରିବାରର ଲୋକଙ୍କୁ ବେଆଇନ ଅଧିବାସୀ ରୂପେ ଆଖ୍ୟା ଦେଇଛି। ଇତିମଧ୍ୟରେ ଉକ୍ତ ଦୁଇ କିସମର ଜମିରେ ବସବାସ କରୁଥିବା ଲୋକଙ୍କୁ ଆଇନତଃ ବୈଧ ବାସିନ୍ଦା ଭାବେ ମାନ୍ୟତା ପ୍ରଦାନ ନିମନ୍ତେ ଗତ ଜାନୁଆରୀରେ ଏକ ହିନ୍ଦୀଭାଷୀ ଗୋଷ୍ଠୀ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ଦେଇଥିଲା। ସେଇଠୁ ଏହି ବିବାଦର ସୂତ୍ରପାତ ହୋଇଥିବା କୁହାଯାଉଛି।

କର୍ବି ଷ୍ଟୁଡେଣ୍ଟ୍ସ ଆସୋସିଏଶନ ଏବଂ ଅଟୋନମସ୍ ଷ୍ଟେଟ୍ ଡିମାଣ୍ଡ୍ କମିଟି ୟୁଥ୍ ଫ୍ରଣ୍ଟ ପକ୍ଷରୁ ଗତ ୧୫ ତାରିଖରେ ଦୁଇ ଜିଲାରୁ ବେଆଇନ ଅଧିବାସୀଙ୍କୁ ଉଚ୍ଛେଦ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ବେଳେ ସଂଘର୍ଷ ଘଟିବାରୁ କେତେଜଣ ବ୍ୟକ୍ତି ଆହତ ହୋଇଥିଲେ। ବିଧାନସଭାରେ ଶୁକ୍ରବାର ରାଜ୍ୟ ସରକାର ବଜେଟ ଉପସ୍ଥାପନ କରୁଥିବାବେଳେ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇଛି। କଂଗ୍ରେସ ନେତା ଦେବବ୍ରତ ସାଇକିଆ କହିଛନ୍ତି, ବାସିନ୍ଦାମାନେ ୧୯୪୦ ମସିହାରୁ ଦଖଲ ଦସ୍ତାବିଜ ପାଇ ସେଠାରେ ରହିଆସୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ନାମକୁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆରସି)ରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିଯୋଗୁ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ଦେଇ ଗତି କରୁଛି। ରାଜସ୍ୱ ମନ୍ତ୍ରୀ ଯୋଗେନ୍ ମୋହନ ଏହାର ଜବାବରେ କହିଛନ୍ତି, କେଏଏସିର ପଦକ୍ଷେପ ଯଥାର୍ଥ। ବେଆଇନ ଅଧିବାସୀଙ୍କୁ ହଟାଇବା ପାଇଁ ଆଦିବାସୀ ପରିଷଦ ଏହି ନିଷ୍ପତ୍ତି ନେଇଛି। କେଏଏସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତୁଲୀରାମ ରୋଙ୍ଗହଙ୍ଗ୍ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି।

ହରିୟାଣାରେ ପୋଲିସ-ଚାଷୀ ସଂଘର୍ଷ

ଚଣ୍ଡିଗଡ଼,୨୩।୨

ଜଣେ ପୋଲିସ ଅଧିକାରୀ ଆହତ

ଭାଜପା ଶାସିତ ହରିୟାଣାର ହିସାର ଜିଲା ଅନ୍ତର୍ଗତ ଖେଡ଼ି ଚୋପଟାରେ ଶୁକ୍ରବାର ଆନ୍ଦୋଳନରତ ଚାଷୀଙ୍କ ସହ ପୋଲିସ୍‌ର ସଂଘର୍ଷ ଘଟି ଜଣେ ଅଫିସର ଆହତ ହୋଇଛନ୍ତି। ଆନ୍ଦୋଳନ ସ୍ଥଳ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଆନ୍ଦୋଳନକାରୀମାନେ ଭାଜପା ନେତାମାନଙ୍କ କୁଶପୁତ୍ତଳିକା ଦାହ କରିବା ପରେ ପୋଲିସକୁ ଘେରିଯାଇ ଟେକା ମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। କୃଷକମାନେ ପଞ୍ଜାବର ଖନୌରୀ ସୀମାକୁ ଶୋଭାଯାତ୍ରାରେ ଯିବାବେଳେ ପୋଲିସ ଅଟକାଇବାରୁ ଏଭଳି ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। ଉକ୍ତ ଚାଷୀମାନେ ଖନୌରୀ ଏବଂ ଶମ୍ଭୁ ସୀମାରେ ଡେରା ପକାଇଥିବା ଆନ୍ଦୋଳନରତ ଚାଷୀଙ୍କ ସହ ସାମିଲ ହେବାକୁ ଯାଉଥିଲେ। ଶୁକ୍ରବାର ଖନୌରୀଠାରେ ଜଣେ ୬୨ ବର୍ଷୀୟ ଚାଷୀ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିଥିବା ଚାଷୀମାନେ ହରିୟାଣା ସୀମାରେ ଆନ୍ଦୋଳନ ଚଳାଇ ଥିବାବେଳେ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର କୃଷକ ସମ୍ପ୍ରଦାୟଙ୍କୁ ଖୁସି କରାଇବା ପାଇଁ କୃଷି ଋଣ ଉପରେ ସୁଧ ଛାଡ଼ ଘୋଷଣା କରିଛନ୍ତି। ମେ' ୩୧ ସୁଦ୍ଧା ମୂଲଧନ ଫେରାଇବାକୁ ଥିବା ଚାଷୀମାନଙ୍କୁ ଏହି ସୁବିଧା ମିଳିବ ବୋଲି ଖଟ୍ଟାର ବିଧାନସଭାରେ ବଜେଟ ଉପସ୍ଥାପନ ବେଳେ କହିଛନ୍ତି।

ହରିୟାଣାର ହିସାର ଜିଲା ଅନ୍ତର୍ଗତ ଖେଡ଼ି ଚୋପଟାରେ ଶୁକ୍ରବାର ଆନ୍ଦୋଳନରତ ଚାଷୀ ଭାଜପା ନେତାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

'ଚାନ୍ଦା ପାଇଁ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ କରୁଛି ଭାଜପା'

ନୂଆଦିଲ୍ଲୀ,୨୩।୨(ପି.ଟି.)

କଂଗ୍ରେସର ଅଭିଯୋଗ

ଘରୋଇ କମ୍ପାନୀଗୁଡ଼ିକରୁ ଭାଜପା ପାଇଁ ଜୋରଜବରଦସ୍ତ ଚାନ୍ଦା ଆଦାୟ ନିମନ୍ତେ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କରାଯାଉଥିବା କଂଗ୍ରେସ ଶୁକ୍ରବାର ଅଭିଯୋଗ କରିଛି। ସରକାରଙ୍କ ଏହି ଜବରଦସ୍ତ ଚାନ୍ଦା ଅସୁଲିର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ କଂଗ୍ରେସ ଦାବି କରିଛି। ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୨୦୧୮-୧୯ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ଅନ୍ୟୂନ ୩୦ଟି କମ୍ପାନୀ ଭାଜପାକୁ ପାଖାପାଖି ୩୩୫ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି, ଯେଉଁମାନେ କି ଉକ୍ତ ସମୟ ମଧ୍ୟରେ କେନ୍ଦ୍ରୀୟ ଏଜେନ୍ସି ତଦନ୍ତର ସମ୍ମୁଖୀନ ହୋଇଥିଲେ। ଭାଜପାକୁ ମିଳିଥିବା ଚାନ୍ଦାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ ସରକାର ଚାହୁଁନାହାନ୍ତି କାହିଁକି ବୋଲି କଂଗ୍ରେସ ସଂଗଠନ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ 'ଚାନ୍ଦା ଦିଅ, ଜାମିନ ଓ ବ୍ୟବସାୟ' ଯୋଜନା ସମ୍ପର୍କରେ ଆପଣମାନେ ଜାଣନ୍ତି କି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ୍ସ'ରେ ପୋଷ୍ଟ କରିଥିଲେ। ପ୍ରଧାନମନ୍ତ୍ରୀ ଇଡି, ଆଇଟି ଏବଂ ସିବିଆଇର ଦୁରୁପଯୋଗ କରି 'ଅସୁଲି ଭାଇ' ଭଳି ବ୍ୟବସାୟ ଚଳାଇଥିବା ରାହୁଲ ଅଭିଯୋଗ କରିଥିଲେ। ଚାନ୍ଦା ବ୍ୟବସାୟ ଏଭଳି ଲଜ୍ଜାହୀନ ଭାବେ ଚାଲିଛି ଯେ, ମଧ୍ୟପ୍ରଦେଶର ଜଣେ ମଦ କାରଖାନା ମାଲିକ ଜାମିନ ପାଇବା ପରେ ଭାଜପାକୁ ଚାନ୍ଦା ଦେଇଥିଲେ। ଅସାଧୁ ଉପାୟରେ ଜଣେ ବନ୍ଧୁଙ୍କ କମ୍ପାନୀକୁ ଲାଭବାନ କରାଯାଉଥିବାବେଳେ ଅନ୍ୟମାନଙ୍କ ପାଇଁ ଭିନ୍ନ ନିୟମ ଲାଗୁ ହେଉଛି। ମୋଦି ସରକାର ଅମଳରେ ଭାଜପାକୁ ଦିଆଯାଇଥିବା ବେଆଇନ ଚାନ୍ଦା ଏବଂ ଇଲେକ୍ଟୋରାଲ ବଣ୍ଡ୍ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍' ବୋଲି ରାହୁଲ ତାଙ୍କ ପୋଷ୍ଟରେ ଲେଖିଛନ୍ତି। ଭାଜପାକୁ କେଉଁ ସୂତ୍ରରୁ ଚାନ୍ଦା ଆସିଛି ଏବଂ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଯୋଗୁ କିପରି କର୍ପୋରେଟ୍ ସଂସ୍ଥାଗୁଡ଼ିକ ଚାନ୍ଦା ଦେବାକୁ ବାଧ ହୋଇଛନ୍ତି, ତାହା ଶ୍ୱେତପତ୍ର ଜରିଆରେ ସରକାର ଜଣାଇବେ କି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

ଚନ୍ଦ୍ରରେ ଆମେରିକାର ଘରୋଇ ଲ୍ୟାଣ୍ଡର

କେପ୍ କାନାଭେରାଲ,୨୩।୨

ଚନ୍ଦ୍ରପୃଷ୍ଠକୁ ଆମେରିକାର ମାନବ ମିଶନ ବନ୍ଦ ହେବାର ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଏହାର ଏକ ଘରୋଇ ମହାକାଶ ଯାନ ଗୁରୁବାର ଚନ୍ଦ୍ରପୃଷ୍ଠରେ ଅବତରଣ କରିଛି। ଇନ୍‌ଟୁଇଟିଭ୍ ମେଶିନ୍ସ ନାମକ ଘରୋଇ ସଂସ୍ଥା ଦ୍ୱାରା ବିକଶିତ ମହାକାଶ ଯାନ ଓଡିସିଅସ୍ ଚନ୍ଦ୍ରର ଦକ୍ଷିଣ ମେରୁଠାରୁ ୩୦୦ କିଲୋମିଟର ଦୂରରେ ସଫ୍ଟ ଲ୍ୟାଣ୍ଡିଂ କରି ଇତିହାସ ରଚିଛି। ଇଡିସିଅସ୍‌ରେ ଆମେରିକୀୟ ମହାକାଶ ବିଜ୍ଞାନ ସଂସ୍ଥା (ନାସା)ର ପେ'ଲୋଡ୍ ରହିଛି, ଯାହା ଚନ୍ଦ୍ରପୃଷ୍ଠର ପରିବେଶ, ମୃତ୍ତିକାର ଅନୁଧ୍ୟାନ କରିବ। ଚଳିତ ବର୍ଷ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଏହା ଦ୍ୱିତୀୟ ମିଶନ। ଏହା ପୂର୍ବରୁ ଜାପାନର ସ୍ପ୍ଲିମ୍ ମହାକାଶ ଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ଆଗାମୀ କିଛି ବର୍ଷ ମଧ୍ୟରେ ଚନ୍ଦ୍ରକୁ ମାନବ ପଠାଇବା ପାଇଁ ନାସା ଲକ୍ଷ୍ୟ ରଖିଛି। ଏହା ପୂର୍ବରୁ ଚନ୍ଦ୍ରପୃଷ୍ଠ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆମେରିକା ମହାକାଶ ବିଜ୍ଞାନ ସଂସ୍ଥା ଅନେକ ମିଶନ ପଠାଇବାକୁ ଚାହୁଁଛି।

ମନୋହର ଜୋଷୀଙ୍କ ପରଲୋକ

ମୁମ୍ବାଇ,୨୩।୨



ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକ ସଭାର ପୂର୍ବତନ ବାଚସ୍ପତି ମନୋହର ଜୋଷୀଙ୍କର ଶୁକ୍ରବାର ଭୋର ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ତାଙ୍କୁ ହୃଦ୍‌ଘାତ ହେବା ପରେ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ଶେଷ ଦର୍ଶନ ପାଇଁ ମରଣଶରୀରକୁ ମାଟୁଙ୍গା ବାସଭବନରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରଖାଯାଇଥିଲା। ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ଦାଦରର ଶିବାଜୀ ପାର୍କରେ ସମ୍ପନ୍ନ ହୋଇଯାଇଛି।

ମନୋହର ଶିବସେନା ପ୍ରତିଷ୍ଠାତା ବାଲା ସାହେବ ଠାକ୍‌ରେଙ୍କର ସବୁଠୁ ବିଶ୍ୱସ୍ତ ସହଯୋଗୀ ଥିଲେ। ୧୯୯୫ରେ ମହାରାଷ୍ଟ୍ରରେ ଶିବସେନା-ଭାଜପା ମେଣ୍ଟ କ୍ଷମତାକୁ ଆସିବା ପରେ ପ୍ରଥମ ଅଣକଂଗ୍ରେସ ସରକାରରେ ମନୋହର ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରେ ସେ କେନ୍ଦ୍ରରେ ଅଟଳ ବିହାର ବାଜପେୟୀ ସରକାରରେ ୧୯୯୯ରୁ ୨୦୦୨ ପର୍ଯ୍ୟନ୍ତ ଭାରୀଶିଳ୍ପ ମନ୍ତ୍ରୀ ରହିଥିଲେ। ୨୦୦୨ରୁ ୨୦୦୪ ସେ ଲୋକ ସଭାର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ବିନା ପାତର ଅନ୍ତରରେ ଲୋକ ସଭା ଚଳାଇବାରେ ସେ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ଗତବର୍ଷ ବ୍ରେନ୍ ହାମରେଜ୍‌ର ଶିକାର ହେବା ପରେ ସେ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିଲେ। ତାଙ୍କ ପରଲୋକରେ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି।

ସଂକ୍ଷେପରେ

ବ୍ୟାଗ୍, ଆର୍ଥିକ ସହାୟତା ବାଣ୍ଟିଲେ ବାଚସ୍ପତି

ବିଞ୍ଝାରପୁର,୨୩।୨(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ରାଶନ କାର୍ଡ ହିତାଧିକାରୀମାନଙ୍କୁ ୨ ଅଖା ବ୍ୟାଗ ଓ ଆର୍ଥିକ ସହାୟତା ହଜାର ଟଙ୍କା ଲେଖାଏ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ବ୍ଲକ୍ ଅଧକ୍ଷା ରଞ୍ଜିତା କୁମାରୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ବ୍ୟାଗ୍ ଓ ଅର୍ଥରାଶି ବଣ୍ଟନ କରିଥିଲେ। ବିଡିଓ ଦିବ୍ୟେନ୍ଦୁ ଦାସ, ବ୍ଲକ୍ ଉପାଧକ୍ଷ ସେକ୍ ଇରସାଦ, ବରିଷ୍ଠ ନେତା ରାମଚନ୍ଦ୍ର ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ଧମେନ୍ଦ୍ର ସାହୁ ଓ ଯୁବନେତା ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାର ସର୍ବଦା ଗରିବ ଅସହାୟ ଲୋକଙ୍କ ସହିତ ରହିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ବିରଞ୍ଚି ମିଶ୍ର, ଦେବକାନ୍ତ ଦାସ, ପ୍ରମୋଦ ମିଶ୍ର, ଅତୁଲ ମିଶ୍ର, ରାଜକ୍ରିଷ୍ଣ ମିଶ୍ର, ସଞ୍ଜୟ ଦେହେରା ଓ ନୀଳାଦ୍ରି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଶ୍ରମଶକ୍ତି ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କାଳିଆପାଣି,୨୩।୨(ଅସିତ ମହାନ୍ତ)

ସୁକିନ୍ଦା ବ୍ଲକ ଅଧୀନ ଶ୍ରମଶକ୍ତି ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଯାଜପୁର ଜିଲାସ୍ତରୀୟ ପୁରସ୍କାର ପ୍ରଦାନ ସମାରୋହ ଯାଜପୁର ଟାଉନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନ ପୁରସ୍କାର ଗ୍ରହଣ କରିଥିଲେ। ଏଥିସହିତ ସେ ମାଧମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୁରସ୍କାର ମଧ୍ୟ ଗ୍ରହଣ କରିଥିଲେ। ସେହିପରି ବିଦ୍ୟାଳୟର ଶୁଭଲକ୍ଷ୍ମୀ ପଣ୍ଡା, ଅନିଖ୍ତା ସାମଲ, ରିତି କିଷାନ ମହାନ୍ତ, ସୁନିଲ ବାରିକ, କଳ୍ପନା ଶୁଣ୍ଡି ପ୍ରମୁଖ ୫ ଛାତ୍ରୀଛାତ୍ର ପୁରସ୍କାର ପାଇଁ ଚୟନ ହୋଇଛନ୍ତି।

ଜ୍ୟୋତିଷ ବଶାରଦଙ୍କ ପରଲୋକ

ରଗଡ଼ି,୨୩।୨(ଜତିଶ କୁମାର ମଲ୍ଲିକ)

କୋରେଇ ବ୍ଲକ ଅନ୍ତାରୀ ପଞ୍ଚାୟତ କୋରାବନ୍ଦୀ ଗ୍ରାମର ବିଜୟ ରାଉତଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ରାଉତ ଏକାଧାରରେ ଜଣେ ଅମିନ ଓ ଜ୍ୟୋତିଷ ବିଶାରଦ ଥିଲେ। ତତ୍କାଳୀନ ପଛିକୋଟ ଗଡ଼ ରାଜାଙ୍କଠାରୁ ଜ୍ୟୋତିଷ ଶିକ୍ଷା ନିମନ୍ତେ ପୁରସ୍କୃତ ହୋଇଥିଲେ। ତାଙ୍କୁ ଜ୍ୟୋତିଷ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଥିଲା। ନିର୍ଭୁଲ ଗଣନା ପାଇଁ ଯାଜପୁର ଜିଲାରେ ବେଶ ଚର୍ଚ୍ଚିତ ହୋଇପାରିଥିଲେ। ଇଂରେଜ ଶାସନର ପ୍ରଭାବକୁ ସେ ଅନୁଭବ କରିଥିଲେ। ଜଣେ ସରଳ, ନିର୍ଭିକ ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କନିଷ୍ଠ ପୁତ୍ର ପ୍ରଶାନ୍ତ ରାଉତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କୋରାବନ୍ଦୀ ଓ ରଗଡି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ନିର୍ମାଣ ଶ୍ରମିକଙ୍କୁ ୬.୫୪ କୋଟି ଟଙ୍କାର ସହାୟତା

କଳିଙ୍ଗନଗର,୨୩।୨(ଶୁଭାଶିଷ ରାଉତ)

ନଗଡ଼ା ଅଞ୍ଚଳରୁ ୨୩୦ ଶ୍ରମିକଙ୍କୁ ନୂତନ କାର୍ଡ ପ୍ରଦାନ

ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ।

ଦାନଗଦି ଭବନଠାରେ ଶୁକ୍ରବାର ଯାଜପୁରରୋଡ୍ ସ୍ଥିତ ଯାଜପୁର ଜିଲା ଶ୍ରମ ଓ ଇଏସଆଇ ବିଭାଗ ତରଫରୁ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲା ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓଙ୍କ ଅଧକ୍ଷତାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି।

ଏହି ଅବସରରେ ସେ କହିଥିଲେ, ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ଉନ୍ନତି ପାଇଁ ବିଭିନ୍ନ ସହାୟତା ପ୍ରଦାନ କରିଆସୁଛନ୍ତି। ଯୋଜନାରେ କୋଠାବାଡି ଓ ଅନ୍ୟ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ବହୁ ଅଭାବୀ ଶ୍ରମିକ, ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ୬୦ବର୍ଗର ବ୍ୟକ୍ତିବିଶେଷ ଉପକୃତ ହେଉଛନ୍ତି। ତେଣୁ ଯୋଜନା ସମ୍ପର୍କରେ ସମସ୍ତେ ଭଲ ଭାବେ ସଚେତନ ହେବାଉଚିତ। ଯୋଜନାରେ ୬.୫୪ କୋଟି ଟଙ୍କା ହିତାଧିକାରୀଙ୍କୁ ବଣ୍ଟାଯିବା ସମସ୍ତଙ୍କୁ ଖୁସି କରିଛି ବୋଲି ପ୍ରକାଶ କରିଥିଲେ। ଜିଲା ଶ୍ରମ ଅଧିକାରୀ ସନ୍ତୋଷ ମହାନ୍ତି ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ଦେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ କହିଥିଲେ। ଏଥିସହିତ ସେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ ବିଭିନ୍ନ ଶ୍ରମ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଦାନଗଦି ପଞ୍ଚାୟତ ସମିତି ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷ ଅଜୟ ବିଶ୍ୱାଣି, ସୁକିନ୍ଦା ପଞ୍ଚାୟତ ସମିତି ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ଦିଆଯାଉଥିବା ସହାୟତା ଫଳପ୍ରଦ ବୋଲି ଅଭିହିତ କରିଥିଲେ। ଏହି ଅବସରରେ କେତେକ ନିର୍ମାଣ ଶ୍ରମିକ ଓ ଅଣ-ସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ୫୩୨ ନିର୍ମାଣ ଶ୍ରମିକ ହିତାଧିକାରୀ ପିଲାଙ୍କ ଶିକ୍ଷା ସହାୟତା ବାବଦରେ ମୋଟ୍ ୪୫ ଲକ୍ଷ ୮ହଜାର ୬୦୦ଟଙ୍କା, ୪୬୯ ହିତାଧିକାରୀଙ୍କୁ କନ୍ୟା ସନ୍ତାନଙ୍କ ବିବାହ ସହାୟତା ୨୨ଲକ୍ଷ ୭୫ ହଜାର ଟଙ୍କା, ୧୮ଜଣଙ୍କୁ ୧ ଲକ୍ଷ ୮୦ ହଜାର ଟଙ୍କା ପ୍ରସୂତିକାଳୀନ ସହାୟତା, ୧୯୬ଜଣ ଶ୍ରମିକଙ୍କ ପରିବାରକୁ ୩ କୋଟି ୭୦ଲକ୍ଷ ୫୦ ହଜାର ଟଙ୍କା ମୃତ୍ୟୁକାଳୀନ ଓ ୧୮୩ ଜଣଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୯ଲକ୍ଷ ୧୫ହଜାର ଟଙ୍କା ଏହିପରି ୧,୩୯୮ ହିତାଧିକାରୀଙ୍କୁ ମୋଟ ୬କୋଟି ୫୩ଲକ୍ଷ ୨୮ହଜାର ୬୦୦ଟଙ୍କା ପ୍ରଦାନ କରାଯାଇଥିଲା। ଆଦିବାସୀ ଅଧୁଷିତ ସୁକିନ୍ଦା ବ୍ଲକ୍ ଅଧୀନ ନଗଡ଼ା ଅଞ୍ଚଳର ୨୩୦ ନୂତନ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ପଣ୍ଡା, ସୌମ୍ୟସୁନ୍ଦର ରାଉତରାୟ, ସୌମ୍ୟରଞ୍ଜନ ବେହେରା, ରଚନା ସେଠୀ, କର୍ମଚାରୀ ନାରାୟଣ ନନ୍ଦ, କାହ୍ନୁଚରଣ ସାହୁ, ଦେବଶ୍ରୀ ପଣ୍ଡା, ମହେଶ ସୁନାନୀ, ପ୍ରକାଶ ଜେନା, ସନ୍ତୋଷ ନାୟକ, ଶଶିକାନ୍ତ ପ୍ରଧାନ ଓ ରଶ୍ମିତା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସୁନନ୍ଦା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ମାର୍ଚ୍ଚ ୩ରୁ ୫ ପଲ୍‌ସ ପୋଲିଓ ଟିକାଦାନ

ଯାଜପୁର ଟାଉନ,୨୩।୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲାରେ ପଲସ୍ ପୋଲିଓ ଟିକାଦାନ କାର୍ଯ୍ୟକ୍ରମ ମାର୍ଚ୍ଚ ୩ରୁ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଶୂନରୁ ୫ ବର୍ଷ ବୟସର ପିଲାମାନଙ୍କୁ ଏହି ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଏନେଇ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପଲ୍‌ସ ପୋଲିଓ ଟିକାଦାନ କାର୍ଯ୍ୟ ନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଅଧକ୍ଷତା କରିଥିଲେ। ଜିଲାରେ ଚଳିତ ବର୍ଷ ୧୮,୦୯୩ ଶୂନରୁ ୫ ବର୍ଷର ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପୋଲିଓ ବୁନ୍ଦା ଖୁଆଇବା ନିମନ୍ତେ ୩୩୮୪ ଟିମ୍ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏଥିପାଇଁ ୧୬୫ ସୁପରଭାଇଜର, ଟ୍ରାଞ୍ଜିଟ୍ କେନ୍ଦ୍ର ୩୫ ଏବଂ ୨୧ ମୋବାଇଲ ଟିମ୍ ନିୟୋଜିତ କରାଯିବ। ମାର୍ଚ୍ଚ ୩ରେ ବୁଥ୍‌ରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ୪ ଓ ୫ ତାରିଖରେ ଘରେ ଘରେ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ, ମଙ୍ଗଳପୁର ସିଏଚ୍‌ସିର ଭେଷଜ ଅଧିକାରୀ ଡା. ବିଦ୍ୟୁସାଗର ସାମଲ, ବିଞ୍ଝାରପୁର ସିଏଚ୍‌ସିର ଭେଷଜ ଅଧିକାରୀ ଡା. କ୍ଷୀତିଶ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ଚ୍ୟାଉପଙ୍ଗନାୟକ, ଦାନଗଦୀ ସିଏଚ୍‌ସି ଅଧୀକ୍ଷକ ଡା. ଜ୍ୟୋତିରଞ୍ଜନ ମହାପାତ୍ର, ଯାଜପୁର ରୋଡ୍ ସିଏଚ୍‌ସି ଅଧୀକ୍ଷକ ଡା. ସନ୍ତୋଷ ପୃଷ୍ଟି, ପ୍ରଶାସନିକ ଅଧିକାରୀ କ୍ଷୀରୋଦ ଦାସ, ଏଡିପିଏଚ୍‌ଓ ଡା. ସତ୍ୟପ୍ରକାଶ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରାଙ୍କ ସମେତ ଭେଷଜ ଅଧିକାରୀମାନେ ଯୋଗ ଦେଇଥିଲେ।

ଟାଟା ଷ୍ଟିଲ୍ ପକ୍ଷରୁ ରକ୍ତଦାନ ଶିବର

ଟାଟା ଷ୍ଟିଲ୍ କଳିଙ୍ଗନଗର(ଟିଏସ୍କେ)ର ଲଜିଷ୍ଟିକ ବିଭାଗ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ କଳିଙ୍ଗନଗର ଗ୍ରୀନ ଟ୍ରାନ୍ସପୋର୍ଟ ପାର୍କରେ କଟକର ସେଣ୍ଟାଲ ରେଡ୍‌କ୍ରସ୍ ବ୍ଲଡ ବ୍ୟାଙ୍କ ଓ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ସହଭାଗିତାରେ ଆୟୋଜିତ ଶିବିରରେ ୩୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ଟିଏସ୍କେର ଲଜିଷ୍ଟିକ ଅପରେଶନ ବିଭାଗ ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଏବଂ ଟିଏସ୍କେର ସୁରକ୍ଷା ବିଭାଗର ମୁଖ୍ୟ (ଅପରେସନ୍ସ) ଆର୍‌ଏସ ମିଶ୍ର ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତଥିଲେ।

ଅରଙ୍ଗାବାଦରେ ସିଏଫ୍‌ସି ପ୍ରତିଷ୍ଠାରେ ବିଳମ୍ବ

ହସ୍ତଶିଳ୍ପ ନିର୍ଦ୍ଦେଶିକାଙ୍କୁ ପୂର୍ବତନ ବିଧାୟକଙ୍କ ୨ ପୁତ୍ର ଭେଟି ଆଲୋଚନା କରୁଛନ୍ତି।

ହସ୍ତଶିଳ୍ প নିର୍ଦ୍ଦେଶିକାଙ୍କ ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ବିଧାୟକଙ୍କ ୨ ପୁତ୍ର

ଧର୍ମଶାଳା,୨୩।୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ସିଏଫ୍‌ସି(କମନ୍ ଫ୍ୟାସିଲିଟି ସେଣ୍ଟର)ପ୍ରତିଷ୍ଠାରେ ବିଳମ୍ବ ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଧର୍ମଶାଳା ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୨ପୁତ୍ର ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶିକାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସିଏଫ୍‌ସି ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନାହିଁ ବୋଲି ଲାବଣ୍ୟଙ୍କ ବଡ଼ପୁଅ ତଥା ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ ଓ ସାନପୁଅ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତକରି ଜଣାଇଛନ୍ତି।

ଲାବଣ୍ୟଙ୍କ ଉଦ୍ୟମରେ ଅରଙ୍ଗାବାଦ ଗ୍ରାମରେ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲାବେଳେ ଅନୁଷ୍ଠାନର ମହିଳାଙ୍କୁ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଚାନ୍ଦୁଆ ନିର୍ମାଣ ତାଲିମ ପ୍ରଦାନ କରାଯାଉଛି। ଅରଙ୍ଗାବାଦ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶତାଧିକ ମହିଳା ତାଲିମ ନେଇଛନ୍ତି। ସିଏଫ୍‌ସି ପ୍ରତିଷ୍ଠା ଦ୍ୱାରା ମହିଳାଙ୍କ ପାଇଁ ଗୃହ ନିର୍ମାଣ, ସ୍ୱତନ୍ତ୍ର ତାଲିମ ପ୍ରଦାନ, କଞ୍ଚାମାଲ ଯୋଗାଣ ଓ ଅନ୍ୟ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ। ମହିଳା ରୋଜଗାରକ୍ଷମ ହେବା ସହିତ ନିଜର ଗୁଜୁରାଣ ମେଣ୍ଟାଇବାରେ ସମର୍ଥ ହୋଇପାରିବେ ବୋଲି ଲାବଣ୍ୟ ମୁଖ୍ୟମନ୍ତ୍ରୀଙ୍କୁ ୨ ବର୍ଷ ପୂର୍ବେ ସାକ୍ଷାତ କରି ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ସିଏଫ୍‌ସି ପ୍ରତିଷ୍ଠା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଥିଲେ। ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ଟିମ୍ ଅରଙ୍ଗାବାଦ ପରିଦର୍ଶନ କରି ସିଏଫ୍‌ସି ପ୍ରତିଷ୍ଠା କରିବାକୁ ସୁପାରିସ କରିଥିଲା। ପରବର୍ତ୍ତୀ ସମୟରେ ଲାବଣ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟକୁ ଯାଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଆଲୋଚନା ସମୟରେ ସିଏଫ୍‌ସି ପ୍ରତିଷ୍ଠା ନେଇ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶିକା କହିଥିବା ଜଣାଯାଇଛି।

୧ କୋଟି ୯୪ ଲକ୍ଷ ଜୀବିକା ସହାୟତା ରାଶି ପ୍ରଦାନ

ଧର୍ମଶାଳା,୨୩।୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ କରାଯାଉଛି। ଶୁକ୍ରବାର ସୁଦ୍ଧା ଏହି ଯୋଜନାରେ ୧୯ ହଜାର ୪୬୦ ପରିବାରକୁ ୧ କୋଟି ୯୪ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ଯୋଗାଣ ନୀରିକ୍ଷକ ସୂଚନା ଦେଇଛନ୍ତି। ବ୍ଲକ୍ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଯୋଜନାରେ ୪୦ ହଜାର ୧୯୯ ପରିବାର ମଧ୍ୟରୁ ୧୬ ହଜାର ୭୯୭ ଓ ଅନ୍ତଦ୍ୱୟ ଯୋଜନାରେ ୫୪୮୨ରୁ ୨୨୮୭ ପରିବାର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୧୦୯୯ମଧ୍ୟରୁ ୩୭୬ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅବଶିଷ୍ଟ ହିତାଧିକାରୀଙ୍କୁ ୧୦୨ ଡିଲର ପାଏଣ୍ଟରେ ଶନିବାରଠାରୁ ସହାୟତା ରାଶି ବଣ୍ଟନ କରାଯିବ ବୋଲି ଯୋଗାଣ ନିରୀକ୍ଷକ ମନୋଜ କୁମାର ସିହ୍ନା ସୂଚନା ଦେଇଛନ୍ତି।

ଆଜି ଭଦ୍ରକ ଆସିବେ ୫-ଟି ଅଧକ୍ଷ

ଭଦ୍ରକ,୨୩।୨(ସନାତନ ରାଉତ)

୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ଦିନିକିଆ ଭଦ୍ରକ ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ପ୍ରଶାସନ ସୂଚନା ଦେଇଛି। ଧାମନଗର ବ୍ଲକର ପାଳସାହି ଠାରେ ବୈତରଣୀ ନଦୀର ବାମପାର୍ଶ୍ୱ ବନ୍ଧ ପରିଦର୍ଶନ ସହ ମଲ୍ଲିମାହାରା ଓ ଗୌରାଙ୍ଗ ଏସ୍‌କେପ ଓ କୋଚିଲା ବ୍ୟାରେଜ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ବଡ଼ଚଣା,୨୩।୨(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁସମନ୍ତରାୟ ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ଅଲିଭା ସେଠୀ ଓ ଗୀତାଞ୍ଜଳି ନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟ ପବିତ୍ର ମୋହନ ମାହାଲା ସଭାପତିତ୍ୱ କରିବା ସହିତ ଶିବିରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧାପକ ପ୍ରମୋଦ ଖଣ୍ଡାଇ ଓ ସମ୍ମାନିତ ଅତିଥି ଭାବେ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା।

ରାସ୍ତାରେ ବୁଲା ଗୋରୁ, ବଢୁଛି ଦୁର୍ଘଟଣା

ଯାଜପୁରରୋଡ୍, ୨୩।୨ (ପବିତ୍ର ରଞ୍ଜନ ମହାନ୍ତି)

- ସୃଷ୍ଟି ହେଉଛି ଟ୍ରାଫିକ ସମସ୍ୟା
- ଅଭିଯୋଗ ପରେ ହେଉନି ସମାଧାନ

କଳିଙ

ସଂକ୍ଷେପରେ

କୃଷକଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବିକଲା ସଂଯୁକ୍ତ ମୋର୍ଚ୍ଚା

କେନ୍ଦ୍ରାପଡ଼ା, ୨୩।୨ (ଜଗନ୍ନାଥ ଧଳ)

ଏମ୍‌ଏସ୍‌ପି ଓ ଅନ୍ୟାନ୍ୟ ଦାବିରେ କୃଷକ ଆନ୍ଦୋଳନ ହେଉଛି। ଏହି ଆନ୍ଦୋଳନରେ ଭାଗ ନେଇଥିବା ପଞ୍ଜାବ ରାଜ୍ୟ ଭଟିଣ୍ଡା ଜିଲା ବାଲାନ ଗ୍ରାମର ଶୁଭ କରଣ ସିଂହଙ୍କ ଗତ ୨୧ରେ ମୃତ୍ୟୁ ହୋଇଛି । ଏହା ମୃତ୍ୟୁ ନୁହେଁ ହତ୍ୟା ଦାବି କରି ସଂଯୁକ୍ତ କୃଷକ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ, ସ୍ୱାଧୀନ ଫେଡେରେଶନ ସମୂହ ପ୍ରମୁଖ କେନ୍ଦ୍ରାପଡ଼ା ସହର ପୁରୁଣା ବସଷ୍ଟାଣ୍ଡଠାରେ ବିକ୍ଷୋଭ କରିଥିଲେ। ଏଥିସହିତ ଏହାକୁ ସର୍ବୋଚ୍ଚ ଅଦାଲତଙ୍କ ତତ୍ତ୍ୱବେଧାନରେ ନ୍ୟାୟିକ ତଦନ୍ତ ଦାବି କରାଯାଇଛି। ଏ ସମ୍ପର୍କରେ ଆବାହକ ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ ବିରୋଧ କରି ଚାଷୀମାନେ ଆନ୍ଦୋଳନରେ ଅଛନ୍ତି। ସଂପ୍ରତି ପଞ୍ଜାବ ହରିଆଣା ସୀମାରେ ଆନ୍ଦୋଳନ ସମୟରେ ପୋଲିସ ପକ୍ଷରୁ ଗୁଳିମାଡ ହୋଇଥିଲା। ଫଳରେ ଶୁଭ କରଣଙ୍କ ମୃତ୍ୟୁ ହୋଇଛି । କେନ୍ଦ୍ର ସରକାରଙ୍କ ଏହି ଦମନ ଲୀଳା କର୍ପୋରେଟ ହାଉସକୁ ସୁହାଉଛି। ଅପରପକ୍ଷେ ଦେଶର ଅନ୍ନଦାତାଙ୍କୁ ଉପଯୁକ୍ତ ସମ୍ମାନ, ଉତ୍ପାଦର ପ୍ରକୃତ ମୂଲ୍ୟ ମିଳୁନାହିଁ । କେନ୍ଦ୍ର ସରକାରଙ୍କ ଏହି ଦମନଲୀଳାକୁ ବିରୋଧ କରି କଳା ଦିବସ ଭାବେ ପାଳନ କରାଯାଇଥିବା ଆବାହକ ଧଳ କହିଛନ୍ତି । ଏହି ବିକ୍ଷୋଭରେ କର୍ମକର୍ତ୍ତା ବୈଷ୍ଣବ ସ୍ୱାଇଁ, ରମଣୀରଞ୍ଜନ ରାଉତରାୟ, ପ୍ରଫୁଲ ଦାସ, ଆଦିକନ୍ଦ ରାଉଳ, ଫକୀର ଚରଣ ଖଗୁଆ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଗଣ୍ଡକୂଳରେ ନିଗମାନନ୍ଦ ଭକ୍ତ ସମ୍ମିଳନୀ ଆରମ୍ଭ

ପଟ୍ଟାମୁଣ୍ଡାଇ, ୨୩।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ତିହାପଡା ପଞ୍ଚାୟତ ଗଣ୍ଡକୂଳଠାରେ ଗଣ୍ଡକୁଳ ସାରସ୍ୱତ ସଂଘ ପକ୍ଷରୁ ଶୁକ୍ରବାର ରାଜ୍ୟସ୍ତରୀୟ ନିଗମାନନ୍ଦ ସମ୍ମିଳନୀ ଆରମ୍ଭ ହୋଇଛି । ଗଣ୍ଡକୁଳ ଜୟ ଗୁରୁ ଆଶ୍ରମ ସମ୍ମୁଖ ପଡିଆରେ ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ଭବ୍ୟ ଆୟୋଜନ କରାଯାଇଛି । ସାରସ୍ୱତ ସଂଘ ସଭାପତି ଗଗନେନ୍ଦ୍ର ମହାପାତ୍ର, ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, ପୂର୍ତ୍ତା ଚରଣ ଭାଇ,ବରିଷ୍ଠ କର୍ମକର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ସମ୍ମିଳନୀ ଆରମ୍ଭ ହୋଇଛି । ଏହି ସମ୍ମିଳନୀରେ ପ୍ରାୟ ୩୦ହଜାର ଭକ୍ତଙ୍କ ସମାଗମ ପାଇଁ ବିଶାଳ ତମ୍ବୁ ବ୍ୟବସ୍ଥା କରାଯାଇଛି । ଉଦଘାଟନୀ ସମାରୋହରେ ସ୍ୱାମୀ ଜିତେନ୍ଦ୍ରିୟାନନ୍ଦ ସରସ୍ୱତୀ ମହାରାଜ, ପୁରୀ ହରିହରାନନ୍ଦ ଗୁରୁକୁଳମ ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ଶ୍ରୀମଦ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ଶ୍ରୀମଦ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ଗୋବିନ୍ଦ ଶର୍ମାଜୀ, କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଶଶୀଭୂଷଣ ବେହେରା ଓ ଆସାମ ବାଙ୍ଗୀୟ ସାରସ୍ୱତ ମଠ ସଚିବ ନିରନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଆଦର୍ଶ ଗୃହସ୍ଥ ଜୀବନ, ସଂଘ ପ୍ରତିଷ୍ଠା ଓ ଭାବଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ଭକ୍ତ ସମ୍ମିଳନୀ ସମ୍ମୁଖରେ ସୁଶୋଭିତ ବିଶାଳ ମଞ୍ଚ କରାଯାଇଛି। ସନ୍ଧ୍ୟାରେ ସୁଶୋଭିତ ରଥରେ ଜଗତଗୁରୁ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କୁ ଯଥାବିଧି ପୂଜାର୍ଚ୍ଚନା ପରେ ଗଣ୍ଡକୁଳ ଜୟଗୁରୁ ଆଶ୍ରମରୁ ସମ୍ମିଳନୀ ସଭା ମଞ୍ଚକୁ ନିଆଯାଇ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ବିଜେ କରାଯାଇଥିଲା । ଏଥିରେ ଓଡ଼ିଶା ଓ ବାହାର ରାଜ୍ୟରୁ ବହୁଭକ୍ତ ଯୋଗ ଦେଇଥିଲେ ।

୩୩ଦିନ ପରେ ସତ୍ୟାଗ୍ରହ ସ୍ଥଗିତ

ରଘୁନାଥପୁର, ୨୩।୨ (ରାଜେନ୍ଦ୍ର ନାରାୟଣ ସିଂହ)

ସତ୍ୟାଗ୍ରହୀଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

ରଘୁନାଥପୁର ବ୍ଲକ ରେଢୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଞ୍ଚଳିକ ବିକାଶ ପରିଷଦ ରେଢୁଆ ପକ୍ଷରୁ ୧୦ଦଫା ଦାବି ନେଇ ଜାନୁଆରୀ ୨୨ରୁ ଅହୋରାତ୍ର ସତ୍ୟାଗ୍ରହ ଜାରି ରହିଥିଲା । ୩୩ ଦିନ ପରେ ଶୁକ୍ରବାର ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରଦୀପ କୁମାର ସାହୁ ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ଥିଲେ । ସେଠାରେ ସତ୍ୟାଗ୍ରହରେ ବସିଥିବା ସତ୍ୟାଗ୍ରହୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଉକ୍ତ ଦାବିଗୁଡିକ ସମ୍ପର୍କରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସମ୍ପର୍କିତ ଏକ ଲିଖିତ ଚିଠି ଉପଜିଲାପାଳ ସାହୁ ସେମାନଙ୍କୁ ପ୍ରଦାନ କରିଥିଲେ। ଫଳରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସତ୍ୟାଗ୍ରହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଆବାହକ ସ୍ନେହାଂଶୁ ଜେନା ପ୍ରକାଶ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ହଂସୁଆ ଡ୍ରେନେଜର ଲିଙ୍କ୍ ଡ୍ରେନର କାର୍ଯ୍ୟ ଆରମ୍ଭ ହୋଇଥିବା, ମାଧପୁର ଓ ପୁଅଖାଇ ଡ୍ରେନେଜ ମଧ୍ୟ ଏହା ଭିତରେ ଅନ୍ତର୍ଭୁକ୍ତ

ରେଢୁଆ ଆଞ୍ଚଳିକ ବିକାଶ ପରିଷଦ

୧୦ ଦଫା ଦାବି ପୂରଣ ପାଇଁ ମିଳିଲା ପ୍ରତିଶ୍ରୁତି

ଥିବା ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୨୮ ତାରିଖ ମଧ୍ୟରେ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣ କାର୍ଯ୍ୟ ପାଇଁ ଏଷ୍ଟିମେଶନ କରି ସରକାରୀ ସ୍ତରରେ ଆପ୍ରୁଭାଲ ନିମନ୍ତେ ପଠାଯିବାର ନିର୍ଦ୍ଦେଶ ରହିଛି। ଅନୁରୂପ ଭାବେ ଚିଠିରେ ନିର୍ଦ୍ଦେଶ ଥିବା ଧାର୍ଯ୍ୟ ସମୟ ମଧ୍ୟରେ ରେଢୁଆ ବନ୍ଦ, ନେତାଙ୍କୁ ପ୍ରବେଶ ମନା ଓ ପରେ ଅସହଯୋଗ ଆନ୍ଦୋଳନ ପାଇଁ ସଜବାଜ ଚାଲିଥିବା ବେଳେ ଏହା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିଲା। ସତ୍ୟାଗ୍ରହ ସ୍ଥଳରେ ଦେବୀପ୍ରସାଦ ପ୍ରାଣୀ ସମ୍ପଦ, ଶୀତଳଭଣ୍ଡାର, ରାସ୍ତା ନିର୍ମାଣ, କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର, ମୃତ ନଦୀରେ ମାଛଚାଷ ଓ ମୁଗ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଏହା ମଧ୍ୟରେ ସତ୍ୟାଗ୍ରହୀଙ୍କ ପକ୍ଷରୁ ମହାରଣା, ପ୍ରାଣକୃଷ୍ଣ ନାୟକ, ବିଜନ ମହାପାତ୍ର, ସୌଭାଗ୍ୟ ସ୍ୱାଇଁ, ଆଶୁତୋଷ ସାହୁ, ସୁଦାମ ସେଠୀ, ଭାସ୍କର ବେହେରା, ମିଥୁନ ଜେନା, ସଜିକାନ୍ତ ଜେନା, ଗଗନ ବିଶ୍ୱାଳ, ବିକ୍ରମ ଖଗୁଆ, ନିରଞ୍ଜନ ବାରିକ, ପ୍ରମୋଦ ରାଉତ, ବିଜୟ ପାତ୍ର, ଦୀନବନ୍ଧୁ ଖଗୁଆଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଯାତ୍ରୀବାହୀ ପାସେଞ୍ଜର ଭଡ଼ା କମିଲା

ଯାଜପୁର, ୨୩।୨ (ହର୍ଷବର୍ଦ୍ଧନ ବେହେରା)

କରୋନା ଲକ୍‌ଡାଉନ୍ ସମୟରୁ ଓଡ଼ିଶାର ସମସ୍ତ ଯାତ୍ରୀବାହୀ ଓ ମେମୁ ପାସେଞ୍ଜର ଟ୍ରେନଗୁଡ଼ିକୁ ସ୍ପେଶାଲ/ଦ୍ରୁତଗାମୀ କରାଯାଇ ସାଧାରଣ ଜନତାଙ୍କଠାରୁ ଦ୍ରୁତଗାମୀ ଭଡ଼ା ଆଦାୟ ହେଉଥିଲା। ରେଲୱେର ଏଭଳି କାର୍ଯ୍ୟ ବିରୋଧରେ କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ରାଷ୍ଟ୍ରପତି ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ୨୬।୧।୨୦୨୪ରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ଧରିତ୍ରୀରେ ଏକାଧିକ ଖବର ପ୍ରକାଶ ପାଇଥିଲା। ଏହାର ପ୍ରଭାବରେ ଶୁକ୍ରବାରଠାରୁ ମେମୁ, ଡେମୁ ଓ ପାସେଞ୍ଜର ଟ୍ରେନଗୁଡିକ ସମସ୍ତ ଷ୍ଟେସନରେ ରହଣି କରିବା ସହ

ହଟିଲା ଦ୍ରୁତଗାମୀ ଭଡ଼ା ଆଦାୟ

ପାସେଞ୍ଜର ଭଡ଼ା ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଛି। ଏନେଇ ସଂଘ ପକ୍ଷରୁ ଭାଗୀରଥି ଆଚାର୍ଯ୍ୟ ସୂଚନା ଦେବା ସହ ରେଲୱେକୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ୨୩।୩।୨୦୨୧ରେ ଓଡ଼ିଶାରେ ସମସ୍ତ ଯାତ୍ରୀବାହୀ/ମେମୁ ପାସେଞ୍ଜର ଟ୍ରେନଗୁଡ଼ିକୁ ଦ୍ରୁତଗାମୀ ଘୋଷଣା କରାଯାଇଥିଲା। ତଦନୁଯାୟୀ ଅଦ୍ୟାବଧି ଗୋଟିଏ ଷ୍ଟପେଜରୁ ନିକଟବର୍ତ୍ତୀ ଷ୍ଟପେଜକୁ ଯିବା ପାଇଁ ସର୍ବନିମ୍ନ ଭଡ଼ା ଦ୍ରୁତଗାମୀ ଭାବେ ୩୦ଟଙ୍କା ଅସୁଲ ହେଉଥିଲା। ତେଣୁ ତୁରନ୍ତ ଏଭଳି ଶୋଷଣ ବନ୍ଦ କରିବାକୁ ସଂଘ ପକ୍ଷରୁ ନିବେଦନ ହୋଇଥିଲା।

ବାଇକ୍ ପୋଡ଼ି,ସରପଞ୍ଚଙ୍କ ନାମରେ ମାମଲା

ଆଳି, ୨୩।୨ (ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ ପତ୍ରପୁର ଗ୍ରାମରେ ଗତ ରାତିରେ ଏକ ବାଇକ୍‌କୁ ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କ ନାମରେ ଆଳି ଥାନାରେ ମାମଲା ରୁଜୁ ହୋଇଛି । ଏ ନେଇ ପତ୍ରପୁର ଗ୍ରାମର ବିଜୟ କୁମାର ପରିଡ଼ା ଆଳି ଥାନାରେ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ମାଆ ମଙ୍ଗଳା କମ୍ୟୁନିଟି ସେଣ୍ଟର କାର୍ଯ୍ୟ ଚାଲିଥିବା ବେଳେ ସରପଞ୍ଚ କାନନ ବିହାରୀ ପରିଡ଼ା ତାଙ୍କୁ ଧମକ ଚମକ ଦେଇଥିଲେ । ତାଙ୍କ ବିନା ଅନୁମତିରେ କିପରି କାର୍ଯ୍ୟ ହେଉଛି ତାହାକୁ ନେଇ ସେ ଗାଳି କରିଥିଲେ । ଗୁରୁବାର ରାତିରେ ସରପଞ୍ଚ ପରିଡା ଓ ମଳୟ ପରିଡା ତାଙ୍କୁ ଧମକ ଦେଇଥିଲେ। ସବୁଦିନ ପରି ଗତ ଗୁରୁବାର ରାତିରେ ତାଙ୍କ ବାଇକ୍ (ନଂ.ଓଡି ୨୯ଜେ ୧୬୨୭) ତାଙ୍କ ଭାଇଙ୍କ ଘରେ ଥିବା ବେଳେ ରାତି ପ୍ରାୟ ୨ ଟା ସମୟରେ ତାହା ଜଳୁଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଓ ଦମକଳ ସହାୟତାରେ ନିଆଁ ଲିଭାଇଥିଲେ କିନ୍ତୁ ବାଇକ୍‌ଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଛି । ଯେହେତୁ ସରପଞ୍ଚ ଓ ତାଙ୍କ ସହଯୋଗୀ କିଛିଦିନ ହେବ ତାଙ୍କୁ ଧମକ ଚମକ ଦେଉଛନ୍ତି ତେଣୁ ସେମାନେ ହିଁ ତାଙ୍କ ବାଇକ୍ ପୋଡିଥିବା ନେଇ ସେ ସନ୍ଦେହ କରି ଆଳି ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ଆଳି ପୋଲିସ ଏକ ମାମଲା (ନଂ.୧୫୬/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି । ଏ ସଂକ୍ରାନ୍ତରେ ସରପଞ୍ଚ ପରିଡ଼ାଙ୍କୁ ପଚାରିବାରୁ ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ପୋଲିସ ଠିକ ଭାବେ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେଉ। ଯଦି ସେ ଦୋଷୀ ହୋଇଥିବେ ତେବେ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି ।

ପୃଥକ୍ ଭାବେ ପାଳନ ହେଲା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ମାର୍ଶାଘାଇ, ୨୩।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଦୁଇ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ।

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜଳପୋକ ପଞ୍ଚାୟତରେ ଦୁଇ ଗୋଷ୍ଠୀ ପକ୍ଷରୁ ପୃଥକ୍ ଭାବେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଳପୋକ ଗାଁ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସୁକାନ୍ତି ମହାନ୍ତି ସଭାପତିତ୍ୱ କରି ଥିବାବେଳେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧକ୍ଷା ଉର୍ମିଳା ମହାନ୍ତି, ସାମାଜିକ କର୍ମୀ ଅଭ୍ରାହି ଭଞ୍ଜନ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ସନାତନ ନାୟକ, ପିଇଓ ଚନ୍ଦ୍ରଭାନୁ ବାରିକ ଓ ଜିଆରଏସ୍ ପବିତ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଅନ୍ୟ ଗୋଷ୍ଠୀ ପକ୍ଷରୁ ଜଳପୋକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ସମ୍ମାନୀତ ଅତିଥି ଭାବେ କରିଲୋପାଟଶା କଲେଜର ପୂର୍ବତନ ଅଧ୍ୟକ୍ଷ ଅରକ୍ଷିତ ସାମନ୍ତରାୟ, ପୂର୍ବତନ ସରପଞ୍ଚ ସୁକାନ୍ତ ସାହୁ, ବିଜୟ ମହାନ୍ତି, ଅମୀୟ ପରିଡ଼ା,ସମିତି ସଭ୍ୟା ପ୍ରତିନିଧି ଉତ୍ତମ ପଟ୍ଟନାୟକ, ଭରତ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗ ଦେଇ ନବୀନ ପଟ୍ଟନାୟକ ସରକାର ସାଢେ ୪ କୋଟି ଜନତାଙ୍କ ଆଶା ଭରସା ପାଲଟିଛି । ତେଣୁ ସମସ୍ତେ ତାଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ କରିଥିଲେ। ଅମରେନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମେଜର ଭରତ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିଲେ ।

ସୂଚନାଯୋଗ୍ୟ,ଗତ ବୁଧବାର ଏହି କାର୍ଯ୍ୟକ୍ରମ ପଞ୍ଚାୟତରେ ହେବାକୁ ସ୍ଥିର ହୋଇଥିବାବେଳେ ମଙ୍ଗଳବାର ରାତିରେ ବନ୍ଧାଯାଇଥିବା ଟେଣ୍ଟକୁ କେହି ଭଙ୍ଗାରୁଜା କରିଥିଲେ । ପରେ ଏହି କାର୍ଯ୍ୟକ୍ରମ ବାତିଲ ହୋଇଥିଲା । ଗୋଟିଏ ଗୋଷ୍ଠୀ ସରପଞ୍ଚଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କରିଥିବା ବେଳେ ଅନ୍ୟ ଗୋଷ୍ଠୀ ବିଧାୟିକାଙ୍କ ପ୍ରତିନିଧି ତଥା ଜିଲା ପରିଷଦ ସଭ୍ୟଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

ନିଖୋଜର ୪ ଦିନ ପରେ ମୃତଦେହ ଜବତ

ପଟ୍ଟାମୁଣ୍ଡାଇ, ୨୩।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର –ଜଗନ୍ନାଥପୁର ନିକଟ ବ୍ରାହ୍ମଣୀ ନଦୀରେ ଶୁକ୍ରବାର ସକାଳେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଚଉଦକୁଲାଟ ଫାଣ୍ଡିକୁ ଜଣାଇଥିଲେ । ଫାଣ୍ଡି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ମୃତଦେହ ଜବତ କରିଥିଲେ । ମୃତଦେହଟି ଇନ୍ଦୁପୁର ଧୂମାତ ଗ୍ରାମର ବାବନ ଚରଣ ସାହୁଙ୍କର ବୋଲି ଜଣାପଡିଛି । ଗତ ୧୯ ତାରିଖ ଦିନ ବାବନ ପାଳକୁ ଯାଇ ନିଖୋଜ ହୋଇଯାଇଥିଲେ । ଏ ସମ୍ପର୍କରେ ତାଙ୍କ ସାନପୁଅ ଶିବ ପ୍ରସାଦ ସାହୁ ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ନିଖୋଜ ବାବନଙ୍କ କୌଣସି ସନ୍ଧାନ ମିଳି ନ ଥିଲା । ନିଖୋଜ ହେବାର ୪ଦିନ ପରେ ନୀଳକଣ୍ଠପୁର ଜଗନ୍ନାଥପୁର ନିକଟ ବାଲିଘାଟରୁ ବାବନଙ୍କ ମୃତଦେହକୁ ଜବତ କରାଯାଇଛି ।

ଓଳାଭରରେ ବନ୍ଧାହେଲା ଭତ୍ତା,ବ୍ୟାଗ

ରାଜକନିକା, ୨୩।୨ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର କାଳୀପଡିଆଠାରେ ଆଜି ଏକ ସ୍ୱତନ୍ତ୍ର ସଭା ମାଧ୍ୟମରେ ୧୧ ପଞ୍ଚାୟତର ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ୧ହଜାର ଟଙ୍କା ଆଉ ୨ଟି ଲେଖା ଝୋଟ ବ୍ୟାଗ ବଣ୍ଟନ କରାଯାଇଛି। ଏଥିରେ ସୁବାସ ସାହୁ ଅଧକ୍ଷତା କରିଥିଲେ । ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ,ବିଡ଼ିଓ ପୁଥିରାଜ ପରିଡ଼ା, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରାଙ୍କ ସହ ବରୁଣା, ଓଳାଭର, ବଳରାମପୁର,ବରୁଣାଡିହା, ପାରିନୂଆପଡା, ହାବଳଗଣ୍ଡ, ନଝୁଣୀ, ପେଗରପଡ଼ା, ବାଘବୋଦା, ଭାରିଗଦା, ଜାଗୁଳାଇପଡା ପଞ୍ଚାୟତର ହିତାଧିକାରୀ ଉପସ୍ଥିତ ଥିଲେ। ସଭାରେ ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ସାମଲ ସଂଯୋଜନା କରିଥିଲେ।

ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ

ବିଧାୟକ ପ୍ରଶାନ୍ତ ମୁଦୁଲି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ନାଉଗାଁ, ୨୩।୨ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲିଙ୍କ ଦ୍ୱାରା ଶୁକ୍ରବାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ନିର୍ମାଣ ସରିଥିବା ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରାଯାଇଛି। ପ୍ରଥମେ ବିଧାୟକ ବ୍ଲକ କାର୍ଯ୍ୟାଳୟ ପରିସରରେ ନୂତନ ସମ୍ମିଳନୀ କକ୍ଷ ଓ ଔଷଧକଣା ପଞ୍ଚାୟତର ଅଙ୍ଗେଶ୍ୱରପଡ଼ାଠାରେ ଦେବୀ ନଦୀ ବାମପାର୍ଶ୍ୱରେ ଦେବୀ ଦୋଳ ବ୍ରିଜ୍‌ଠାରୁ ଅଙ୍ଗେଶ୍ୱରପଡ଼ା ପର୍ଯ୍ୟନ୍ତ ଥିବା ରାସ୍ତାର ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନାଉଗାଁ ପଞ୍ଚାୟତ ଅବଦଲପୁରଠାରେ ନିର୍ମାଣ ହୋଇଥିବା ୫୦ ହଜାର ଲିଟର ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ, ଶିଖର ପଞ୍ଚାୟତ ବିଲିପଡାଠାରେ ନିର୍ମାଣ ହୋଇଥିବା ୧ ଲକ୍ଷ ଲିଟର ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ, ଦାଣ୍ଡୁଆପଡିଆସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଥିବା ନୂତନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ମୁଦୁଲିଙ୍କ ସମେତ ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡ଼ା, ପଞ

ସଂକ୍ଷେପରେ

ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଫିରିଙ୍ଗିଆ,୨୩।୨(ବିକ୍ରମ ଦିଗାଲ):

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାରେ ଶୁକ୍ରବାର ନୂତନ ଥାନା ଅଧିକାରୀ ଭାବରେ ଗୋପୀନାଥ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। କଲେ । ସେ ପୂର୍ବରୁ ବୌଦ୍ଧ ଜିଲା କଣ୍ଡାମାଳ ଥାନା ଅଧିକାରୀ ଭାବର ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ ।

୨୨୫ଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ

ବାଲିଗୁଡ଼ା,୨୩।୨(ସଞ୍ଜୟ କୁମାର ପାଣିଗ୍ରାହୀ):

ସହରାଞ୍ଚଳରେ ସମସ୍ତଙ୍କ ପାଇଁ ଗୃହ ନୀତି ଓଡ଼ିଶା ପକ୍ଷରୁ ଲାଗୁ ହେବା ପରେ କନ୍ଧମାଳ ଜିଲା ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାଗୃହ ଠାରେ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ଉପଜିଲାପାଳ ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡା.ରୀନା ପ୍ରଧାନ, ଏନ୍‌ଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଏମପି ପ୍ରତିନିଧି ଟୁନା ଦାସ ଓ ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ ଉପସ୍ଥିତ ରହି ୨୨୫ ଜଣ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

ପୂର୍ବତନ ବାୟୁ ସେନା ଅଧିକାରୀଙ୍କ ବିୟୋଗ

ଦିଗପହଣ୍ଡି,୨୩।୨(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ସହର ଅନ୍ନପୂର୍ଣ୍ଣା ସାହି ବାସିନ୍ଦା ପୂର୍ବତନ ବାୟୁ ସେନା ଅଧିକାରୀ ପ୍ରଣବ କୁମାର ପଣ୍ଡା (୫୭)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି ଯକୃତ ସଂକ୍ରମଣ ରୋଗରେ ପୀଡିତ ହୋଇ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଦିଗପହଣ୍ଡି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ହରିକୃଷ୍ଣ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର। ପ୍ରଣବଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି। ଏନ୍‌ଏସି ନଗରପାଳ ପ୍ରଫୁଲ ପଣ୍ଡାଙ୍କ ସମେତ ସୂର୍ଯ୍ୟନାରାୟଣ ପଣ୍ଡା, ହରିକୃଷ୍ଣ ସାହୁ, ପି. ଗୋବିନ୍ଦ ପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ଶୈବପୀଠରେ ଅଧିଆ ପଡ଼ିଥିବା ବ୍ୟକ୍ତିଙ୍କ ଆତ୍ମହତ୍ୟା

ଗଞ୍ଜାମ,୨୩।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ସାତୁଳି ଗ୍ରାମ ନିକଟସ୍ଥ ମକରେଶ୍ୱର ମନ୍ଦିରରେ ଅଧିଆ ପଡିଥିବା ବ୍ୟକ୍ତି ଜଣଙ୍କ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ଭୋର ସମୟରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିବା ପାଇଁ ଶୈବପୀଠ ଅଭିମୁଖେ ଯାଉଥିବା ବେଳେ ଏକ ଗଛରେ ବେକରେ ରଶି ଲାଗି ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ରମ୍ଭା ଥାନାକୁ ଖବର ଦିଆଯାଇଥିଲା। ତଦନ୍ତ ପରେ ସେ ଗୋପାଳପୁର ଥାନା ଅନ୍ତର୍ଗତ ଖଜୁରିଆପଲ୍ଲୀ ଗ୍ରାମର ରାଜେନ୍ଦ୍ର ପ୍ରଧାନଙ୍କ ପୁଅ ଯୋଗେନ୍ଦ୍ର ପ୍ରଧାନ (୫୫) ବୋଲି ଜଣାପଡିଥିଲା। ବ୍ୟକ୍ତି ଜଣଙ୍କ ପ୍ରାୟ ୨୬ ଦିନ ହେଲା ଉକ୍ତ ଶୈବପୀଠରେ ଅଧିଆ ପଡିଥିବା ଅଞ୍ଚଳବାସୀ ପ୍ରକାଶ କରିଥିଲେ। ରମ୍ଭା ଥାନା ପକ୍ଷରୁ ତଦନ୍ତ କରାଯାଉଥିବା ବେଳେ ତାଙ୍କ ପରିବାର ବର୍ଗଙ୍କୁ ଖବର ଦିଆଯାଇଥିଲା।

ସପ୍ତାହେ ହେଲା ମିଳୁନି ପିଇବା ପାଣି

- ସମସ୍ୟା ଦେଇ ଗତିକରୁଛି ଦୁର୍ଗମ କୁଟୁଲାରୀ ଗାଁ
- ସାହି ସାହିକୁ ନାହିଁ ସଂଯୋଗୀକରଣ ରାସ୍ତା

ଦାରିଙ୍ଗବାଡି, ୨୩।୨(ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଦୁର୍ଗମ ଝିଞ୍ଜିରିଗୁଡା ପଞ୍ଚାୟତ କୁଟୁଲାରୀ ଗାଁରେ ଦେଖାଦେଇଛି ପିଇବା ପାଣିର ସମସ୍ୟା। ଗତ ଏକ ସପ୍ତାହ ହେଲା ଲୋକଙ୍କ ରୋଷେଇ ଶାଳାରେ ଜଳ କଷ୍ଟ ଦେଖିବାକୁ ମିଳିଛି। ଶୌଚ ପାଇଁ ତ ଦୂରର କଥା, ପୁନ୍ଦେ ପିଇବା ପାଣି ପାଇଁ ଗ୍ରାମବାସୀ ତହଲ ବିକଳ ହେଉଛନ୍ତି। ସରକାର ଘରେ ଘରେ ପିଇବା ପାଣି ପାଇଁ ପାଇପ ଯୋଗେ ଜଳ ଯୋଗାଣ କରୁଥିବା ବେଳେ ଝିଞ୍ଜିରୀଗୁଡା ପଞ୍ଚାୟତର କୁଟୁଲାରୀ ଗ୍ରାମ ସମେତ ଗଡ଼ମା, ବାଘପଦା ଆଦି ଅଞ୍ଚଳରେ ଏବେ ପାଣି ପାଇଁ ଲୋକେ କାନ୍ଦୁଛନ୍ତି।

ପ୍ରକାଶ ଯେ, ଗାଁଠାରୁ ପ୍ରାୟ ୩ କିମି ଦୂର ଗୁଣ୍ଡିଙ୍ଗ ପାହାଡ଼ରୁ ଝରଣା ପାଣି ସ୍ୱତ ପ୍ରବୃତ୍ତ ଭାବେ ବୋହିଯାଉଛି। ତାକୁ ବନ ବିଭାଗର ଓଟିଇଏଲପି (ଓଡିଶା ଜନଜାତି ସଶକ୍ତୀକରଣ ଜୀବନଜୀବିକା କାର୍ଯ୍ୟକ୍ରମ) ପକ୍ଷରୁ ପାହାଡ଼ ଉପରେ ଏକ କୁଣ୍ଡ କରାଯାଇ ଗ୍ରାମକୁ ପାଇପ ଯୋଗେ ଜଳ ଅଣାଯାଇ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ଜଳ ସଂଗ୍ରହ କରାଯଉଛି। ହେଲେ ଦିନକୁ ଦିନ ଜଳସ୍ତର କମିବା ସହ ଝର ଜଳର ସ୍ରୋତ କମିଯାଉଛି। ଏବେ ପ୍ରବଳ ଖରା ଯୋଗୁଁ ଜଳ ଆଉ ପାଇପରେ ଗାଁରେ ପହଞ୍ଚୁଯାଉନି। ଫଳରେ ଲୋକେ ପିଇବା ପାଣି ନପାଇ ହଇରାଣ ହେଉଛନ୍ତି। ଗାଁରେ ଏକାଧିକ ନଳକୂପ ରହିଥିଲେ ସୁଦ୍ଧା ପ୍ରାୟ ଅଚଳ ହୋଇପଡ଼ିରହିଛି। ଯେଉଁ ନଳକୂପରୁ ପାଣି ବାହାରୁଛି ତାହା ମଧ୍ୟ ବହୁ ବିଳମ୍ବରେ ଓ ଗୋଳିଆ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଗ୍ରାମରେ ପିଇବା ପାଣି ଟ୍ୟାଙ୍କର ଯୋଗେ ଯୋଗାଇଦେବା ସହ ସ୍ଥାୟୀ ସମାଧାନ କରି ବୋରୱେଲ ଖୋଳାଯାଇ ପାଇପ ଯୋଗେ ଜଳ ଯୋଗାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି କୁଟଲାରୀ ଗ୍ରାମରେ ଥିବା ସାହିକୁ ସାହି ସଂଯୋଗ ହେଉଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତା ଉପରେ ବଡ଼ ବଡ଼ ପଥରଗୁଡିକ ଯାତାୟତରେ ସମସ୍ୟା ହେଉଛି। ବିଶେଷ କରି ଦିବ୍ୟାଙ୍ଗ, ଛାତ୍ରୀଛାତ୍ର, ବୃଦ୍ଧା ବୃଦ୍ଧଙ୍କୁ ଯାତାୟତରେ ସମସ୍ୟା ହେଉଛି। ସେହିପରି ଗାଁରେ କୃଷକମାନଙ୍କ ପାଇଁ ଏକ ଦଶନ୍ଧି ଧରି କୋଲ୍ଡଷ୍ଟୋର ନିର୍ମାଣ କରାଯାଇଥିଲେ ସୁଦ୍ଧା ତାହା ତାଲା ଝୁଲୁଥିବା ଅଭିଯୋଗ ହୋଇଛି। ଗାଁରେ ବିଦ୍ୟୁତ ସମସ୍ୟା ଲାଗି ରହିଥିବା ବେଳେ ଷ୍ଟ୍ରିଟଲାଇଟ ଖଞ୍ଜା ଯାଇଥିଲେ ସୁଦ୍ଧା ପ୍ରାୟ ୫ ମାସ ହେଲା ଚାଲୁ କରାଯାଇନାହିଁ। ଫଳରେ ଅଞ୍ଚଳରେ ଅନ୍ଧାର ଯୋଗୁଁ ଅଞ୍ଚଳବାସୀ ସନ୍ଧ୍ୟା ହେଲେ ବାହାରିବାକୁ ଭୟ କରୁଛନ୍ତି। ତେଣୁ ତୁରନ୍ତ ଜଳ ଯୋଗାଣ ସହ ରାସ୍ତା ନିର୍ମାଣ, ବିଦ୍ୟୁତ ଆଲୁଅ ବ୍ୟବସ୍ଥା ଆଦି କରାଯିବାକୁ ଗାଁର ଦାଉଦ ମଲିକ, ସଲମାନ ମଲିକ ପ୍ରମୁଖ ଦାବି କରିଛନ୍ତି। ଏନେଇ ଗ୍ରାମୀଣ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ କ୍ଷୀରୋଦ ରାଉତ କହିଛନ୍ତି ଯେ, ଝିଞ୍ଜିରୀଗୁଡା ପଞ୍ଚାୟତର ସମସ୍ତ ଗ୍ରାମକୁ ମେଗା ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଛି। ଗଜପତି ଜିଲା ଅଡବାରୁ ପାଣି ଅଣାଯାଉଛି। ପାଇପ ବିଛା କାର୍ଯ୍ୟ ଚାଲିଛି। ଏବେ ଅଚଳ ଥିବା ନଳକୂପଗୁଡିକୁ ମରାମତି କରାଯିବ ବୋଲି ସେ କହିଛନ୍ତି।

ଦୁଇ ନାବାଳକ ନିଖୋଜ

ପାରଳାଖେମୁଣ୍ଡି, ୨୩।୨ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦର ୨ ନମ୍ବର ୱାର୍ଡ ଅନ୍ତର୍ଗତ ତେଲି ସୁଣିସାହି ଓ ତେଲିମେଲା ସାହିର ଦୁଇ ଜଣ ନାବାଳକ ଗତ ୨୦ ତାରିଖଠାରୁ ନିଖୋଜ ହୋଇଯାଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ଉଭୟ ହେଲେ ରୋହିତ କୁମାର ସାହୁ (୧୪) ଏବଂ ଏମ. ପବନକୁମାର (୧୪)। ରୋହିତ ମହେନ୍ଦ୍ରଗିରି ପୌର ସରକାରୀ ବିଦ୍ୟାଳୟରେ ପଢୁଥିବା ବେଳେ ପବନ କୁମାର ଜେଏନଭି ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଦୁଇ ଜଣ ୨୦ ତାରିଖ ରାତିରେ ପାଠପୁସ୍ତକ ମଗାମଗି ହୋଇ ପଢୁଥିଲେ। ପରେ କେଉଁଆଡ଼େ ଚାଲିଯାଇଛନ୍ତି। ଘରୁ କୌଣସି ଟଙ୍କା କିମ୍ବା ସାମଗ୍ରୀ ନେଇ ନଥିବା ବେଳେ ରୋହିତ ସଞ୍ଜୟ ରଖିଥିବା ମାତିପାତ୍ରକୁ ନେଇଯାଇଛନ୍ତି। ସେହିପରି ପବନ କୁମାର କିଛି ପୋଷାକ ନେଇଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ରୋହିତଙ୍କ ବାପା ଚନ୍ଦ୍ରଶେଖର ସାହୁ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ପବନଙ୍କ ବାପା ଏମ. ଗଣେଶ ଅଭିଯୋଗ କରିବେ ବୋଲି କହିଛନ୍ତି। ରୋହିତ ଓଡିଆ, ହିନ୍ଦୀ ଓ ତେଲୁଗୁ ଜାଣି ଥିବା ବେଳେ ପବନ ମଧ୍ୟ ସମାନ ଭାଷା ଜାଣିଛନ୍ତି । କୌଣସି ବ୍ୟକ୍ତି ଏମାନଙ୍କୁ ଦେଖିଲେ ନିକଟସ୍ଥ ପୋଲିସ ଷ୍ଟେସନ କିମ୍ବା ୬୩୭୨୩୬ ୬ ୩ ୫ ୨ / ୭ ୦ ୯ ୩ ୪ ୩ ୫ ୬ ୨ ୧ ନମ୍ବରରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି। ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି ଯେ, ଲିଖିତ ଅଭିଯୋଗ ପାଇଛୁ । ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।

ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

ମୋହନା, ୨୩।୨(ମନ୍ମଥନାଥ ମିଶ୍ର):

ମୋହନା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଷଷ୍ଠତମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡ଼ିଓ ସଭାପତିତ୍ୱ କରିଥିବାବେଳେ ବ୍ଲକରେ ଥିବା ସମସ୍ତ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ୩୯ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିବା ବେଳେ ଚନ୍ଦ୍ରଗିରି ଓ ମୋହନା ଜୋନର ଜିଲା ପରିଷଦ ଯୋଗ ଦେଇଥିଲେ। ବୈଠକ ଆରମ୍ଭରୁହିଁହୋହାଲ୍ଲା ଦେଖିବାକୁମିଳିଥିଲା। ବ୍ଲକର ଅଧିକାଂଶ ୫-ଟି ରୂପାନ୍ତରିତ ବିଦ୍ୟାଳୟରେ ବିଦ୍ୟୁତ ଅବ୍ୟବସ୍ଥା, ଶିକ୍ଷକ ଅଭାବ, ପାନୀୟଜଳ ଭଳି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଅଧିକାଂଶ ସମିତି ସଭ୍ୟ ଓ ସରପଞ୍ଚ ସେମାନଙ୍କ ପଞ୍ଚାୟତକୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ସେହିପରି ଅଧିକାଂଶ ପଞ୍ଚାୟତରେ ରାସ୍ତା, ପାନୀୟଜଳ, ଅଧାପନ୍ତରିଆ ପଡିରହିଥିବା ଅଙ୍ଗନୱାଡି କେନ୍ଦ୍ରକୁ ଚାଲୁ କରିବା ପାଇଁ ସମିତି ସଭ୍ୟ ଓ ସରପଞ୍ଚମାନେ ଉପସ୍ଥାପନା କରିଥିଲେ। ବ୍ଲକରେ ୬୩୦ଟି ଅଙ୍ଗନବାଡ଼ି କେନ୍ଦ୍ରରୁ ୨୬୨ଟି କେନ୍ଦ୍ର ଚାଲୁ ରହିଥିବା ବେଳେ ୩୨ଟି କେନ୍ଦ୍ର ବିଦ୍ୟାଳୟ ଘରେ ଚାଲୁ ରହିଥିବା ଓ ୧୨ଟି କେନ୍ଦ୍ର ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଠିକାଦାର ହସ୍ତାନ୍ତର କରି ନଥିବା ଅଭିଯୋଗ ହୋଇଥିଲା। ୧୦ଟି କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ଭଡ଼ା ଘରେ ରଖି ପାଠ ପଢ଼ାଉ ଥିବା କହିଥିଲେ ସିଡିପିଓ ଲଳିତା ମଲ୍ଲିକ। ଶେଷରେ ମୋହନା ସମିତି ସଭ୍ୟ ବାଳକୃଷ୍ଣ ମଲିକ ଗୋପାଳପୁର ଠାରୁ ରାୟଗଡ଼ାକୁ ମୋହନା ଦେଇ ରେଳ ସଂଯୋଗ କରିବା ପାଇଁ ଦାବି ଉପସ୍ଥାପନା କରିଥଲେ।

ଦିବ୍ୟାଙ୍ଗ ପ୍ରଶାନ୍ତଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀଙ୍କ ସହାୟତା

ପାଟପୁର,୨୩।୨(ସୀମାଞ୍ଚଳ ସାହୁ):

ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ଉସ୍ତା ଜଗନ୍ନାଥପୁର ଗ୍ରାମର ପ୍ରଶାନ୍ତ ସାହୁ ଜଣେ ଦିବ୍ୟାଙ୍ଗ। ଆର୍ଥିକ ଅନଟନ ଭିତରେ ଗତି କରୁଥିଲେ। ଗୁରୁବାର ଧରାକୋଟ ବ୍ଲକରେ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନିଜର ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ଜନିତ ଆର୍ଥିକ ସହାୟତା ପାଇଁ ଦରଖାସ୍ତ ଦେଇଥିଲେ। ଶୁକ୍ରବାର ସକାଳେ ସାନଖେମୁଣ୍ଡି ବ୍ଲକ୍ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ୫-ଟି ବିଭାଗର ସ୍ୱୀକୃତି କ୍ରମରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଡିରୁ ତାଙ୍କୁ ୩୦ ହଜାର ଟଙ୍କାର ଅର୍ଥ ରାଶି ବ୍ଲକ୍ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ଏହି ଅବସରରେ ରାଧାଦେଇପୁର ସରପଞ୍ଚ ଡି.ରାକେଶ ପାତ୍ର, ଜିଲା ପରିଷଦ ସଭ୍ୟା ପ୍ରତିନିଧି ଶଙ୍କର୍ଷଣ ସ୍ୱାଇଁ ଉପସ୍ଥିତ ଥିଲେ।

ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ପାଟପୁର,୨୩।୨(ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଟିଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୮୬ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ମଧୁବାବୁ ପେନସନ ୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସୀମାଞ୍ଚଳ ପାତ୍ର ଯୋଗ ଦେଇଥିଲେ। ସରପଞ୍ଚ ସୀମାଞ୍ଚଳ ଗୌଡ଼, ନାଏବ ସରପଞ୍ଚ ସୁନିତା ଗୌଡ଼, ଗ୍ରାମସେବକ ପି. ରାମପ୍ରସାଦ ପୁଷ୍ଟି, ଜିଆରଏସ ଶିବରାମ ସାହୁ, ଯୋଗାଣ ସହାୟିକା ରିଙ୍କି ମହାରଣା, ବିଜୟ ନାୟକ ଏବଂ ପଟିଗୁଡା ଗ୍ରାମ ପଞ୍ଚାୟତର ସମସ୍ତ ହିତାଧିକାରୀ ଉପସ୍ଥିତ ଥିଲେ।

ମା'ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

ଦାରିଙ୍ଗବାଡି, ୨୩।୨ (ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡିଠାରେ ମା'ଠାକୁରାଣୀଙ୍କ ଯାତ୍ରା କରାଯିବା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଟିଡ଼ିସିସି ସଭାଗୃହ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଠାକୁରାଣୀ ଯାତ୍ରା ପୂଜା କମିଟିର ସଭାପତି ଲତୁକିଶୋର ସାହୁଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମା'ଠାକୁରାଣୀଙ୍କ ମନ୍ଦିରରୁ ଆଜ୍ଞା କୁମ୍ଭ ଶୋଭାଯାତ୍ରାରେ ବୈଠକ ସ୍ଥଳକୁ ଅଣାଯାଇଥିଲା। ପୂଜକ ରବି ମଲିକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଆସନ୍ତା ମାର୍ଚ୍ଚ ୨୭ରେ ଶୁଭଖୁଣ୍ଟି ସ୍ଥାପନ କରାଯିବା ପାଇଁ ନିଷ୍ପତି ନିଆଯିବା ସହ ଆସନ୍ତା ଚୈତ୍ର ମାସର ଶେଷ ମଙ୍ଗଳବାର ଏପ୍ରିଲ ୨୩ ଠାରୁ ମା'ଙ୍କ ଯାତ୍ରା ଆରମ୍ଭ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହା ମେ' ୭ ରେ ପୂର୍ଣ୍ଣାହୁତି ହେବ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ଘଟ ପରିକ୍ରମା ପ୍ରତେକ ସାହିରେ କରାଯିବା ଆଦି ଆଲୋଚନା କରାଯାଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଭଗବାନ ସାହୁ, ଶିବଶଙ୍କର ସାହୁ, ବାପୁଜୀ ମିଶ୍ର, ଅବନୀ ସାହୁ, ଦୀପକ ସାହୁ, ଅମରେଶ ସାହୁ, ମନୋଜ ସାହୁ, ରଞ୍ଜିତ କୁମାର ସେନାପତି, ବାବୁଲି ସାହୁ, କୀର୍ତ୍ତି ଚନ୍ଦ୍ର ସାହୁ, ରୋଶନ ସାହୁ, ଆଇନଜୀ ଉମେଶ କର, ପ୍ରଦୀପ ସାହୁ, ପତିତପାବନ ରାଉତ, ସରପଞ୍ଚ ଚନ୍ଦ୍ରିକା ମଲିକ, ଅରୁଣ ପ୍ରଧାନ,ଅଇସନ୍ୟ ମଲିକ, ନନ୍ଦିନୀ ମଲିକ, ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

ଗ୍ରାମ୍ୟସ୍ତରୀୟ ଶିଶୁସୁରକ୍ଷା କମିଟିର କର୍ମଶାଳା

ପାରଳାଖେମୁଣ୍ଡି, ୨୩।୨ (ଗିରିଧାରୀ ପରିଛା):

ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ଲକ୍ଷ୍ମୀପୁର ପଞ୍ଚାୟତ ଅନ୍ତର୍ଗତ ତିତିଲି ଗ୍ରାମରେ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେଶନ ସହାୟତା ଓ ସିସି ସହଯୋଗରେ ଏକ ଗ୍ରାମ୍ୟସ୍ତରୀୟ ଶିଶୁସୁରକ୍ଷା କମିଟିର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ସରପଞ୍ଚ ସନ୍ଧ୍ୟାସୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ, କିପରି ଏହି କମିଟି ଗ୍ରାମରେ ଥିବା ପ୍ରତ୍ୟେକ ଶିଶୁର ଯତ୍ନ ଓ ସୁରକ୍ଷା ଦିଗରେ କାର୍ଯ୍ୟ କରିବ ଓ ଶିଶୁ ସୁରକ୍ଷା କମିଟିର ସଦସ୍ୟମାନଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି କମିଟି ପ୍ରତ୍ୟେକ ୩ ମାସକୁ ଥରେ ବୈଠକ କରାଯାଇ ଶିଶୁଙ୍କ ବିଷୟରେ ଆଲୋଚନା କରାଯିବା ସହ ସରକାରଙ୍କ ବିଭିନ୍ନ ଯୋଜନାରେ କିପରି ଅବହେଳିତ ଶିଶୁମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା। ଗ୍ରାମରେ ବାଲ୍ୟବିବାହ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣ ଇତ୍ୟାଦିକୁ କିପରି ରୋକାଯାଇ ଗ୍ରାମକୁ କିପରି ଏକ ଆଦର୍ଶ ଗ୍ରାମ/ ଶିଶୁମିତ୍ର ଗ୍ରାମ/ ଶିଶୁମିତ୍ର ପଞ୍ଚାୟତ ଗଠନ କରିବା ସେହି ଦିଗରେ ଗ୍ରାମବାସୀ ଓ କମିଟି ମିଳିତ ଉଦ୍ୟମରେ ଆଗକୁ ନେବା ସହ ଏକ ଶପଥପାଠ କରାଯାଇଥିଲା । ଏଥିରେ ଆଶା, ଅଙ୍ଗନବାଡି କର୍ମୀ, ସିଆରପି, ଗ୍ରାମର ମୁଖିଆ, ଗ୍ରାମର ଜ୍ଞାନ, ସମାଜର ମୁଖିଆ, ଏମବିକେ, ୱାର୍ଡ-ମେମ୍ବର, ଶିକ୍ଷକ, ଏସଏଚଜି ମହିଳା ସଂଘ, କିଶୋର ଓ କିଶୋରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିସିଡିର ସମ୍ପାଦକ ଏ. ଜଗନ୍ନାଥ ରାଜୁ ପରିଚାଳନା କରିଥିବା ବେଳେ ଦେବାଶିଷ ପାଇକ, ଶଙ୍କର ନାୟକ ଓ ସରିତା ପଟ୍ଟନାୟକ ପରିଚାଳନା କରିଥିଲେ।

ପ୍ରତାରକ ପ୍ରେମିକ ଫେରାର, ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡ଼ିତା

ଖଜୁରିପଡ଼ା,୨୩।୨(ବିଦୁର ବେହେରା)

ପ୍ରେମିକ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ନେଇ ଗତ ଜାନୁୟାରୀ ୨୩ ତାରିଖରେ ଖଜୁରିପଡ଼ା ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ। ମାସକ ପରେ ବି ପୋଲିସ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରିପାରି ନ ଥିବାରୁ ପୀଡ଼ିତା ଜଣଙ୍କ ଥାନାର

ଯାତ୍ରୀବାହୀ ପାସେଞ୍ଜର ଭଡ଼ା କମିଲା

ହଟିଲା ଦ୍ରୁତଗାମୀ ଭଡ଼ା ଆଦାୟ

ଯାଜପୁର,୨୩।୨(ହର୍ଷବର୍ଦ୍ଧନ ବେହେରା)

କରୋନା ଲକ୍‌ଡାଉନ୍ ସମୟରୁ ଓଡ଼ିଶାର ସମସ୍ତ ଯାତ୍ରୀବାହୀ ଓ ମେମୁ ପାସେଞ୍ଜର ଟ୍ରେନଗୁଡ଼ିକୁ ସ୍ପେଶାଲ/ଦ୍ରୁତଗାମୀ କରାଯାଇ ସାଧାରଣ ଜନତାଙ୍କଠାରୁ ଦ୍ରୁତଗାମୀ ଭଡ଼ା ଆଦାୟ ହେଉଥିଲା । ରେଳୱେର ଏଭଳି କାର୍ଯ୍ୟ ବିରୋଧରେ କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ରାଷ୍ଟ୍ରପତି ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ୨୬।୧।୨୦୨୪ରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏନେଇ ଧରିତ୍ରୀରେ ଏକାଧିକ ଖବର ପ୍ରକାଶ ପାଇଥିଲା । ଏହାର ପ୍ରଭାବରେ ଶୁକ୍ରବାରଠାରୁ ମେମୁ, ଡେମୁ ଓ ପାସେଞ୍ଜର ଟ୍ରେନଗୁଡିକ ସମସ୍ତ ଷ୍ଟେସନରେ ରହଣୀ କରିବା ସହ ପେସେଞ୍ଜର ଭଡ଼ା ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଛି । ଏନେଇ ସଂଘ ପକ୍ଷରୁ ଭାଗୀରଥି ଆଚାର୍ଯ୍ୟ ସୂଚନା ଦେବା ସହ ରେଲୱେକୁ କୃତଜ୍ଞତା ଜଣାଇଛନ୍ତି ।

ସୂଚନାଯୋଗ୍ୟ ଯେ ୨୩।୩।୨୦୨୧ରେ ଓଡ଼ିଶାରେ ସମସ୍ତ ଯାତ୍ରୀବାହୀ/ମେମୁ ପାସେଞ୍ଜର ଟ୍ରେନଗୁଡ଼ିକୁ ଦ୍ରୁତଗାମୀ ଘୋଷଣା କରାଯାଇଥିଲା । ତଦନୁଯାୟୀ ଅଦ୍ୟାବଧି ଗୋଟିଏ ଷ୍ଟପେଜରୁ ନିକଟବର୍ତ୍ତୀ ଷ୍ଟପେଜକୁ ଯିବା ପାଇଁ ସର୍ବନିମ୍ନ ଭଡ଼ା ଦ୍ରୁତଗାମୀ ଭାବେ ୩୦ଟଙ୍କା ଅସୁଲ ହେଉଥିଲା । ତେଣୁ ଦୁରନ୍ତ ଏଭଳି ଶୋଷଣ ବନ୍ଦ କରିବାକୁ ସଂଘ ପକ୍ଷରୁ ନିବେଦନ ହୋଇଥିଲା । ଅନ୍ୟପକ୍ଷେ ଯାଜପୁର ରୋଡ୍ ରେଳଷ୍ଟେଶନର ଦକ୍ଷିଣ ରେଳ ଫାଟକ ନିକଟରେ ଏକ ଫ୍ଲାଏଓଭର ବ୍ରିଜ୍ ଓ ଗଳିପୋଲ ସମେତ ଗୋପବନ୍ଧୁ ଛକ ନିକଟରେ ମଧ୍ୟ ଏକ ଗଳିପୋଲ ନିର୍ମାଣ ହେବ ବୋଲି ସୂଚନା ମିଳିଛି । ପ୍ରଧାନମନ୍ତ୍ରୀ ଆସନ୍ତା ୨୬ ତାରିଖରେ ଏହି ୩ଟି ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଏହି ସୂଚନା ସମ୍ପର୍କରେ ସରକାରୀ ଭାବେ କୌଣସି ତଥ୍ୟ ହାସଲ ହୋଇ ନ ଥିବାବେଳେ ଏ ନେଇ ବ୍ୟାସନଗର ସହରରେ ଚର୍ଚ୍ଚା ହେଉଛି । ବର୍ତ୍ତମାନ ସାଇ ମନ୍ଦିର ନିକଟରେ ଥିବା ରେଳ ଫାଟକ ପ୍ରାୟ ୧୦୦ ମିଟର ଦୂର କଟକ ପଟକୁ ସ୍ଥାନାନ୍ତର ହୋଇଛି । ପୂର୍ବରୁ ଥିବା ଫାଟକ ନିକଟରେ ନୂଆ ରେଳଲାଇନ କାମ ଚାଲିଥିବାରୁ ଲୋକଙ୍କ ଯାତାୟାତ ବ୍ୟାହତ ହୋଇଛି । ଏହି ଫାଟକର ଅପରପାର୍ଶ୍ୱରେ ଯାଜପୁର ସହର ରହିଥିବାବେଳେ ଅନ୍ୟପଟେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ନରସିଂହ ଚୌଧୁରୀ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରାଣୀ ଚିକିତ୍ସାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୋଶାଳା ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗ କାର୍ଯ୍ୟ କରୁଛି । ଏହାବାଦ ଏହି ପାର୍ଶ୍ୱ ଦେଇ ଖରସ୍ରୋତା ନଦୀକୂଳବାସୀ ଯାଜପୁର ରୋଡ୍‌କୁ ବ୍ୟବସାୟ କରିବାକୁ ଆସିଥାନ୍ତି । ଫାଟକ ବନ୍ଦ ରହିଲେ ଏହି ରାସ୍ତା ଉପରେ କାର, ବାଇକ, ଟ୍ରକ୍ ଆଦି ଯାନଗୁଡ଼ିକର ଭିଡ଼ ଲାଗି ରହିଥାଏ । ଏବେ ପୁଣି ନୂତନ ରେଳପଥ ନିର୍ମାଣ ଚାଲିଥିବାରୁ ଉକ୍ତ ରାସ୍ତା ଅତି ସଙ୍କୁଚିତ ହୋଇଯାଇଛି । ଏହି ଫାଟକ ନିକଟରେ ଏକ ରେଳ ଓଭର ବ୍ରିଜ(ଆର୍ଓବି) କିମ୍ବା ଏହାର ବିକଳ୍ପ ଭାବେ ରେଳ ଅଣ୍ଡର ବ୍ରିଜ(ଆରୟୁବି) ନିର୍ମାଣ କରିବାକୁ ରେଳୱେ ବୋର୍ଡ ପକ୍ଷରୁ ପୂର୍ବରୁ ୮୧.୭୮ କୋଟି ଟଙ୍କା ମଞ୍ଜୁର ହୋଇଛି । ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ହୋଇ ପାରି ନ ଥିବାରୁ ଓଭରବ୍ରିଜ ପ୍ରକଳ୍ପ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ । ଅନ୍ୟପକ୍ଷେ ଗୋପବନ୍ଧୁ ଛକ ନିକଟରେ ଗଳିପୋଲ ନିର୍ମାଣ କରିବାକୁ ବ୍ୟାସନଗର ତହସିଲ ପକ୍ଷରୁ ଜମି ଚିହ୍ନଟ କରାଯାଇଛି । ଏହି ଜମି ଅଧିଗ୍ରହଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜମି ମାଲିକଙ୍କ ମତାମତ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି ।

ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପିତ

ଆଭାସି ମାଧ୍ୟମରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଯାଜପୁରରୋଡ୍,୨୩।୨(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସହରର ରାଜୀବ ଗାନ୍ଧୀ ଷ୍ଟାଡିୟମ ପରିସରରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଶୁକ୍ରବାର ଲୋକାର୍ପିତ ହୋଇଛି । ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହି ଷ୍ଟାଡିୟମର ଲୋକାର୍ପଣ କରିଛନ୍ତି । ଉତ୍ସବରେ କୋରେଇ ବିଧାୟକ ଅଶୋକ ବଳ, କଳିଙ୍ଗନଗର ଅତରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲା ମୁଖ୍ୟ ପ୍ରକଳ୍ପ ଅଧିକାରୀ ଅଶୋକ ବେଉରିଆ, ଜିଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ, ବ୍ୟାସନଗର ପୌରାଧକ୍ଷ୍ୟା ସଙ୍ଗୀତା ପିଙ୍ଗୁଆ, ଉପାଧକ୍ଷ ସୁବାସ ଚନ୍ଦ୍ର ବଳ, ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ବିଧାୟକଙ୍କ ପ୍ରତିନିଧି ଅମୂଲ୍ୟ ନାୟକ, ନଗର ବିଜେଡି ସାଧାରଣ ସମ୍ପାଦକ ମହେଶ ଧଳ ଓ କାଉନସିଲର ଶିବାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଯୋଗ, ବ୍ୟାୟାମ ପାଇଁ ଅତ୍ୟାଧୁନିକ ସରଞ୍ଜାମ, ପୁରୁଷ ଓ ମହିଳାଙ୍କ ପାଇଁ ଚେଞ୍ଜି ରୁମ, ଶୌଚାଳୟ ଏବଂ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ରହିଛି । ଷ୍ଟାଡିୟମ ଦ୍ୱାରା ଅଞ୍ଚଳର ବହୁ କ୍ରୀଡ଼ାବିତ, ଛାତ୍ରୀଛାତ୍ର ଉପକୃତ ହେବେ । ତୃଣମୂଳସ୍ତରରେ କ୍ରୀଡ଼ା କ୍ଷେତରେ ସଫଳତା ପାଇବାରେ ଷ୍ଟାଡିୟମ ସହାୟକ ହେବ ବୋଲି ବିଧାୟକ ବଳ କହିଥିଲେ ।

ମହିଳା ସମାବେଶ, ହସ୍ତତନ୍ତ ବସ୍ତ୍ର ବଜାର ଉଦ୍‌ଘାଟିତ

ରସୁଲପୁର,୨୩।୨(ରଞ୍ଜତ ରାଉତ)

ରସୁଲପୁର ବ୍ଲକ ପ୍ରଥମାଖଣ୍ଡ ପଞ୍ଚାୟତ ଗୋପାଳପୁର ଗାଁର ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ମହିଳା ସମାବେଶ ଓ ହସ୍ତତନ୍ତ ବସ୍ତ୍ର ବଜାର ଉଦ୍‌ଘାଟିତ ହୋଇଯାଇଛି । ୭୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନଶକ୍ତି କାଫେ, ଯାତ୍ରୀ ଶୌଚାଳୟ, ହସ୍ତକଳାରେ ନିର୍ମିତ ସାମଗ୍ରୀ ପ୍ରଦର୍ଶିତ ହେବା ପାଇଁ ୧୦ ଗୃହ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି ।

ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲଙ୍କ ପୌରୋହିତ୍ୟରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ହସ୍ତତନ୍ତ ବଜାର ସମେତ ଅନ୍ୟାନ୍ୟ ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ । ମୁଖ୍ୟଅତିଥି ଭାବରେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବରୀର ବିକାଶ ଗାଥା ବଖାଣି ଥିଲେ । ସମ୍ମାନିତ ଅତିଥି ଭାବରେ ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ ରାଉତ, ଉପାଧକ୍ଷା ଜୟନ୍ତି ଦାଶ, ଯାଜପୁର ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ବରୀ ବ୍ଲକ ଉପାଧକ୍ଷା ଅର୍ଚ୍ଚନା ମଲିକ, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ ରାଉତ, ୩୫ନମ୍ବର ଜିଲାପରିଷଦ ସଦସ୍ୟା ଶଶିରେଖା ପୃଷ୍ଟି, ପ୍ରଥମାଖଣ୍ଡି ସରପଞ୍ଚ ଦୁର୍ଗା ଦାସ, ଜ୍ୟୋସ୍ନା ନାଥ ଓ ଗଣେଶ ମହାକୁଡ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ବରୀ ନିର୍ବାଚନମଣ୍ଡଳୀ ଅଧୀନ ସରପଞ୍ଚମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଉକ୍ତ ସମାରୋହରେ ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୭ ପଞ୍ଚାୟତ ମଧ୍ୟରୁ ୩୨ ପଞ୍ଚାୟତର ଜନପ୍ରତିନିଧିଙ୍କୁ ବିଧାୟିକା ଏକାଠି କରି ନିଜର ପଡିଆରା ଜାହିରି କରିଥିଲେ । ପରେ ବିଧାୟିକା ତାଙ୍କର ୫ବର୍ଷ କାର୍ଯ୍ୟକାଳର ହିସାବ ଉପସ୍ଥାପନ କରିଥିଲେ । ଯାଜପୁର ଜିଲା ବିଜେଡି ଉପସଭାପତି ବେଣୁଧର ଦାସ ଓ ଅନ୍ୟବକ୍ତାମାନେ ବଜାରର ଉନ୍ନତିକରଣ ନିମନ୍ତେ ଅତିଥିଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଶ୍ରମିକ ନେତା ପ୍ରଦୀପ ଦାସ ଧନ୍ୟବାଦ ଦେଇଥିଲେ ।

ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥି ।

ଝୁମ୍ପୁରା,୨୩।୨(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ଜାଫରପୁର ପଞ୍ଚାୟତ ଚାଉଳିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ତଥା ପାଲଟପୁରର ପ୍ରଥମ ସରପଞ୍ଚ ଭାଗିରଥି ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଚାଉଳିଆଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କଂଗ୍ରେସ ନେତା ତଥା ଦଳର ପ୍ରଚା କମିଟି ଅଧକ୍ଷ ବିଜୟ ପଟ୍ଟନାୟକ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ଏମ୍‌ପି ତଥା କଂଗ୍ରେସ ଶ୍ରମିକ ୟୁନିୟନ ନେତା ରାମଚନ୍ଦ୍ର ଖୁଣ୍ଟିଆ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ।

ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଯୋଗଦେଇଥିବା ନେତାମାନେ ଭାଗିରଥି ସରପଞ୍ଚଭାବେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିବାବେଳେ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ ଥିଲା ବୋଲି କହିଥିଲେ । ଅନ୍ୟତମ ଅତିଥିଭାବେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ସନ୍ତୋଷ ନନ୍ଦ, ବିଷ୍ଣାରପୁର କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ରଞ୍ଜିତା ରାଉତ, ଦେବେନ୍ଦ୍ର ପଣ୍ଡା, ଭରତ ଚନ୍ଦ୍ର ପରିଡ଼ା, ଯୁବନେତା ଇନ୍ଦ୍ରଜିତ ଦାସ, ଜିଲା କଂଗ୍ରେସ ଉପସଭାପତି ଚନ୍ଦ୍ରଶେଖର ସାହୁ ଓ ପାଲଟପୁର ସରପଞ୍ଚ ଲିଯିକା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ମଙ୍ଗଳପୁରରୁ ଚାଉଳିଆ ଯିବା ବାଟରେ କସବା ଗ୍ରାମର ସାମାଜିକ କର୍ମୀ ଶରତ ସାହୁଙ୍କ ଏକ ପ୍ରତିମୂର୍ତ୍ତିକୁ ମଧ୍ୟ ବରିଷ୍ଠ ନେତାମାନେ ଉନ୍ମୋଚନ କରିଥିଲେ ।

NAYAGARH (AUTONOMOUS) COLLEGE, NAYAGARH

Ph.: 06753-252234(O), Website: www.ngrautocol.ac.in
e-mail: ngrautcol@yahoo.co.in

NOTICE

Faculty required on contractual basis for M.COM & MA in ODIA Course. Minimum qualification 55% marks PG Level with NET / M.Phil. / Ph.D. (Age- below 42 yrs.). Send C.V. & other details through post within 10 days to the undersigned superscripting on the envelope "BIO DATA".

Sd./- (A K Nayak)
Principal-cum-Secretary

JDCA
JD Centre of Art

NOTICE INVITING TENDER

JD Centre of Art (JDCA), a museum with approx. 40,000 Sft built-up area located on an 1 acre land at A5 Jagamara, Bhubaneswar 751030, Odisha, is inviting sealed Tender for the following works:

S. No	Work	Value (₹)	Submission Deadline
1	Tiling: Floor & wall 18,000 sft area	₹ 19,00,000/-	11-03-2024
2	Painting & finishing 37,000 sft area	₹ 10,00,000/-	16-03-2024
3	Plumbing: Basement,GF & site	₹ 54,00,000/-	11-03-2024
4	Solar Plant (25KW) (Off-Grid System)	₹ 15,00,000/-	11-03-2024
5	Transformer (250 KVA 11/.4 Kv)	₹ 8,00,000/-	04-03-2024

Interested firms/parties should:
1.Submit the tender fee of Rs. 1,500/- by DD or Cheque in Favour of **JDCA Building Block A**, Payable at Bhubaneswar. Submit **Sealed Tender** and EMD of 2% of quoted amount: Online payment favouring "**JDCA Building Block A**" payable on the date of submission of tender, A5 Jagamara, NH5 (next to Hotel Kharavela), Khandagiri, Bhubaneswar 751030, as per tender instructions before the submission deadline.
2. For queries & tender documents:
spaces@jdcentreofart.org or contact@jdcentreofart.org
T: 0674 2951179, +91 9310322133, +91 8582926548

द.पू. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଏସ୍, ଦକ୍ଷିଣ ପୂର୍ବ ରେଳପଥ, ରାଉରକେଲା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏଭଳି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଏସ୍-ଆରଓୟୁ-୦୫-୨୦୨୩-୨୪, ତାରିଖ: ୨୨।୦୨।୨୦୨୪। କାର୍ଯ୍ୟର ବର୍ଣ୍ଣନା: ଇଏଲ୍‌ଏସ୍/ରାଉରକେଲାର ପୂର୍ବରୁ ପିୟୁ ପେଣ୍ଡେଡ୍ ବୈଦ୍ୟୁତିକ ଲୋକୋମୋଟିଭ୍‌ଗୁଡ଼ିକର ପିୟୁ ପେଣ୍ଡିଂ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୬୬,୯୩,୧୨୦। ଅମାନତ ରାଶି: ₹୧,୩୩,୯୦୦। ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୦।୦୩।୨୦୨୪ରିଖ ୧୧.୦୦ ଘଡ଼ିକା। ୱେବ୍‌ସାଇଟ୍ ସବିଶେଷ ଏବଂ ବିବରଣୀ: http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ। (PR-1165)

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ.69/ET/SBP/ENGG/2023-24, ତା.16.02.2024ରିଖ

(1)ଇ-ଟେଣ୍ଡର ନଂ.44-eT-SDENC-SBP-23

କାର୍ଯ୍ୟର ନାମ: ଏୟାରମାର(Airmar) ଇକୋ ରେଞ୍ଜ SS510 ସ୍ମାର୍ଟ ସେନ୍ସର ଜିନ୍ସ ଅନୁରୂପ ଉପକରଣ ଦ୍ୱାରା "ସୋନାର ଇକୋ-ରେଞ୍ଜ ଟେକ୍ନୋଲୋଜି" ବ୍ୟବହାର କରି ସମ୍ବଲପୁର ମଣ୍ଡଳର ସମ୍ବଲପୁର-ହାରାଭୂଦ ସେକ୍ସନ ମଧ୍ୟରେ କି.ମି.569.014 ଠାରେ ପୋଲ ନଂ.77 ର ମୂଳଭିତ୍ତିଗୁଡ଼ିକର "ନିରନ୍ତର Scour ନିରୀକ୍ଷଣ" ପରିତାକ୍ତା ଏବଂ ନିରନ୍ତର ନିରୀକ୍ଷଣ ତାତ୍ତା ଦାଖଲ କରିବା, ବିଶ୍ଳେଷଣ ଏବଂ ନିରନ୍ତର Scour ନିରୀକ୍ଷଣ ତାତ୍ତାର ବିଶ୍ଳୁତ ରିପୋର୍ଟଗୁଡ଼ିକର ପ୍ରସ୍ତୁତି/ଦାଖଲ କରିବା, ଆଲାର୍ମ/SMS ଆଲର୍ଟ ସୃଷ ି କରିବା ତଥା ଗ୍ରାଉଣ୍ଡ ଷ୍ଟରରୁ ରିପୋର୍ଟଗୁଡ଼ିକର ସତ୍ୟାପନ କରିବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 16,54,939.25, ଇଡ୍ ସିକ୍ୟୁରିଟି (₹): 33,100/- ।

(2)ଇ-ଟେଣ୍ଡର ନଂ.52-eT-SDENC-SBP-23

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଦେବଦହାଲ-ବରଗଡ଼ ରୋଡ୍ ସେକ୍ସନରେ କି.ମି.598/0-5 ଠାରେ ପୋଲ ନଂ. 160 DN (ସାନ୍ 8x24.4m) ର ଇନ୍‌ଭେଷ୍ଟିଗେସନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 49,44,478.03/-, ଇଡ୍ ସିକ୍ୟୁରିଟି (₹): 98,900/- ।

କାର୍ଯ୍ୟ ଶେଷ ହେବା ଅବଧି: 04 (ଚାରି)ମାସ (ଭ୍ରମ ନଂ.1 ପାଇଁ) ଏବଂ 08 (ଆଠ)ମାସ (ଭ୍ରମ ନଂ.2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.11.03.2024ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ ଜିନ୍ସ ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଖିତ ଭାବେ ବ୍ଲୁସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଖିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ ଜାରଜାତ ନିଖିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ସମ୍ବଲପୁର

PR-1113/O/23-24

OFFICE OF THE E.R.O.-CUM-SUB COLLECTOR, CUTTACK

Ph:0671-2507626, 0671-2997626
Mail: subcollectorctc@nic.in, subcollectorctc@gmail.com
No.1982/Elec. Date:22.2.24

TENDER CALL NOTICE

Sealed tenders in the prescribed format are invited from the intending Suppliers/Dealers/Manufacturers/ Sellers/ Firms/ Company/ Authorised Agencies for supply of goods and services as per "Annexure-I" as required for forthcoming Simultaneous General Election-2024 in Cuttack Sub-Division.

The sealed tenders should reach to the Sub-Collector Office, Cuttack by **Registered Post/ Speed Post** only on or before 29.02.2024 by 5.00 P.M and it will be opened on 01/03/2024 in the Conference Hall of Sub-Collector, Cuttack in presence of members of Purchase Committee and Bidders or their authorized agents. The tender should be submitted in two Bids i.e. (General Bid in Cover No.-'A' & Financial Bid in Cover No.-'B') both kept in Cover No.-'C' super scribed as Tender for Hiring of Tents, Furniture & Fixture etc.' as per the Terms and Conditions attached with the Tender Call Notice.

The Tender Papers along with the details of specification of the articles will be available in the Website www.cuttack.nic.in from date 23-02.2024 to 29.02.2024 and can be downloaded from the website.

(i) Last Date of Submission of Tender : 29/02/2024 at 5.00 P.M.
(ii) Date of Opening of General Bid : 01/03/2024 at 11.00 A.M.
(iii)Date of Opening of Financial Bid : 01/03/2024 at 4.00 P.M.

The Earnest Money (EMD Cost) of Rs.1,00,000/-(Rupees One Lakh) only is to be deposited in shape of Bank Draft drawn in favour of the Sub-Collector, Cuttack payable at Cuttack from any Nationalized Bank along with tender documents. Transfer or adjustment of E.M.D. will not be entertained. Shortfall of any required document, EMD will not be entertained and the tender paper will be liable for rejection. **NO TENDERS WILL BE RECEIVED BY HAND.** The undersigned will not be held responsible for any delay in postal service.

Sd./- E.R.O.-CUM-Sub-Collector, Cuttack

ODISHA TRIBAL DEVELOPMENT SOCIETY (OTDS) No.CAD-4259
(A Society under ST & SC Development Department, Govt. of Odisha)
No.32/OTDS 22.02.2024

REQUEST FOR PROPOSAL (RFP)

The Odisha Tribal Development Society invites sealed bids from reputed / experienced firms / companies / agencies for the requirements outlined below:

Sl. No.	Particular	Bid submission last date
1	"Request for Proposal (RFP) for Establishment of STEM Lab"	07.03.2024 (5.00 P.M.)
2	"Request for Proposal (RFP) for Imparting English Bridge Courses"	07.03.2024 (5.00 P.M.)

The details of the Request for Proposal (RFP) for the above two assignments will be available in the website https://stsc.odisha.gov.in from 24th February 2024.

ଓଷକଣା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ।

ନାଉଗାଁ, ୨୩।୨ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତରେ ଶୁକ୍ରବାର ବିଡିଓ ତପନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ସରପଞ୍ଚ ନାରାୟଣ ସ୍ୱାଇଁ, ଉପାଧ୍ୟକ୍ଷ ସୁଜିତ ପୁହାଣ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡ଼ା, ଡାବର ପଞ୍ଚାୟତ ସମିତି ସଭ୍ୟ ସୁବଳ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପୁସ୍ତିକା ଉନ୍ମୋଚନ କରାଯାଇ ଜନସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ଦ୍ୱାରା ସଚେତନତାମୂଳକ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଦଳର ସଭ୍ୟା, ମିଶନଶକ୍ତିର ଏମ୍‌ବିକେ, ସିଆର୍‌ପିମାନେ ଯୋଗ ଦେଇଥିଲେ।

ପାନୀୟ ଜଳ ସଙ୍କଟ: ମହିଳାଙ୍କ ଦ୍ୱାରା ଏସ୍‌ଡିଓ ୪ ଘଣ୍ଟା ଅଟକ

ଏରସମା, ୨୩।୨ (ଦୀପ୍ତି ଖଣ୍ଟୁଆଳ)

ଏରସମା ଥାନା କୁଞ୍ଜାକୋଠୀ ଗ୍ରାମରେ ସୃଷ୍ଟି ହୋଇଥିବା ପାନୀୟ ଜଳ ସଙ୍କଟ ଶୁକ୍ରବାର ଭିନ୍ନ ମୋଡ଼ ନେଇଛି। ସର୍ଭେ କରିବାକୁ ଆସିଥିବା ଏସ୍‌ଡିଓଙ୍କୁ ମହିଳାମାନେ ୪ ଘଣ୍ଟା ଅଟକ ରଖିଥିଲେ। ସେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୭ଟାରେ ଛାଡି ଥିଲେ। କୁଞ୍ଜାକୋଠୀର ୬ଟି ୱାର୍ଡରେ ଦୀର୍ଘବର୍ଷ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗ୍ରାମବାସୀ ୩ ବର୍ଷ ହେଲା ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ, ଏସ୍‌ଡିଓ, ଜିଲା ପ୍ରଶାସନ, ରାଜନେତାଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ। ସମସ୍ତେ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। ଗ୍ରାମବାସୀ ଏରସମା ବ୍ଲକ ପରିସରରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଗ୍ରୀଷ୍ମଋତୁ ପୂର୍ବରୁ ସମସ୍ୟା ସମାଧାନ ନ ହେଲେ ବାଧ ହୋଇ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ତାହା କାର୍ଯ୍ୟକାରୀ ନ ହେବାରୁ ଗ୍ରାମବାସୀ ୨ଦିନ ତଳେ ଏରସମାସ୍ଥିତ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ଯାଇ ଅଭିଯୋଗ କରିଥିଲେ। ଶୁକ୍ରବାର ଅପରାହ୍ନ ୩ଟାରେ ଏସ୍‌ଡିଓ ହୋଇଯିବ ବୋଲି ସେ କହିଥିଲେ।

କୁଞ୍ଜାକୋଠିର ଗାଁର ମହିଳାମାନେ ଏସ୍‌ଡିଓଙ୍କୁ ଅଟକ ରଖିଛନ୍ତି।

କାରଖାନା, ବାଷ୍ପିତ ବିଭାଗର ଡିଭିଜନାଲ ସେମିନାର

ପାରାଦୀପ, ୨୩।୨ (ଶରତ ରାଉତ)

କର୍ମକ୍ଷେତ୍ରରେ ସତର୍କତା ଜରୁରୀ

ସ୍ଥାନୀୟ ଇଫ୍‌କୋ ପରିସରରେ ଥିବା ସଂସ୍କୃତି ଭବନରେ ଶୁକ୍ରବାର କାରଖାନା ଓ ବାଷ୍ପିତ ବିଭାଗ କଟକ ଡିଭିଜିନାଲ ପକ୍ଷରୁ ସେମିନାର ହୋଇଥିଲା। ଏଥିରେ କଟକ ଓ ଜଗତ୍‌ସିଂହପୁର ଜିଲାର ସମସ୍ତ ବୃହତ ଓ କ୍ଷୁଦ୍ର ଶିଳ୍ପ ସଂସ୍ଥା ସେଫ୍ଟି ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନଙ୍କ କାରଖାନାରେ ସୁରକ୍ଷା ନିରାପତ୍ତା କ୍ଷେତ୍ରରେ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ପାୱାର ପ୍ରେଜେଣ୍ଟ ଜରିଆରେ ଦର୍ଶାଇଥିଲେ। ଏହାକୁ ଶ୍ରମ ଓ ଇଏସ୍‌ଆଇ ସଚିବ ଆର୍. ଆର୍. ଗୋପାଳନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବିଭାଗର ନିର୍ଦ୍ଦେଶକ ମଳୟ କୁମାର ପ୍ରଧାନ, ମନୋଜ କୁମାର ପଣ୍ଡା, ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ, ଇଫ୍‌କୋ ନିର୍ଦ୍ଦେଶକ କେ. ଜେ. ପଟେଲ, ଆଇଓସିଏଲ ନିର୍ବାହୀ ନିର୍ଦ୍ଦେଶକ କୌଶିକ୍ ବାସୁ, ଫିଫିଏଲ ସିଏମ୍‌ଓ ପାଲାନିସ୍ୱାମୀ ଭାଲୁସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। କେମିକାଲ, ପେଟ୍ରୋ କେମିକାଲ, ଅଗ୍ନିଶମ, ବିଦ୍ୟୁତ୍, ଦୁର୍ଘଟଣା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିଥି ଭାବେ ଯୋଗଦେଇ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବିଭାଗର ନିର୍ଦ୍ଦେଶକ ମଳୟ କୁମାର ପ୍ରଧାନ, ମନୋଜ କୁମାର ପଣ୍ଡା, ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ, ଇଫ୍‌କୋ ନିର୍ଦ୍ଦେଶକ କେ. ଜେ. ପଟେଲ, ଆଇଓସିଏଲ ନିର୍ବାହୀ ନିର୍ଦ୍ଦେଶକ କୌଶିକ୍ ବାସୁ, ଫିଫିଏଲ ସିଏମ୍‌ଓ ପାଲାନିସ୍ୱାମୀ ଭାଲୁସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। କେମିକାଲ, ପେଟ୍ରୋ କେମିକାଲ, ଅଗ୍ନିଶମ, ବିଦ୍ୟୁତ୍, ଦୁର୍ଘଟଣା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

ସେମିନାରରେ ଯୋଗ ଦେଇଥିବା ଅତିଥିମାନେ।

ଘୋଡ଼ାଂଶ ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ

ଜଗତ୍‌ସିଂହପୁର, ୨୩।୨ (ପ୍ରମୋଦ କୁମାର ନାୟକ)

ନାଉଗାଁ ବ୍ଲକ ଘୋଡ଼ାଂଶ ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତ ମୁଗେଇସ୍ଥିତ ରାଧାମୋହନଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ବିଜେଡି ଜଗତ୍‌ସିଂହପୁର ପୂର୍ବତନ ଜିଲା ସଭାପତି ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ତେଣୁ ଦଳକୁ ମଜଭୁତ କରିବାକୁ ସମସ୍ତ ଉଦ୍ୟମ କରିବା ଜରୁରୀ। ବିଶେଷକରି ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡିକର ବ୍ୟାପକ ପ୍ରଚାର ହେବା ଉଚିତ। ପୂର୍ବତନ ଛାତ୍ର ସଂସଦ ସଭାପତି ତାପସ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜେନ୍ଦ୍ର ଦାସ, ଆଲୋକ ମହାନ୍ତି, ରାଜକିଶୋର ଦାସ, ଲିପୁନା ଦାସ, ସୌମ୍ୟ ରଞ୍ଜନ ସାହୁ, ଅଂଶୁମାନ ସ୍ୱାଇଁ, କୃତିବାସ ବାରିକ ଓ ସୌଭାଗ୍ୟ ଦାସଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

ଚାଷ, ଚାଷୀର ଉନ୍ନତି ହେଲେ ରାଜ୍ୟ, ଦେଶର ଅଗ୍ରଗତି ହେବ

କୃଷକ ସମ୍ପର୍କ ମେଳାରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

ନାଉଗାଁ, ୨୩।୨ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡୁଆପଡ଼ିସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଚାଷ, ଚାଷୀର ଉନ୍ନତି ହେଲେ ରାଜ୍ୟ ଓ ଦେଶର ଉନ୍ନତି ହେବ ବୋଲି କହିଥିଲେ। ଚାଷୀ ଓ ଚାଷର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିଛନ୍ତି। କାଳିଆ ଯୋଜନାଠାରୁ ଆରମ୍ଭ କରି ରିହାତି ଦରରେ କୃଷି ଉପକରଣ ଯୋଗାଇବା ସହ ଚାଷୀ ଭାଇମାନଙ୍କ ସୁବିଧା ପାଇଁ ବିଭିନ୍ନ ସମବାୟ ସମିତି ମାଧ୍ୟମରେ ରଣର ବ୍ୟବସ୍ଥା ମଧ୍ୟ କରାଯାଇଛି। ଚାଷୀ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ସରକାରଙ୍କ ଦ୍ୱାରା ଚାଷୀ ଭାଇମାନଙ୍କ ପାଇଁ ଆସୁଥିବା ସମସ୍ତ ସୁବିଧା ସହଜରେ ଜାଣି ହେବ ବୋଲି ବିଧାୟକ ମୁଦୁଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୀବ କୁମାର ମୁଦୁଲି, ଏଡିଓ ନବକୃଷ୍ଣ ମହାପାତ୍ର, ସହକାରୀ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ, ଆତ୍ମା କମିଟି ଅଧ୍ୟକ୍ଷ ବସନ୍ତ ପାଢ଼ୀ, କୃଷି ଅଧିକାରୀ ରକେଟ୍ ମାଝି, ବିଟିଏମ୍ ଦୀପକ ରଶ୍ମି ଦାସ, ଏଟିଏମ୍ ଅଭିଜାତ ସେଠୀ, ପ୍ରିୟଦର୍ଶୀ ଦେବାଶିଷ ଦାସ, ରାଜକିଶୋର ବାରିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ଚାଷୀମାନେ ଯୋଗ ଦେଇଥିଲେ।

ସଂକୀର୍ତ୍ତନ ମହାମଣ୍ଡଳ ନୂତନ ଗୃହର ଭୂମି ପୂଜନ

ଏରସମା, ୨୩।୨ (ଦୀପ୍ତି ଖଣ୍ଟୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗାଁରେ ଶ୍ରୀ ଶ୍ରୀରାଧାରମଣ ଦେବ ସଂକୀର୍ତ୍ତନ ମହାମଣ୍ଡଳ ନୂତନ ଗୃହ ଭୂମିପୂଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାମଣ୍ଡଳ ସଭାପତି ବୈରାଗୀ ମହାନ୍ତି, ଉପସଭାପତି ନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ଶରତ ବାରିକ, ସଚ୍ଚିଦାନନ୍ଦ ଦାସ, କୋଷାଧ୍ୟକ୍ଷ ଶିବ ସୁନ୍ଦର ସ୍ୱାଇଁଙ୍କ ସହିତ ସିହା ଗ୍ରାମ୍ୟ କମିଟି ସଭାପତି ଆଶିଷ କୁମାର ସ୍ୱାଇଁ, ଯଯାତି କେଶରୀ ସାମନ୍ତରାୟ, ଶୁଭ ନାରାୟଣ ଖଣ୍ଟୁଆଳ, ନରେନ୍ଦ୍ର କୁମାର ସ୍ୱାଇଁ, ନିକୁଞ୍ଜ କିଶୋର ସ୍ୱାଇଁ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ସିହା ଉତ୍ତରେଶ୍ୱରୀ ମନ୍ଦିର ନିକଟରୁ ସଂକୀର୍ତ୍ତନ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଭୂମିପୂଜନ ସ୍ଥାନରେ ପହଞ୍ଚି ଥିଲେ। ସେଠାରେ ଭୂମି ପୂଜନ ପରେ ଉତ୍ତରେଶ୍ୱରୀ ମନ୍ଦିରରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫ଟି ପଞ୍ଚାୟତରୁ ଆସିଥିବା ସଭ୍ୟମାନେ ଉପସ୍ଥିତ ଥିଲେ।

NAYAGARH (AUTONOMOUS) COLLEGE, NAYAGARH

Ph.: 06753-252234(O), Website: www.ngrautocol.ac.in
e-mail: ngrautcol@yahoo.co.in

NOTICE

Faculty required on contractual basis for M.COM & MA in ODIA Course. Minimum qualification 55% marks PG Level with NET / M.Phil. / Ph.D. (Age- below 42 yrs.). Send C.V. & other details through post within 10 days to the undersigned superscripting on the envelope "BIO DATA".

Sd./- (A K Nayak)
Principal-cum-Secretary

JDCA
JD Centre of Art

NOTICE INVITING TENDER

JD Centre of Art (JDCA), a museum with approx. 40,000 Sft built-up area located on an 1 acre land at A5 Jagamara, Bhubaneswar 751030, Odisha, is inviting sealed Tender for the following works:

S. No	Work	Value (₹)	Submission Deadline
1	Tiling: Floor & wall 18,000 sft area	₹ 19,00,000/-	11-03-2024
2	Painting & finishing 37,000 sft area	₹ 10,00,000/-	16-03-2024
3	Plumbing: Basement,GF & site	₹ 54,00,000/-	11-03-2024
4	Solar Plant (25KW) (Off-Grid System)	₹ 15,00,000/-	11-03-2024
5	Transformer (250 KVA 11/.4 Kv)	₹ 8,00,000/-	04-03-2024

Interested firms/parties should:
1.Submit the tender fee of Rs. 1,500/- by DD or Cheque in Favour of **JDCA Building Block A**, Payable at Bhubaneswar. Submit **Sealed Tender** and EMD of 2% of quoted amount: Online payment favouring "**JDCA Building Block A**" payable on the date of submission of tender, A5 Jagamara, NH5 (next to Hotel Kharavela), Khandagiri, Bhubaneswar 751030, as per tender instructions before the submission deadline.
2. For queries & tender documents:
spaces@jdcentreofart.org or contact@jdcentreofart.org
T: 0674 2951179, +91 9310322133, +91 8582926548

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଏସ୍, ଦକ୍ଷିଣ ପୂର୍ବ ରେଳପଥ, ରାଉରକେଲା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହୁହେଁ ଏବଂ ପ୍ରାପ୍ତ ହୋଇଥିବା ଏଭଳି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ।
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଏସ୍-ଆରଓୟୁ-୦୫-୨୦୨୩-୨୪, ତାରିଖ: ୨୨।୦୨।୨୦୨୪।
କାର୍ଯ୍ୟର ବର୍ଣ୍ଣନା: ଇଏଲ୍‌ଏସ୍/ରାଉରକେଲାର ପୂର୍ବରୁ ପିୟୁ ପେଣ୍ଟେଡ୍ ବୈଦ୍ୟୁତିକ ଲୋକୋମୋଟିଭ୍‌ଗୁଡ଼ିକର ପିୟୁ ପେଣ୍ଟିଂ। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୬୬,୯୩,୧୨୦। **ଅମାନତ ରାଶି:** ₹୧,୩୩,୯୦୦। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୦।୦୩।୨୦୨୪ରିଖ ୧୧.୦୦ ଘଟିକା। **ୱେବ୍‌ସାଇଟ୍ ସବିଶେଷ ଏବଂ ବିବରଣୀ:** http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ। (PR-1165)

OFFICE OF THE E.R.O.-CUM-SUB COLLECTOR, CUTTACK

Ph:0671-2507626, 0671-2997626
Mail: subcollectorctc@nic.in, subcollectorctc@gmail.com
No.1982/Elec. Date:22.2.24

TENDER CALL NOTICE

Sealed tenders in the prescribed format are invited from the intending Suppliers/Dealers/Manufacturers/ Sellers/ Firms/ Company/ Authorised Agencies for supply of goods and services as per "Annexure-I" as required for forthcoming Simultaneous General Election-2024 in Cuttack Sub-Division.

The sealed tenders should reach to the Sub-Collector Office, Cuttack by **Registered Post/ Speed Post** only on or before 29.02.2024 by 5.00 P.M and it will be opened on 01/03/2024 in the Conference Hall of Sub-Collector, Cuttack in presence of members of Purchase Committee and Bidders or their authorized agents. The tender should be submitted in two Bids i.e. (General Bid in Cover No.-'A' & Financial Bid in Cover No.-'B') both kept in Cover No.-'C' super scribed as Tender for Hiring of Tents, Furniture & Fixture etc.' as per the Terms and Conditions attached with the Tender Call Notice.

The Tender Papers along with the details of specification of the articles will be available in the Website www.cuttack.nic.in from date 23-02.2024 to 29.02.2024 and can be downloaded from the website.

(i) Last Date of Submission of Tender : 29/02/2024 at 5.00 P.M.
(ii) Date of Opening of General Bid : 01/03/2024 at 11.00 A.M.
(iii)Date of Opening of Financial Bid : 01/03/2024 at 4.00 P.M.

The Earnest Money (EMD Cost) of Rs.1,00,000/-(Rupees One Lakh) only is to be deposited in shape of Bank Draft drawn in favour of the Sub-Collector, Cuttack payable at Cuttack from any Nationalized Bank along with tender documents. Transfer or adjustment of E.M.D. will not be entertained. Shortfall of any required document, EMD will not be entertained and the tender paper will be liable for rejection. **NO TENDERS WILL BE RECEIVED BY HAND.** The undersigned will not be held responsible for any delay in postal service.

Sd./- E.R.O.-CUM-Sub-Collector, Cuttack

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.69/ET/SBP/ENGG/2023-24, ତା.16.02.2024ରିଖ

(1)ଇ-ଟେଣ୍ଡର ସଂ.44-eT-SDENC-SBP-23
କାର୍ଯ୍ୟର ନାମ: ଏୟାରମାର(Airmar) ଇକୋ ରେଞ୍ଜ SS510 ସ୍ମାର୍ଟ ସେନ୍ସର ଭିତ୍ତା ଅନୁରୂପ ଉପକରଣ ଦ୍ୱାରା "ସୋନାର ଇକୋ-ରେଞ୍ଜ ଟେକ୍ନୋଲୋଜି" ବ୍ୟବହାର କରି ସମ୍ବଲପୁର ମଣ୍ଡଳର ସମ୍ବଲପୁର-ହୀରାକୁଦ ସେକ୍ସନ ମଧ୍ୟରେ କି.ମି.569.014 ଠାରେ ଫୋଲ ନଂ.77 ର ମୂଳଭିତ୍ତିଗୁଡ଼ିକର "ନିରନ୍ତର Scour ନିରୀକ୍ଷଣ" ପରିଚାଳନା ଏବଂ ନିରନ୍ତର ନିରୀକ୍ଷଣ ତାତା ଦାଖଲ କରିବା, ବିଶ୍ଳେଷଣ ଏବଂ ନିରନ୍ତର Scour ନିରୀକ୍ଷଣ ତାତାର ବିଦ୍ଧୁତ ରିପୋଟଗୁଡ଼ିକର ପ୍ରସ୍ତୁତି/ଦାଖଲ କରିବା, ଆଲାର୍ମ/SMS ଆଲର୍ଟ ସୃଷ୍ଟି କରିବା ତଥା ଗ୍ରାଉଣ୍ଡ ସରବୁ ରିପୋର୍ଟଗୁଡ଼ିକର ସତ୍ୟାପନ କରିବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 16,54,939.25, ବିଡ୍ ସିକ୍ୟୁରିଟି (₹): 33,100/-।
(2)ଇ-ଟେଣ୍ଡର ସଂ.52-eT-SDENC-SBP-23
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଦେଓବହାଲ-ବରଗଡ଼ ରୋଡ୍ ସେକ୍ସନରେ କି.ମି.598/0-5 ଠାରେ ଫୋଲ ନଂ. 160 DN (ସାନ୍ 8x24.4m) ର ଇନ୍‌ଭେଷ୍ଟିମେଣ୍ଟେସନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 49,44,478.03/-, ବିଡ୍ ସିକ୍ୟୁରିଟି (₹): 98,900/-।
କାର୍ଯ୍ୟ ଶେଷ ହେବା ଅବଧି: 04 (ଚାରି)ମାସ (ଭ୍ରମ ସଂ.1 ପାଇଁ) ଏବଂ **08** (ଆଠ)ମାସ (ଭ୍ରମ ସଂ.2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.11.03.2024ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ ଲିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଭେଟର ହେତୁରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ଦାମାନଙ୍କ ପାଖରେ ନିର୍ଦ୍ଦିଷ୍ଟ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିର୍ଦ୍ଦିଷ୍ଟ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ଦାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ ଜାଇଜାତ ନିର୍ଦ୍ଦିଷ୍ଟ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-1113/O/23-24

ODISHA TRIBAL DEVELOPMENT SOCIETY (OTDS) No.CAD-4259
(A Society under ST & SC Development Department, Govt. of Odisha)
No.32/OTDS 22.02.2024

REQUEST FOR PROPOSAL (RFP)

The Odisha Tribal Development Society invites sealed bids from reputed / experienced firms / companies / agencies for the requirements outlined below:

Sl. No.	Particular	Bid submission last date
1	"Request for Proposal (RFP) for Establishment of STEM Lab"	07.03.2024 (5.00 P.M.)
2	"Request for Proposal (RFP) for Imparting English Bridge Courses"	07.03.2024 (5.00 P.M.)

The details of the Request for Proposal (RFP) for the above two assignments will be available in the website https://stsc.odisha.gov.in from 24th February 2024.

Sd./- Chief Executive Officer, OTDS
OIPR-26017/11/0004/2324

**ଝାରଖଣ୍ଡ ରାଜ୍ୟ ଗ୍ରାମୀଣ ପଥ ବିକାସ ପ

ଗା' ରତ୍ନମାଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଶାଳଝରିଆ ଟିମ୍ ଚାମ୍ପିୟନ

ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଶରଣକୁଳ, ୨୩।୨ (ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡା ମାନପୁରସ୍ଥ ଲୋକ ନୋଡ଼ାଲ ବିଦ୍ୟାପୀଠ ଖେଳପଡ଼ିଆରେ ଖଳିପାଟଣା ମଧୁସୂଦନ ଯୁବକ ସଂଘ ତରଫରୁ ଚାଲିଥିବା ଜିଲାସ୍ତରୀୟ ମା' ରତ୍ନମାଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଳଝରିଆ ଦଳ ବିଜୟ ହୋଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଶାଳଝରିଆ ଓ ନୟାଗଡ଼ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶାଳଝରିଆ ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ କରିଥିଲା। ଜବାବରେ ନୟାଗଡ଼ ଦଳ ବିଜୟ ଲକ୍ଷ୍ୟ ନେଇ ୧୪.୫ ଓଭରରେ ୯୯ ରନ କରି ସମସ୍ତ ଉଇକେଟ ହରାଇଥିଲା। ଶାଳଝରିଆ ଦଳର ବିଭୁ ୫୩ ରନ କରି ଆଜିର ଶ୍ରେଷ୍ଠ ଖେଳାଳି ମା'ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ଗୌରାଙ୍ଗ ଚରଣ କରଣ ଓ ସାମାଜିକ କର୍ମୀ ସନୋଜ ଜେନା ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଅତିଥିମାନେ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ଆଲୋକ ପ୍ରଧାନ ଓ ସଞ୍ଜୟ କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲେ। ନୃସିଂହ ଚରଣ ସ୍ୱାଇଁ ତୃତୀୟ ଆମ୍ପାୟାର ଦାୟିତ୍ୱ ତୁଲାଇ ଥିଲେ। ଯୋଗଗୁରୁ ବୈକୁଣ୍ଠନାଥ ପ୍ରଧାନ ସଂଯୋଜନା କରିଥିବାବେଳେ ସଂଘର ସଭାପତି ଅଜିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଯାତ୍ରୀବାହୀ ପାସେଞ୍ଜର ଭଡ଼ା କମିଲା

ଯାଜପୁର, ୨୩।୨
(ହର୍ଷବର୍ଦ୍ଧନ ବେହେରା)

କରୋନା ଲକ୍‌ଡାଉନ୍ ସମୟରୁ ଓଡ଼ିଶାର ସମସ୍ତ ଯାତ୍ରୀବାହୀ ଓ ମେମୁ ପାସେଞ୍ଜର ଟ୍ରେନଗୁଡ଼ିକୁ ସ୍ପେଶାଲ/ଦ୍ରୁତଗାମୀ କରାଯାଇ ସାଧାରଣ ଜନତାଙ୍କଠାରୁ ଦ୍ରୁତଗାମୀ ଭଡ଼ା ଆଦାୟ ହେଉଥିଲା। ରେଲୱେର ଏଭଳି କାର୍ଯ୍ୟ ବିରୋଧରେ କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ରାଷ୍ଟ୍ରପତି ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ୨୬।୧।୨୦୨୪ରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏନେଇ ଧରିତ୍ରୀରେ ଏକାଧିକ ଖବର ପ୍ରକାଶ ପାଇଥିଲା। ଏହାର ପ୍ରଭାବରେ ଶୁକ୍ରବାରଠାରୁ ମେମୁ, ଡେମୁ ଓ ପାସେଞ୍ଜର ଟ୍ରେନଗୁଡିକ ସମସ୍ତ ଷ୍ଟେସନରେ ରହଣି କରିବା ସହ ପାସେଞ୍ଜର ଭଡ଼ା ଆଦାୟ କରିବାକୁ ନିର୍ଦ୍ଦେଶ ହୋଇଛି। ଏନେଇ ସଂଘ ପକ୍ଷରୁ ଭାଗୀରଥି ଆଚାର୍ଯ୍ୟ ସୂଚନା ଦେବା ସହ ରେଲୱେକୁ କୃତଜ୍ଞତା ଜଣାଇଛନ୍ତି।

ହଟିଲା ଦ୍ରୁତଗାମୀ ଭଡ଼ା ଆଦାୟ

ସୂଚନାଯୋଗ୍ୟ ଯେ ୨୩।୩।୨୦୨୧ରେ ଓଡ଼ିଶାରେ ସମସ୍ତ ଯାତ୍ରୀବାହୀ/ମେମୁ ପାସେଞ୍ଜର ଟ୍ରେନଗୁଡ଼ିକୁ ଦ୍ରୁତଗାମୀ ଘୋଷଣା କରାଯାଇଥିଲା। ତଦନୁଯାୟୀ ଅଦ୍ୟାବଧି ଗୋଟିଏ ଷ୍ଟପେଜରୁ ନିକଟବର୍ତ୍ତୀ ଷ୍ଟପେଜକୁ ଯିବା ପାଇଁ ସର୍ବନିମ୍ନ ଭଡ଼ା ଦ୍ରୁତଗାମୀ ଭାବେ ୩୦ଟଙ୍କା ଅସୁଲ୍ ହେଉଥିଲା। ତେଣୁ ତୁରନ୍ତ ଏଭଳି ଶୋଷଣ ବନ୍ଦ କରିବାକୁ ସଂଘ ପକ୍ଷରୁ ନିବେଦନ ହୋଇଥିଲା।

ସିଡିପିଓଙ୍କ ଦାୟିତ୍ୱ ଗ୍ରହଣ

ଖଣ୍ଡପଡ଼ା, ୨୩।୨ (ଅଜୟ କୁମାର ମହାରଣା): ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ନୂତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ(ସିଡିପିଓ) ଭାବେ ଲତା ଦିଗଲ ଯୋଗ ଦେଇଛନ୍ତି। ନୂତନ ପ୍ରଶାସନିକ ଅଧିକାରିଣୀଙ୍କ ଯୋଗଦାନ ପରେ ସିଡିପିଓଙ୍କ କାର୍ଯ୍ୟାଳୟରେ ଦେଖା ଦେଇଥିବା ପ୍ରଶାସନିକ ଅବ୍ୟବସ୍ଥା ଦୂର ହୋଇଛି। କାର୍ଯ୍ୟରେ ଯୋଗଦେଇଥିବା ନୂତନ ସିଡିପିଓଙ୍କୁ କାର୍ଯ୍ୟାଳୟର କର୍ମଚାରୀ ଓ ଅଙ୍ଗନୱାଡି କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ଖଣ୍ଡପଡ଼ା, ୨୩।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ବାଇପାସ୍ ରାସ୍ତା ପାର୍ଶ୍ୱରେ ୬.୧୮ କୋଟି ଟଙ୍କା ଅନୁଦାନରେ ନବ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁକ୍ରବାର ଅପରାହ୍ଣରେ ଏହି ଷ୍ଟାଡ଼ିୟମକୁ ଉଦ୍‌ଘାଟନ କରିଛନ୍ତି। ଏ ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ଖଣ୍ଡପଡ଼ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋ, ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟ, ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

ନବନିର୍ମିତ ଇନ୍‌ଡୋର୍ ଷ୍ଟାଡିୟମ।

ପଠାଣି ସାମନ୍ତ କପ୍ ଫୁଟ୍‌ବଲ: ଫାଇନାଲରେ ଇଟାମାଟି ଟିମ୍

ଖଣ୍ଡପଡ଼ା, ୨୩।୨
(ଅଜୟ କୁମାର ମହାରଣା)

ଖଣ୍ଡପଡା ମଧୁବନ ମନଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ପଠାଣି ସାମନ୍ତ କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ୫ମ ଦିବସ ପ୍ରଥମ ସେମି ଫାଇନାଲରେ ଇଟାମାଟି ଦଳ ଟ୍ରାଇବ୍ରେକର ପଦ୍ଧତିରେ ୫-୩ ଗୋଲରେ ନୟାଗଡ଼ ଫୁଟବଲ କ୍ଲବକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ଉଭୟ ଦଳ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ବରାବର ଥିବାରୁ ଟ୍ରାଇବ୍ରେକର ପଦ୍ଧତିରେ ଇଟାମାଟି ଟିମ୍ ବିଜୟୀ ଘୋଷିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ୍ ଉପାଧକ୍ଷ ବେଣୁଧର ପ୍ରଧାନ, ବିଶିଷ୍ଟ ଅତିଥି ଭାବେ ଡ.ପ୍ରଦୀପ କୁମାର ପାଇକରାୟ ପ୍ରମୁଖ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଜଗନ୍ନାଥ ପରିଡା, ସମୀର ଖୁଣ୍ଟିଆ, ବାପି ମହାନ୍ତି ଓ ତପନ ସାହୁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ ଓ ସହଯୋଗୀ ସୁଶାନ୍ତ କୁମାର ମହାରଣା, ଅନୁପ ଶତପଥୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଶନିବାର ଖଣ୍ଡପଡା ଫୁଟବଲ କ୍ଲବ ସହିତ ରାଜପାଟଣା ଫୁଟବଲ ଟିମର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ବିଜେଡି ଯୁବ, ଛାତ୍ର ସମ୍ମିଳନୀ

ଯୁବ, ଛାତ୍ର ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

ଭାପୁର, ୨୩।୨
(ଭରତ କୁମାର ବେହେରା)

ଭାପୁର ବ୍ଲକ ଅନ୍ତର୍ଗତ ଭାପୁର ବ୍ଲକ ସାମ୍ନା ପଡ଼ିଆରେ ଶୁକ୍ରବାର ବିଜୁଜନତା ଦଳର ଯୁବ ଓ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ବିଜୁଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୁଜନତା ଦଳର ମହାସଚିବ ଏଲିନା ଦାସ, ମୁଖ୍ୟବକ୍ତା ଜିଲା ଯୁବ ବିଜେଡ଼ି ସଭାପତି ଦୁର୍ଯ୍ୟୋଧନ ବେହେରା, ସମ୍ମାନିତ ଅତିଥି ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଭାପୁର ବ୍ଲକର ବରିଷ୍ଠ ସଙ୍ଗଠକ ସନ୍ତୋଷ କୁମାର ତ୍ରିପାଠୀ, ବିଜୁ ଜନତା ଦଳର ଯୁବ ସଭିପତି କାଳନ୍ଦୀ ଚରଣ ବାରିକ, ବିଜୁଜନତା ଦଳର ଛାତ୍ର ସଭାପତି ସତ୍ୟବ୍ରତ ମହାରଣା, ଭାପୁର ବ୍ଲକ ବିଜୁ ଛାତ୍ର ପୂର୍ବତନ ସଭାପତି ବାଳଗୋପାଳ ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟ ତଥା ବିଜୁଜନତା ଦଳର ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର କୁମାର ଧଳ, ସାମାଜିକ ଗଣମାଧ୍ୟମ ସଂଯୋଜକ ରମେଶ କୁମାର ମଲିକ, ଜ୍ଞାନୀ ଦେବାଶିଷ ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ।

ଉପାଧକ୍ଷ ବେଣୁଧର ପ୍ରଧାନ ତାଙ୍କ ଅଭିଭାଷଣରେ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଯେତେବେଳେ ବିକଶିତ ହେବାକୁ ଚେଷ୍ଟା କରିଥିଲେ ସେତେବେଳେ ପ୍ରଥମେ ଯୁବକ ଓ ଛାତ୍ରମାନଙ୍କୁ ନେଇ ସ୍ୱପ୍ନ ଦେଖିଥିଲେ। ସେଥିପାଇଁ ଆଜି ଆମେ ଯୁବକ ଓ ଛାତ୍ର ମାନେ ଏକାଠି ହୋଇଛେ। ଆଜି ପର୍ଯ୍ୟନ୍ତ ଯେଉଁମାନେ ଭାପୁର ବ୍ଲକରେ ପ୍ରତିନିଧି କରିଆସୁଥିଲେ ବିଗତ ଦିନରେ ୮୦ କୋଟି ଟଙ୍କାର ଦୁର୍ନୀତି ହୋଇଥିଲା। ତାଙ୍କୁ ଯେତେବେଳେ ଲୋକାୟୁକ୍ତ ଅଡିଟ କରିଥିଲେ ତାହା ୨୦୬ କୋଟିରୁ ଉର୍ଦ୍ଧ୍ୱ ବୋଲି ଜଣାପଡିଥିଲା। ଯଦି ୨୦୬ କୋଟି ଟଙ୍କା ଆମ ଭାପୁର ବ୍ଲକରେ ବିକଶିତ କାର୍ଯ୍ୟରେ ଲାଗିଥାନ୍ତା ତା'ହେଲେ ଭାପୁର ବ୍ଲକ ଭୁବନେଶ୍ୱର ସହର ଠାରୁ ଆଗରେ ଥାନ୍ତା। ମୁଖ୍ୟ ଅତିଥି ଏଲିନା ଦାସ କହିଥିଲେ ଆଜିର ଯୁବପିଢି ମୋବାଇଲରେ ଫେସ୍‌ବୁକ, ଟ୍ୱିଟର ଖୋଲି ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ପୋଷ୍ଟ କରିବା ସହିତ ସେୟାର କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାପୁର ବ୍ଲକର ବିଜୁଜନତା ଦଳର ଯୁବ ଓ ଛାତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବାଳ ଗୋପାଳ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ ଦେଇଥିଲେ।

ରାଣୀପଡ଼ା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୨୩।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ରାଣୀପଡା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଗୁରୁବାର ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ରାମଚନ୍ଦ୍ର ବେହେରା, ଆନନ୍ଦ ଚନ୍ଦ୍ର ପଣ୍ଡା, ବିଶ୍ୱନାଥ ଗୋଛି, ମନୋରଞ୍ଜନ ଗୋଛି, ସୁରେଶ ନାୟକ, ସନାତନ ବାରିକଙ୍କ ସମେତ ବିଜେଡିର ବହୁ କର୍ମୀ, ସଙ୍ଗଠକ ଓ ଜନପ୍ରତିନିଧି ପଞ୍ଚାୟତ ପରିକ୍ରମା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ।

NAYAGARH (AUTONOMOUS) COLLEGE, NAYAGARH
Ph.: 06753-252234(O), Website: www.ngrautocol.ac.in
e-mail: ngrautcol@yahoo.co.in

NOTICE

Faculty required on contractual basis for M.COM & MA in ODIA Course. Minimum qualification 55% marks PG Level with NET / M.Phil. / Ph.D. (Age- below 42 yrs.). Send C.V. & other details through post within 10 days to the undersigned superscripting on the envelope "BIO DATA".

Sd./- (A K Nayak)
Principal-cum-Secretary

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଏସ୍, ଦକ୍ଷିଣ ପୂର୍ବ ରେଳପଥ, ରାଉରକେଲା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏଭଳି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ।
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଏସ୍-ଆରଓଥୁ-୦୫-୨୦୨୩-୨୪, ତାରିଖ: ୨୨।୦୨।୨୦୨୪।
କାର୍ଯ୍ୟର ବର୍ଣ୍ଣନା: ଇଏଲ୍‌ଏସ୍/ରାଉରକେଲାର ପୂର୍ବରୁ ପିୟୁ ପେଣ୍ଟେଡ୍ ବୈଦ୍ୟୁତିକ ଲୋକୋମୋଟିଭ୍‌ଗୁଡ଼ିକର ପିୟୁ ପେଣ୍ଟିଂ। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୬୬,୯୩,୧୨୦। **ଅମାନତ ରାଶି:** ₹୧,୩୩,୯୦୦। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୦।୦୩।୨୦୨୪ରିଖ ୧୧.୦୦ ଘଟିକା। **ୱେବ୍‌ସାଇଟ୍ ସବିଶେଷ ଏବଂ ବିବରଣୀ:** http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ।
(PR-1165)

OFFICE OF THE E.R.O.-CUM-SUB COLLECTOR, CUTTACK
Ph:0671-2507626, 0671-2997626
Mail: subcollectorctc@nic.in, subcollectorctc@gmail.com
No.1982/Elec. Date:22.2.24

TENDER CALL NOTICE

Sealed tenders in the prescribed format are invited from the intending Suppliers/Dealers/Manufacturers/ Sellers/ Firms/ Company/ Authorised Agencies for supply of goods and services as per "Annexure-I" as required for forthcoming Simultaneous General Election-2024 in Cuttack Sub-Division.

The sealed tenders should reach to the Sub-Collector Office, Cuttack by **Registered Post/ Speed Post** only on or before 29.02.2024 by 5.00 P.M and it will be opened on 01/03/2024 in the Conference Hall of Sub-Collector, Cuttack in presence of members of Purchase Committee and Bidders or their authorized agents. The tender should be submitted in two Bids i.e. (General Bid in Cover No.-'A' & Financial Bid in Cover No.-'B') both kept in Cover No.-'C' super scribed as Tender for Hiring of Tents, Furniture & Fixture etc.' as per the Terms and Conditions attached with the Tender Call Notice.

The Tender Papers along with the details of specification of the articles will be available in the Website www.cuttack.nic.in from date 23-02.2024 to 29.02.2024 and can be downloaded from the website.
(i) Last Date of Submission of Tender : 29/02/2024 at 5.00 P.M.
(ii) Date of Opening of General Bid : 01/03/2024 at 11.00 A.M.
(iii)Date of Opening of Financial Bid : 01/03/2024 at 4.00 P.M.

The Earnest Money (EMD Cost) of Rs.1,00,000/-(Rupees One Lakh) only is to be deposited in shape of Bank Draft drawn in favour of the Sub-Collector, Cuttack payable at Cuttack from any Nationalized Bank along with tender documents. Transfer or adjustment of E.M.D. will not be entertained. Shortfall of any required document, EMD will not be entertained and the tender paper will be liable for rejection. **NO TENDERS WILL BE RECEIVED BY HAND.** The undersigned will not be held responsible for any delay in postal service.

Sd./- E.R.O.-CUM-Sub-Collector, Cuttack

JDCA
JD Centre of Art

NOTICE INVITING TENDER

JD Centre of Art (JDCA), a museum with approx. 40,000 Sft built-up area located on an 1 acre land at A5 Jagamara, Bhubaneswar 751030, Odisha, is inviting sealed Tender for the following works:

S. No	Work	Value (₹)	Submission Deadline
1	Tiling: Floor & wall 18,000 sft area	₹ 19,00,000/-	11-03-2024
2	Painting & finishing 37,000 sft area	₹ 10,00,000/-	16-03-2024
3	Plumbing: Basement,GF & site	₹ 54,00,000/-	11-03-2024
4	Solar Plant (25KW) (Off-Grid System)	₹ 15,00,000/-	11-03-2024
5	Transformer (250 KVA 11/.4 Kv)	₹ 8,00,000/-	04-03-2024

Interested firms/parties should:
1.Submit the tender fee of Rs. 1,500/- by DD or Cheque in Favour of **JDCA Building Block A**, Payable at Bhubaneswar. Submit **Sealed Tender** and EMD of 2% of quoted amount: Online payment favouring "**JDCA Building Block A**" payable on the date of submission of tender, A5 Jagamara, NH5 (next to Hotel Kharavela), Khandagiri, Bhubaneswar 751030, as per tender instructions before the submission deadline.
2. For queries & tender documents:
spaces@jdcentreofart.org or contact@jdcentreofart.org
T: 0674 2951179, +91 9310322133, +91 8582926548

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.69/ET/SBP/ENGG/2023-24, ତା.16.02.2024ରିଖ

(1)ଇ-ଟେଣ୍ଡର ସଂ.44-eT-SDENC-SBP-23
କାର୍ଯ୍ୟର ନାମ: ଏୟାରମାର(Airmar) ଇକୋ ରେଞ୍ଜ SS510 ସ୍ମାର୍ଟ ସେନ୍ସର ଭିତ୍ତା ଅନୁରୂପ ଉପକରଣ ଦ୍ୱାରା "ସୋନାର ଇକୋ-ରେଞ୍ଜ ଟେକ୍ନୋଲୋଜି" ବ୍ୟବହାର କରି ସମ୍ବଲପୁର ମଣ୍ଡଳର ସମ୍ବଲପୁର-ହୀରାକୁଦ ସେକ୍ସନ ମଧ୍ୟରେ କି.ମି.569.014 ଠାରେ ଫୋଲ ନଂ.77 ର ମୂଳଭିତ୍ତିସ୍ତରର "ନିରନ୍ତର Scour ନିରୀକ୍ଷଣ" ପରିଚାଳନା ଏବଂ ନିରନ୍ତର ନିରୀକ୍ଷଣ ତାଟା ଦାଖଲ କରିବା, ବିଶ୍ଳେଷଣ ଏବଂ ନିରନ୍ତର Scour ନିରୀକ୍ଷଣ ତାଟାର ବିଶ୍ଳୁତ ରିପୋଟଗୁଡ଼ିକର ପ୍ରସ୍ତୁତି/ଦାଖଲ କରିବା, ଆଲାର୍ମ/SMS ଆଲର୍ଟ ସୃଷ୍ଟି କରିବା ତଥା ଗ୍ରାଉଣ୍ଡ ସ୍ତରରୁ ରିପୋର୍ଟଗୁଡ଼ିକର ସତ୍ୟାପନ କରିବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 16,54,939.25, ବିଡ୍ ସିକ୍ୟୁରିଟି (₹): 33,100/-।

(2)ଇ-ଟେଣ୍ଡର ସଂ.52-eT-SDENC-SBP-23
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଦେଓବହାଲ-ବରଗଡ଼ ରୋଡ୍ ସେକ୍ସନରେ କି.ମି.598/0-5 ଠାରେ ପୋଲ ନଂ. 160 DN (ସ୍ପାନ୍ 8x24.4m) ର ଇନ୍‌ଭେଷ୍ଟିଗେସନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 49,44,478.03/-, ବିଡ୍ ସିକ୍ୟୁରିଟି (₹): 98,900/-।
କାର୍ଯ୍ୟ ଶେଷ ହେବା ଅବଧି: 04 (ଚାରି)ମାସ (ଭ୍ରମ ସଂ.1 ପାଇଁ) ଏବଂ **08** (ଆଠ)ମାସ (ଭ୍ରମ ସଂ.2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.11.03.2024ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ଦାମାନଙ୍କ ପାଖରେ ନିର୍ଦ୍ଦିତ ଭାବେ ବୁ୍ୟ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିର୍ଦ୍ଦିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ଦାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ ଜାଇଜାତ ନିର୍ଦ୍ଦିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇ

ଶ୍ରମ ଆଇନ ଉପଦେଷ୍ଟା କମିଟି ନିଷ୍କ୍ରିୟ

ଯାଜପୁର,୨୩।୨(ହର୍ଷବର୍ଦ୍ଧନ ବେହେରା)

- ଠିକା ଶ୍ରମିକଙ୍କୁ ଅଣଦେଖା, ମିଳୁନି ପଦୋନ୍ନତି
- କାର୍ଯ୍ୟ ଅନୁସାରେ ସମାନ କାମକୁ ସମାନ ମଜୁରି ମିଳୁନି
- ସର୍ବନିମ୍ନ ମଜୁରି ହାରକୁ ଉପେକ୍ଷା

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ୧୧ଟି ପ୍ରମୁଖ ଶିଳ୍ପସଂସ୍ଥାରେ ୪୨,୦୪୪ ଜଣ ଠିକା ଶ୍ରମିକ କାର୍ଯ୍ୟ କରୁଛନ୍ତି। ଉକ୍ତ ଠିକା ଶ୍ରମିକମାନଙ୍କୁ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ମଜୁରିଠାରୁ କମ୍ ଦରମା ପ୍ରଦାନ କରାଯାଉଛି। ଏହାବାଦ ୧୫ ବର୍ଷରୁ ଊର୍ଦ୍ଧ୍ୱ ଗୋଟିଏ କମ୍ପାନୀରେ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କ ପଦୋନ୍ନତି ହେଉନାହିଁ। ନିଯୁକ୍ତିରୁ ଛଟେଇ ଭୟରେ ଅଧିକାଂଶ ଶ୍ରମିକ ମୁହଁ ଖୋଲିବାକୁ ସାହସ ଜୁଟାଇ ପାରିନାହାନ୍ତି। ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଶ୍ରମ ଆଇନ ଅନୁଯାୟୀ ରାଜ୍ୟ ସରକାର ଏକଉପଦେଷ୍ଟା(ଆଡଭାଇଜରି) କମିଟି ଗଠନ କରିଛନ୍ତି। କିନ୍ତୁ ଉକ୍ତ କମିଟି ପ୍ରାୟ ନିଷ୍କ୍ରିୟ ରହିଥିବାରୁ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ କୌଣସି ପ୍ରକାର ନିଷ୍ପତ୍ତି ନିଆଯାଇ ପାରୁନାହିଁ। ଏହାବାଦ୍ ଠିକା ଶ୍ରମିକମାନଙ୍କୁ ସ୍ଥାୟୀ କରିବା ନିମନ୍ତେ କମିଟି କେବେ ସରକାରଙ୍କୁ ସୁପାରିସ କରି ନ ଥିବା ଅଭିଯୋଗ ହେଉଛି।

ବିଭିନ୍ନ ଶ୍ରମ ଆଇନର ଠିକ୍ କାର୍ଯ୍ୟକାରିତା ନିମନ୍ତେ ଆଇନ ଅନୁଯାୟୀ ରାଜ୍ୟ ସରକାର ଉପଦେଷ୍ଟା କମିଟିକୁ ନିୟମିତ ବ୍ୟବଧାନରେ ପୁନଃଗଠନ କରିଥାନ୍ତି। ଏହିକ୍ରମରେ ଶ୍ରମ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ବୋର୍ଡର କମିଟିମାନଙ୍କ ପୁନଃଗଠନ କରାଯାଉଛି। ୨୦୨୧ ସେପ୍ଟେମ୍ବରରେ ହୋଇଥିବା ବିଜ୍ଞପ୍ତି ଅନୁସାରେ ଉପଦେଷ୍ଟା କମିଟିରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଅଧ୍ୟକ୍ଷ, ପ୍ରିନ୍ସିପାଲ ସେକ୍ରେଟାରି, ଓଏର୍‌ପିସିର ପରିଚାଳନା ନିର୍ଦ୍ଦେଶକ, କର୍ମଚାରୀଙ୍କ ପ୍ରତିନିଧି ଭାବରେ ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ ୟୁନିୟନ କଂଗ୍ରେସର ସଭାପତି, ହିନ୍ଦ୍ ମଜଦୁର ସଭାର ସଭାପତି ଓ ଭାରତୀୟ ମଜଦୁର ସଂଘର ସଭାପତି ସଭ୍ୟ ଭାବେ ରହିଛନ୍ତି। ବିଭିନ୍ନ ସମୟରେ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଉକ୍ତ ଉପଦେଷ୍ଟା କମିଟି ବୈଠକର ଆୟୋଜନ କରାଯାଇ ସଦସ୍ୟମାନଙ୍କ ସହମତିକ୍ରମେ ନିଷ୍ପତ୍ତିଗୁଡିକ ଗ୍ରହଣ କରାଯାଉଛି ବୋଲି ବିଭାଗ ପକ୍ଷରୁ ଦାବି କରାଯାଉଛି। ସେହି ନିଷ୍ପତ୍ତିର କାର୍ଯ୍ୟକାରିତା ନିମନ୍ତେ ରାଜ୍ୟ ସରକାରଙ୍କ ସୁପାରିସ କରାଯାଉଛି। କିନ୍ତୁ ଶତାଧିକ ଠିକାଶ୍ରମିକ ଏବେ ବି ଅବହେଳିତ ହୋଇ ପଡ଼ିରହିଛନ୍ତି। ବିଶେଷକରି ଅଣଓଡ଼ିଆ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଆ ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ମିଳୁ ନ ଥିବା ଅଭିଯୋଗ ହେଉଛି। ଏନେଇ ଅଭିଯୋଗ କଲେ ସେମାନଙ୍କୁ ନିଯୁକ୍ତିରୁ ତଡ଼ା ଖାଇବାକୁ ପଡୁଛି। ଫଳରେ ବାଧହୋଇ ନିଜ ଭାଗ୍ୟକୁ ଆଦରି ଦୀର୍ଘବର୍ଷ ଧରି ଗୋଟିଏ କମ୍ପାନୀରେ ପଡ଼ି ରହିଛନ୍ତି।

ଠିକା ଶ୍ରମିକମାନଙ୍କ କାର୍ଯ୍ୟ ଅନୁସାରେ ସମାନ କାମକୁ ସମାନ ମଜୁରି ପ୍ରଦାନ କରିବାର ଆଇନଗତ ବ୍ୟବସ୍ଥା ରହିଛି। ସମସ୍ତ ଠିକାସଂସ୍ଥାଙ୍କ ଦ୍ୱାରା ଏହାକୁ ସୁନିଶ୍ଚିତ କରିବା ନିମନ୍ତେ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟର କ୍ଷେତ୍ରାଧିକାରୀମାନେ ନିୟମିତ ଭାବେ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ କଳିଙ୍ଗନଗର ଓ ସୁକିନ୍ଦା ଖଣି ଅଞ୍ଚଳରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରୁନାହିଁ। ବଡ଼ ବଡ଼ ଖଣି ଓ ଶିଳ୍ପ କାରଖାନାରେ ଏଭଳି ଅନିୟମିତତା ହେଉଥିବା ଚର୍ଚ୍ଚା ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ଶ୍ରମିକ ଚିନ୍ମୟ ସାହୁ କୁହନ୍ତି, ସେ ପ୍ରାୟ ୧୫ ବର୍ଷ ହେଲା ଏକ ଠିକାସଂସ୍ଥା ଅଧୀନରେ କାମ କରୁଛନ୍ତି। ତାଙ୍କ ଯୋଗ୍ୟତା ଏବଂ ଅଭିଜ୍ଞତା ଅନୁସାରେ ମାସିକ ପ୍ରାୟ ୨୦ ହଜାର ଟଙ୍କା ଦରମା ମିଳିବା କଥା। କିନ୍ତୁ ତାଙ୍କୁ ୧୪ ହଜାର ଟଙ୍କା ଦରମା ଦିଆଯାଉଛି। ଏପରିକି ପ୍ରଥମରୁ ସେ ଯେଉଁ ପଦବୀରେ ଥିଲେ ଏବେ ବି ସେହି ପଦବୀରେ ରହିଛନ୍ତି। ଅଣଓଡ଼ିଆ ଶ୍ରମିକମାନଙ୍କୁ ଠିକ୍ ଭାବେ ଦରମା ଓ ପଦୋନ୍ନତି ମିଳୁଥିବାବେଳେ ଓଡ଼ିଆ ଶ୍ରମିକମାନଙ୍କୁ ସଦାସର୍ବଦା ଅଣଦେଖା କରାଯାଉଛି।

ଅନ୍ୟପକ୍ଷେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି ଯେ, ଠିକା ଶ୍ରମିକମାନଙ୍କୁ ନିୟମିତ କର୍ମଚାରୀଙ୍କ ସହିତ ସମାନ ପାରିଶ୍ରମିକ ପ୍ରଦାନ କରିବା ଏବଂ ସେମାନଙ୍କୁ ସ୍ଥାୟୀ କରିବା ପାଇଁ ଠିକା ଶ୍ରମିକ(ନିୟନ୍ତ୍ରଣ ଓ ଉଚ୍ଛେଦ) ଆଇନ-୧୯୭୦ରେ କୌଣସି ନିର୍ଦ୍ଦିଷ୍ଟ ପ୍ରାବଧାନ ନାହିଁ। ଏହାସହ ବିଭିନ୍ନ ଶିଳ୍ପସଂସ୍ଥାରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମଜୁରି ପ୍ରଦାନ କରିବା ପାଇଁ ସମସ୍ତ କ୍ଷେତ୍ରାଧିକାରୀମାନେ ନିୟମିତ ଭାବେ ନିରୀକ୍ଷଣ କରୁଛନ୍ତି। ପ୍ରାପ୍ତ ତଥ୍ୟ ମୁତାବକ, ବିଗତ ୩ ବର୍ଷ ମଧ୍ୟରେ କଳିଙ୍ଗନଗର ଶିଳ୍ପାନୁଷ୍ଠାନରେ ବିଭିନ୍ନ ଶିଳ୍ପାସଂସ୍ଥାରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ନିର୍ଦ୍ଧାରିତ ମଜୁରିଠାରୁ କମ୍ ହାରରେ ଦରମା ପ୍ରଦାନ କରାଯାଉଥିବା ବାବଦରେ ନିରୀକ୍ଷଣ ସମୟରେ କିମ୍ବା ଅଭିଯୋଗ ମାଧ୍ୟମରେ କୌଣସି ତଥ୍ୟ କ୍ଷେତ୍ରାଧିକାରୀଙ୍କ ଦୃଷ୍ଟିକୁ ଆସିନାହିଁ।

ଜନ୍ମୋତ୍ସବରେ ଗୋରେଖନାଥ ପୀଠ ଭକ୍ତମୟ

ରଘୁନାଥପୁର,୨୩।୨ (ରାଜେନ୍ଦ୍ର ନାରାୟଣ ସିଂହ)

ପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କଲେ ଶ୍ରଦ୍ଧାଳୁ

ପବିତ୍ର ମାଘ ଶୁକ୍ଳପକ୍ଷ ଅଗ୍ନିପୂର୍ଣ୍ଣିମା ଅବସରରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଜନ୍ମୋତ୍ସବ ଉପଲକ୍ଷେ ପୀଠ ପରିସର ଭକ୍ତମୟ ହୋଇଥିଲା। ଏହିଦିନ ପାଇଁ ଅପେକ୍ଷାରତ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପ୍ରଭୁଙ୍କ ନିକଟକୁ ଆସି ଆଶିଷ ଭିକ୍ଷା କରିବା ସହ ପୀଠ ପକ୍ଷରୁ ପ୍ରସ୍ତୁତ ପ୍ରସାଦ ସେବନ କରି କୃତାର୍ଥ ଲାଭ କରିଥିଲେ। ମୁଖ୍ୟ ସେବକ ଦିଲୀପ କୁମାର ପଣ୍ଡାଙ୍କ ଦ୍ୱାରା ଭୋର ସାଢ଼େ ୩ଟାରେ ପ୍ରଭୁଙ୍କ ପୌଢ଼ ନୀତି ଓ ୪ଟାରେ ମହାସ୍ନାନ କରାଯାଇଥିଲା। ଏହାପରେ ମଙ୍ଗଳ ଆଳତି କାର୍ଯ୍ୟ ଶେଷ ହେବା ପରେ ପୀଠ ପରିସରକୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଆଗମନ ହୋଇଥିଲା। ଦିନ ତମାମ ପୀଠରେ ଭଜନ, କୀର୍ତ୍ତନ ଓ ରାତିରେ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା। ଏହାଛଡ଼ା ସକାଳୁ ଗୀତାଯଜ୍ଞ ଆରମ୍ଭ ହୋଇଥିଲା। ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ଫୋର୍ସ ନିୟୋଜିତ କରାଯାଇଥିଲା। ଏଥିସହ ପରିସରରେ ପର୍ଯ୍ୟାପ୍ତ ପାନୀୟ ଜଳ, ଆଲୋକୀକରଣ ଓ ଫାଷ୍ଟଏଡ ବ୍ୟବସ୍ଥା କରାଯିବା ସହ ସ୍ଥାନୀୟ ଯୁବକ ସଂଘର ସ୍ୱେଚ୍ଛାସେବୀମାନ ଉପସ୍ଥିତ ରହି ସେବା ଉପଲବ୍ଧ କରାଇଥିଲେ। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ବରିଷ୍ଠ ମୁରବି ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ବାଦଲ ଯୋଗାଣିଆ, ରମେଶ ଚନ୍ଦ୍ର ମହାନ୍ତି, ପ୍ରଶାନ୍ତ ଭୂୟାଁ ଓ ପୀଠ କିରାଣି ସରୋଜ କୁମାର ସାହାଣୀ ଏଥିରେ ସହଯୋଗ କରିଥିଲେ। ଏହି କୋଠପାଳିରେ ସମସ୍ତ ସେବକ ପ୍ରଭୁଙ୍କ ସେବାନୀତି ଓ ପାକ ପ୍ରସ୍ତୁତି କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ଅବସରରେ ସ୍ଥାନୀୟ ବ୍ୟବସାୟୀମାନେ ଭଲ ବ୍ୟବସାୟ କରୁଥିବା ଲକ୍ଷ୍ୟ କରାଯାଇଥିଲା।

ସ୍ତ୍ରୀଙ୍କୁ ହତ୍ୟା ଘଟଣା

ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

କୁଜଙ୍ଗ, ୨୩।୨ (ମନୋଜ ପ୍ରଧାନ)

ସ୍ତ୍ରୀଙ୍କୁ ହତ୍ୟା କରି ଗାଧୁଆ ଘର ଭିତରେ ପୋତି ଦେବା ଅଭିଯୋଗ ସ୍ତ୍ରୀକୁ ହତ୍ୟାକରି ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଗାଧୁଆ ଘର ଭିତରେ ମୃତଦେହକୁ ପୋଡ଼ି ଦେବା ଅଭିଯୋଗରେ ସ୍ୱାମୀଙ୍କୁ ଶୁକ୍ରବାର ଆଜୀବନ କାରାଦଣ୍ଡ ହୋଇଛି। ୨୦୧୬ ମେ ୨୪ ରାତିରେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ପ୍ରକାଶ ପରିଡା ରାତିରେ ତାଙ୍କ ସ୍ତ୍ରୀ ଅମିତାଙ୍କୁ କୌଣସି କାରଣକୁ ନେଇ ହତ୍ୟା କରିବା ପରେ ଗାଧୁଆ ଘର ଭିତରେ ମୃତଦେହକୁ ପୋତି ଦେଇଥିଲେ। ଏ ସମ୍ପର୍କରେ ୨୫ ତାରିଖ ସକାଳୁ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ବଗଦିଆ ଗ୍ରାମର ମୃତା ଅମିତାଙ୍କ ବଡ଼ବାପା ପୁଅ ଭାଇ ଟଗର ପରିଡା ପାରାଦୀପ ଲକ୍ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗ ମୁତାବକ, ଭଉଣୀ ଅମିତାଙ୍କୁ ଗାଁର ଘରଡିହ ବିକ୍ରି ପଇସା ଆଣିବାକୁ ସ୍ୱାମୀ ପ୍ରକାଶ ବାରମ୍ବାର ବାଧ କରିବା ସହ ନିର୍ଯାତନା ଦେଉଥିଲେ। ମାତ୍ର ଅମିତା ସ୍ୱାମୀଙ୍କ କଥାରେ ରାଜି ନ ହେବାରୁ ସେ ତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଗାଧୁଆ ଘର ଭିତରେ ମୃତଦେହକୁ ପୋତି ଦେଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପରେ କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ ଅଦାଲତ କେସ ନଂ. ସି.ଟି. ୬୯/୨୦୧୭ ଓ ଜିଆରକେସ ନଂ.୪୯୧/୧୬ର ବିଚାର ଆରମ୍ଭ ହୋଇଥିଲା। ୨୧ତାରିଖରେ ଅଦାଲତ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ଅତିରିକ୍ତ ଜିଲା ଓ ଦୌରାଜଜ ପାର୍ଥ ସାରଥି ପଟ୍ଟନାୟକ ରାୟ ପ୍ରକାଶ କରି ଅଭିଯୁକ୍ତ ପ୍ରକାଶଙ୍କୁ ୧୦ହଜାର ଟଙ୍କା ଜରିମାନା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥୀ ମକଦ୍ଦମା ପରିଚାଳନା କରୁଥିବାବେଳେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଜୋନାଲିନ ରାଉତ ଓ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଦେବାଶିଷ କଣ୍ଡ ମାମଲାର ପରିଚାଳନା କରିଥିଲେ।

ପାରାଦୀପରେ ବଢୁଛି ପ୍ରଦୂଷଣ, ନିରାକରଣ ଶୂନ

ପାରାଦୀପ,୨୩।୨(ଶରତ ରାଉତ)

ଜଳଜୀବଠାରୁ ମଣିଷ ପର୍ଯ୍ୟନ୍ତ ପ୍ରଭାବିତ

ଜଗତ୍‌ସିଂହପୁର ଜିଲା ପାରାଦୀପରେ ଶିଳ୍ପ ସଂସ୍ଥା ବୃଦ୍ଧି ପାଇବାରେ ଲାଗିଛି। ସେହି ଅନୁପାତରେ ପ୍ରଦୂଷଣ ମାତ୍ରା ମଧ୍ୟ ବୃଦ୍ଧି ପାଉଛି। ପଣ୍ୟ କାରବାରଜନିତ ଧୂଳି ଆସ୍ତରଣ, ଶିଳ୍ପ ସଂସ୍ଥାରୁ ନିର୍ଗତ କାର୍ବନ, ତୈଳାକ୍ତ ବାଷ୍ପ, ରସାୟନ, କାରଖାନାରୁ ନିର୍ଗତ ପ୍ରଦୂଷିତ ପାଣି ଆଦି ଏକା ସାଙ୍ଗରେ ପବନ ଓ ପାଣିରେ ମିଶୁଛି। ଯାହାଦ୍ୱାରା ନଦୀ ସମୁଦ୍ରରେ ଥିବା ଜଳଜୀବ, ସ୍ଥଳରେ ଚଳାଚଳ କରୁଥିବା ସାଧାରଣ ଲୋକ, ବୃକ୍ଷଲତା ଆଦି ପ୍ରଭାବିତ ହେଉଛନ୍ତି। ପ୍ରଦୂଷଣ ମାତ୍ରାକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ୨୦୧୪ରୁ ପାରାଦୀପଠାରେ ଏକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିଥିଲେ। ଏହାସତ୍ତ୍ୱେ ପ୍ରଦୂଷଣ ମାତ୍ରା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ୨୦୧୮-୧୯ରେ କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦେଶର ୮୮ସହରକୁ ମାରାତ୍ମକ ପ୍ରଦୂଷଣ ବୋଲି ଦର୍ଶାଯାଇଥିଲା। ସେଥିରେ ଓଡ଼ିଶାର ୪ଟି ସହର ଥିଲା। ସେଗୁଡ଼ିକ ହେଲା ପାରାଦୀପ, ଝାରସୁଗୁଡ଼ା, ଇବଭ୍ୟାଲି ଓ ଅନୁଗୋଳର ତାଳଚେର। ତାହାପରଠାରୁ ବୋର୍ଡ ପକ୍ଷରୁ ନୂଆ ନିୟମ ପ୍ରତ୍ୟେକ ଶିଳ୍ପ ସଂସ୍ଥା ପାଇଁ କରାଯାଇଥିଲା। ଯଥା ସମସ୍ତ ଶିଳ୍ପ ସଂସ୍ଥା ସେମାନଙ୍କ ପ୍ରଦୂଷଣ ଅଞ୍ଚଳରେ ଏୟାର ଆମ୍ବିଏଣ୍ଟ ଅନ୍‌ଲାଇନ ମନିଟରିଂ ସିଷ୍ଟମ ଲଗାଇବେ। ଉକ୍ତ ବ୍ୟବସ୍ଥାରେ ସେମାନଙ୍କ ପ୍ରଦୂଷଣ ମାତ୍ରା କେତେ ତାକୁ ବୋର୍ଡ ଓ ସାଧାରଣ ଲୋକ ଅନ୍‌ଲାଇନ ଜରିଆରେ ଦେଖିପାରିବେ। ଉକ୍ତ ନିୟମ ପରେ ଏବେ ସୁଦ୍ଧା କେତେଗୋଟି କମ୍ପାନୀ ଉକ୍ତ ଅନ୍‌ଲାଇନ ସିଷ୍ଟମ ଲଗାଇଛନ୍ତି। କିନ୍ତୁ ତାହା ଯେଉଁଠି ସ୍ୱଚ୍ଛ ଅଞ୍ଚଳ ସେହିଠାରେ ଲାଗିଛି। ଏହାଦ୍ୱାରା ବାସ୍ତବ ପ୍ରଦୂଷଣ ରିପୋର୍ଟ ସାର୍ବଜନୀନ ହେଉନାହିଁ ବୋଲି ପରିବେଶବିତ୍ ପ୍ରଭାସ ସ୍ୱାଇଁ ଅଭିଯୋଗ କରିଛନ୍ତି।

ପାରାଦୀପର ଜୀବନରେଖା ହୋଇଥିବା ତାଳଦଣ୍ଡା କେନାଲ ପାଣି ଗାଧୋଇବା ପିଇବା ଅନୁପଯୁକ୍ତ ବୋଲି ପ୍ରଦୂଷଣ ବୋର୍ଡ ରିପୋର୍ଟରେ ଦର୍ଶାଯାଇଛି। ପାରାଦୀପ ଅଞ୍ଚଳରେ ଥିବା ୫୭ କିତା ନଦୀ ସଇରାତ ମଧ୍ୟରୁ ଅଧିକାଂଶ ଲୀନ ହୋଇ ଗଲାଣି। ଯେଉଁ କେତେଗୋଟି ନଦୀ ଦୃଶ୍ୟମାନ ହେଉଛି ସେଥିରେ ମାଛ ହେଉନାହିଁ ବୋଲି ୨ ଦିନ ତଳେ କୈବର୍ତ୍ତ ମହାସଂଘ କୁଜଙ୍ଗଠାରେ ଏକ ସମାବେଶ ଜରିଆରେ ତଥ୍ୟ ଉଥାପନ କରିଥିଲେ। ସମୁଦ୍ରରେ ମଧ୍ୟ ଆଗ ଭଳି ଆଉ ମାଛ ଉତ୍ପାଦନ ହେଉନାହିଁ। ଏବେ ଅଧିକ ସଂଖ୍ୟାରେ ଅଲିଭରିଡଲେ କଇଁଛ ମରୁଛନ୍ତି। ମରିବାର କାରଣ ଯଦିଓ ବନ ବିଭାଗ ସ୍ପଷ୍ଟ କରିନାହାନ୍ତି କିନ୍ତୁ ପ୍ରଦୂଷଣ ଏକ କାରଣ ବୋଲି ପରିବେଶବିତ୍‌ମାନେ କହୁଛନ୍ତି। ଏବେ ପାରାଦୀପର ପ୍ରଦୂଷଣ ମାତ୍ରା ସିଭିୟର ବୋଲି ବୋର୍ଡ ରିପୋର୍ଟରେ ଦର୍ଶାଯାଇଛି। ଯେଉଁ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ୭୦ ପ୍ରତିଶତ ରହିବ ସେହି ଅଞ୍ଚଳ ମାରାତ୍ମକ ବୋଲି କୁହାଯିବ। ପାରାଦୀପ ପ୍ରଦୂଷଣ ମାତ୍ରା ୬୯.୬୦% ରହିଛି। ଅଧିକ ପ୍ରଦୂଷଣ ଦର୍ଶାଗଲେ ସେହି ଅଞ୍ଚଳରେ ଆଉ ଶିଳ୍ପ ପାଇଁ ଅନୁକୂଳ ହେବନାହିଁ ବୋଲି ବୋର୍ଡ ନିୟମରେ ରହିଛି। ଏହାସତ୍ତ୍ୱେ ପାରାଦୀପରେ ଆଗକୁ ବୃହତ୍ ଶିଳ୍ପ ହେବ ବୋଲି ଏକ ପ୍ରକାର ପ୍ରସ୍ତୁତ ହୋଇ ସାରିଲାଣି। ବାସ୍ତବତା ହେଲା ପାରାଦୀପ ଅଞ୍ଚଳରେ ଖୋଲା ଗାଡ଼ିରେ ଘଣ୍ଟାଏ ବୁଲିଲେ ପୋଷାକ ରଙ୍ଗ ବଦଳି ଯାଉଛି। ଗଛର ପତ୍ର ସବୁଜ ବଦଳରେ ନାଲି ଓ କଳା ଦେଖା ଯାଉଛି। ଏ ସମ୍ପର୍କରେ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଆମେ ନିୟମିତ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆଧୁନିକ ବୈଷୟିକ ବ୍ୟବସ୍ଥା ଜରିଆରେ ଯାଞ୍ଚ କରୁଛୁ। କମ୍ପାନୀଗୁଡ଼ିକୁ ନିୟମିତ ମନିଟରିଂ କରାଯାଉଛି ବୋଲି ସେ କହିଛନ୍ତି।

ଖୋଲୋ ଇଣ୍ଡିଆ: କବାଡ଼ି ଅଫିସିଆଲ ପ୍ରଦୀପ

ରସୁଲପୁର,୨୩।୨(ରଞ୍ଜିତ ରାଉତ)

ପ୍ରଦୀପ ସାହୁ

ଫେବୃଆରୀ ୧୯ରୁ୨୯ ତାରିଖ ପର୍ଯ୍ୟନ୍ତ ୧୧ଦିନ ଧରି ଖେଲୋ ଇଣ୍ଡିଆ ପ୍ରତିଯୋଗିତା ଆସାମ ରାଜ୍ୟର ୭ଟି ବଡ଼ ସହରର ୧୮ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ବିଶ୍ୱବିଦ୍ୟାଳୟସ୍ତରୀୟ ଏହି ଖେଳରେ ଦେଶର ୨୦୦ ବିଶ୍ୱବିଦ୍ୟାଳୟରୁ ୨୦ଟି ଖେଳରେ ୪୫୦୦ ଖେଳାଳି, ୮୦୦ ଅଫିସିଆଲ ଓ ୧୬୦୦ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଉକ୍ତ କ୍ରୀଡ଼ା ମହାକୁମ୍ଭରେ ଯାଜପୁରରୁ ଏକମାତ୍ର ଜାତୀୟ କବାଡି ଖେଳାଳି ତଥା ପୋଲିସ ଏଏସ୍‌ଆଇ ପ୍ରଦୀପ ସାହୁ କବାଡ଼ି ଅଫିସିଆଲ ଭାବେ ଯୋଗଦେଇଛନ୍ତି। ତାଙ୍କ ଖେଳ ପରିଚାଳନା ଦକ୍ଷତା ଓ କ୍ରୀଡ଼ା ନୈପୁଣ୍ୟତା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ତାଙ୍କୁ ଚୟନ କରାଯାଇଛି। ଏହି ସଫଳତା ପାଇଁ ଯାଜପୁର ଜିଲା କବାଡି ଆସୋସିଏଶନ, ଜିଲା ଆଥଲେଟିକ୍ ଆସୋସିଏଶନ, ସହକର୍ମୀ, ପୋଲିସ ବିଭାଗର କର୍ମଚାରୀ, ଖେଳସାଥୀ, ବନ୍ଧୁ ଓ ପ୍ରିୟଜନଙ୍କ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

କୋମଣ୍ଡ ମାଙ୍କଡ଼ା ଖଣି ଦୁର୍ନୀତିର ଗୁମର ଖୋଲିଲା

ନୟାଗଡ଼,୨୩।୨(ଲୋକନାଥ ମିଶ୍ର)

ନୟାଗଡ ଜିଲା ଓଡ଼ଗାଁ ତହସିଲ କୋମଣ୍ଡ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା କୋମଣ୍ଡ, ବାଦଭୂଇଁ, ଭଗବତୀପ୍ରସାଦ, ରୋହିବାଙ୍କ, ଉଦୟପୁର ଅଞ୍ଚଳରେ ଚାଲିଥିବା ବେଆଇନ ମାଙ୍କଡ଼ା ପଥର ଖଣିର ଗୁମର ଖୋଲିଛି। ଆରଟିଆଇ ତଥ୍ୟ ଜିଲା ପ୍ରଶାସନର ଗୁମରକୁ ପଦାରେ ପକାଇଛି। ତତ୍କାଳୀନ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଉପଜିଲାପାଳ ଶକ୍ତିକାନ୍ତ ରାୟ ତତ୍କାଳୀନ ତହସିଲଦାର ବିଜେୟିତା ସାମନ୍ତସିଂହାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା ପ୍ରଦର୍ଶନ କରିଥିବାର ପ୍ରମାଣ ମିଳିଛି। କୋମଣ୍ଡ ପଥର ଖଣି ନେଇ ବାରମ୍ବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳ ଓ ଉପଜିଲାପାଳ ୨୦୨୩ ଜାନୁଆରୀ ମାସରେ କୋମଣ୍ଡ ବେଆଇନ ମାଙ୍କଡା ପଥର ଖଣିରେ ଛାନଭିନ୍ କରିଥିଲେ। ପରେ ତତ୍କାଳୀନ କୋମଣ୍ଡ ଆରଆଇ ସୁଧିର କୁମାର ପରିଡ଼ାଙ୍କୁ ସେ ସମୟରେ ନିଲମ୍ବନ କରିଥିଲେ। ଅନ୍ୟପକ୍ଷେ ତତ୍କାଳୀନ ତହସିଲଦାର ବିଜେୟିତା ସାମନ୍ତସିଂହାରଙ୍କ ବିରୋଧରେ ପ୍ରୋସିଡିଂ ପାଇଁ ଏକ ୧୫ ଜଣିଆ କମିଟି ଗଠନ କରିଥିଲେ। କିଛି ଦିନ ପରେ ତହସିଲଦାର ବିଜେୟିତା ସାମନ୍ତସିଂହାରଙ୍କୁ ବଦଳି କରି ଜିଲାପାଳ ରବୀନ୍ଦ୍ର ନାଥ ସାହୁ ବାହାବା ନେଇଥିଲେ। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟର ତଉଜି ବିଭାଗ ପକ୍ଷରୁ ଡେପୁଟି କଲେକ୍ଟର ଦେଇଥିବା ଆରଟିଆଇରେ ତଥ୍ୟ ଅନୁସାରେ ବେଆଇନ ମାଙ୍କଡ଼ା ଖଣି ଉତ୍ତୋଳନ ଓ ପରିବହନ ଘଟଣାରେ



କୋମଣ୍ଡ ଖଣି ।



COLLECTORATE, NAYAGARH.
(Touzi & Loans Section)
No. ୬୬୩ /T&L Dt. 3୧/୨/୨୩

To

The P.I.O., Collectorate,Nayagarh

Sub:- Supply of information under R.T.I., Act-2005 filed by Sri Lingaraj Samantaray

Ref:- Your letter No. 471/Dtd. 19.06.2023.

Sir,

With reference to the letter on the subject cited above , I am to send herewith the required information as called for therein by the applicant Sri Lingaraj samantaray, S/O Khali Bairiganjan, At- Bajrakot, PO- Baunsagarh District - Nayagarh as follows for your information and further necessary action at your end.

1. ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ୍‌ରେ ଦେଖାଦେଇ ମାଙ୍କଡ଼ା ପଥର (Laterite Stone) ଉତ୍ତୋଳନ ଏବଂ ପରିବହନ ସମ୍ପର୍କରେ ଉଲ୍ଲେଖିତ ଚଳାଣିକ ଚଉହଦ୍ଦୀ ଅଞ୍ଚଳରେ ଜଣେ ବ୍ୟକ୍ତି ଏକାଧିକ ଲେଜର ଚିହ୍ନଟ କରିଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗଠିତ ତଦନ୍ତକାରୀ କମିଟି ଦ୍ୱାରା ତଦନ୍ତ କରାଯାଇଛି। ତଦନ୍ତକାରୀ କମିଟି ଦ୍ୱାରା ଦାଖଲ ହୋଇଥିବା ତଦନ୍ତ ରିପୋର୍ଟ ଅନୁଯାୟୀ ଉଲ୍ଲେଖିତ ଚଳାଣିକ ଚଉହଦ୍ଦୀ ଅଞ୍ଚଳରେ ଜଣେ ବ୍ୟକ୍ତି ଏକାଧିକ ଲେଜର ଚିହ୍ନଟ କରିଥିବା ଅଭିଯୋଗ ସପକ୍ଷରେ କୌଣସି ତଥ୍ୟ ମିଳି ନାହିଁ।

ତଉଜି କାର୍ଯ୍ୟାଳୟରୁ ପ୍ରଦାନ କରାଯାଇଥିବା ଚିଠି ।

- ତହାଲନୀ ଜିଲାପାଳ, ଉପଜିଲାପାଳଙ୍କ ଅନୁକମ୍ପା ଥିଲା
- ଆର୍‌ଆଇଙ୍କୁ ନିଲମ୍ବନ କରି ଚାପି ଦିଆଯାଇଥିଲା ଫାଇଲ
- ଓଡଗାଁ ତହସିଲଦାରଙ୍କ ବଦଳି କରି ନିଆଯାଇଥିଲା ବାହାବା
- କାର୍ଯ୍ୟାନୁଷ୍ଠାନକୁ ଅସ୍ୱୀକାର କଲା ତଉଜି ବିଭାଗ

ଓଡ଼ଗାଁର ତତ୍କାଳୀନ ତହସିଲଦାର ବିଜେୟିତା ସାମନ୍ତସିଂହାରଙ୍କ ବିରୋଧରେ କୌଣସି ଲିଖିତ ଅଭିଯୋଗ ମିଳି ନାହିଁ। ନୟାଗଡ଼ ଜିଲାପାଳଙ୍କ ତରଫରୁ ତହସିଲଦାର ବିଜେୟିତା ସାମନ୍ତସିଂହାରଙ୍କ ବିରୋଧରେ କେଉଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ତଉଜି ବିଭାଗରେ ନାହିଁ। ତଉଜି ବିଭାଗର ରିପୋର୍ଟକୁ ଅନୁଧ୍ୟାନ କଲେ ତହସିଲଦାରଙ୍କୁ ବଦଳି ପଛରେ ଏକ ଡିଲ ହୋଇଥିବା ଆଲୋଚନା ହେଉଛି।

ପ୍ରକାଶ ଯେ, କୋମଣ୍ଡ ମାଙ୍କଡା ପଥର ଓ ମୋରମ ଖଣି ବେଆଇନ ଭାବେ ଚାଲୁ ରହିଛି। ବାରମ୍ବାର ଅଭିଯୋଗ ପରେ କିଛିଫରକ ପଡୁନାହିଁ। ତେବେ ଗତ୨୦୨୨ ଡିସେମ୍ବର ଓ ୨୦୨୩ ଜାନୁଆରୀ ମାସରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶନ ପରେ ନୟାଗଡ଼ର ତତ୍କାଳୀନ ଜିଲାପାଳ ସାହୁ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଅନିୟମିତତା ଆସିଥିଲା। ୨୦୨୩ ଜାନୁଆରୀ ୩ରେ ଜିଲାପାଳ ଆରଆଇଙ୍କୁ ନିଲମ୍ବିତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉପଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଭିତ୍ତି କରି ଜିଲାପାଳ ତହସିଲଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅବଗତ କରାଇଥିଲେ। କିଛି ଦିନ ପରେ ଓଡଗାଁର ତତ୍କାଳୀନ ତହସିଲଦାର ବିଜୟିତା ସାମନ୍ତସିଂହାର ବଦଳି ହୋଇଥିଲେ। ତେବେ ତହସିଲଦାରଙ୍କୁ କେବଳ ବଦଳି କରିଦେବା ପରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସେ ସମୟରେ ବେଆଇନ ଖଣିକୁ ଚଳାଇବା ପାଇଁ ତହସିଲଦାର, ଆରଆଇ, ରାଜନେତା, ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି କେତେଜଣ ଗଣମାଧ୍ୟମର ପ୍ରତିନିଧି ଲାଞ୍ଚ ନେଇଥିବା ଅଭିଯୋଗ ଥିଲା। ପଥରଚୋରମାନେ ଜଣେ ଖବରଦାତାଙ୍କ ଜରିଆରେ ଲାଞ୍ଚ ଟଙ୍କା ଦେଉଥିବା ଚର୍ଚ୍ଚା ହୋଇଥିଲା। ସେ ସମୟରେ ପ୍ରାୟ ୨ମାସ ଖଣି ଖନନ ବନ୍ଦ ରହିଥିଲା। ୨୦୨୩ ମାର୍ଚ୍ଚ ଠାରୁ ବେଆଇନ ଖଣି ଖନନ ବଢ଼ି ଚାଲିଛି। ଏନେଇ ଜଣେ ପଥର ଚୋର କହିଛନ୍ତି, ଭାଇଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦ ଥିବାରୁ ଏବେ ଖଣିଖନନ ଓ ପରିବହନ ଠିକରେ ଚାଲିଛି। ଖଣିଖନନ ଦିନବେଳା ନୁହେଁ ରାତିରେ କରିବାକୁ ମୌଖିକ ନିର୍ଦ୍ଦେଶ ମିଳିଛି। ଆମେ ଭାଇଙ୍କ କଥା ମାନି ରାତିରେ ଖଣି ଖନନ କରୁଛୁ। ଏଥର ଅସୁବିଧା ହେଉନି। କିଛି ହାତଗଣତି ଗଣମାଧ୍ୟମକୁ ଛାଡିଦେଲେ ଅନ୍ୟମାନଙ୍କର ଆମ ପ୍ରତି ଅନୁକମ୍ପା ରହିଛି। ଏଣୁ ଖଣିଖନନରେ ଆଉ ଅସୁବିଧା ହେଉନି।

ଜିଲାପାଳ ରବୀନ୍ଦ୍ର ନାଥ ସାହୁ ୨୦୨୨ ବର୍ଷ ଶେଷ ଓ ୨୦୨୩ ପ୍ରାରମ୍ଭରେ ବେଆଇନ ଖଣି ଉପରେ ଚଢ଼ାଉ କରି କୋକୁଆ ଭୟ ସୃଷ୍ଟି କରାଇଥିଲେ। ଆରଆଇଙ୍କ ନିଲମ୍ବନ ଓ ତହସିଲଦାରଙ୍କ ବଦଳି ପରେ ଚଢ଼ାଉ ଶୀତଳ ଭଣ୍ଡାରକୁ ଚାଲିଗଲା। ଜିଲାପାଳଙ୍କ ନୀରବତା ପରେ ପୁଣି ଖଣି ଚୋର ସକ୍ରିୟ ହୋଇ ଉଠିଛନ୍ତି। ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅବସର ନେଲା ପରେ ଏବେ ନୂଆଜିଲାପାଳ ଭାବେ ସ୍ୱାଧାଦେବ ସିଂ କାମ କରୁଛନ୍ତି। ନୂଆ ଜିଲାପାଳ କୋମଣ୍ଡ ଓ ଆଖପାଖ ଅଞ୍ଚଳର ଖଣି ଉପରେ ଚଢ଼ାଉ କରି ଖଣିଚୋରକୁ ସାବାଡ୍ କରିବାକୁ ସାଧାରଣରେ ଦାବି ଉଠିଲାଣି।

ସେଲ୍‌ଫି କର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ବିଭୂତି

@ ଦେବାଶିଷ

@ ଦୁଃଶାସନ

@ ରଞ୍ଜନ

@ ଅନାମ

@ ଆଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ମାଘମେଳା ମହୋତ୍ସବ ଆରମ୍ଭ

ମାଘମେଳା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଖଣ୍ଡପଡ଼ା,୨୩।୨
(ଅଜୟ କୁମାର ମହାରଣା)

ଲୋକକଳାକୁ ଉଜ୍ଜୀବିତ କରିବା ମହୋତ୍ସବର ଲକ୍ଷ୍ୟ

କଣ୍ଟିଲୋ ଗ୍ରାମ ପଞ୍ଚାୟତ ପକ୍ଷରୁ ମାଘମେଳା ମହୋତ୍ସବ-୨୦୨୪ ଶୁକ୍ରବାରଠାରୁ ମହାଆଡମ୍ବରରେ ଆରମ୍ଭ ହୋଇଛି। ସ୍ଥାନୀୟ ପଲଟନ ପଡିଆ ମିନି ଷ୍ଟାଡିୟମରେ ୫ଦିନ ପାଇଁ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବକୁ ସାହିତ୍ୟିକ ତଥା ସ୍ତମ୍ଭକାର ସ୍ୱରାଜ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। କଣ୍ଟିଲୋ ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ପୌରୋହିତ୍ୟରେ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ମନୋଜ ଦାଶ, ସମ୍ମାନୀତ ଅତିଥି ଭାବେ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ ଓ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ବରିଷ୍ଠ ଭେଷଜ ବିଜ୍ଞାନୀ ମାନସ କୁମାର ସାହୁ ପ୍ରମୁଖ ଯୋଗଦେଇ ସଂସ୍କୃତି ଓ ପରମ୍ପରା ଆମ ଦେଶର ପରିଚୟ। ଏହାଛଡା ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ସର୍ବଜନ ବିଦିତ କଣ୍ଟିଲୋର ଶ୍ରୀ ନୀଳମାଧବ କ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଏହାର ଐତିହ୍ୟ ଓ ପରମ୍ପରା ଅନ୍ୟ ସମସ୍ତଙ୍କଠାରୁ ଭିନ୍ନ ସହ ଆମ ଲୋକକଳାକୁ ଏହି ମହୋତ୍ସବ ମାଧ୍ୟମରେ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି ଅତିଥିମାନେ ମତ ବ୍ୟକ୍ତ କରି ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣି ସ୍ୱାଗତ ଭାଷଣ ଦେବା ସହ ସଭାକୁ ପରିଚାଳନା କରିଥିଲେ। ସାଧାରଣ ସଂପାଦକ ସିଦ୍ଧାର୍ଥ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୀଳମାଧବ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବିବାହ ଭିଡିଓ ସୁନାଚେନ୍ ଲୁଟେରାଙ୍କ ସୂଚନା ଦେଲା

ଖଣ୍ଡପଡ଼ା,୨୩।୨
(ଅଜୟ କୁମାର ମହାରଣା)

ବରଯାତ୍ରୀ ଦଳର ଜଣେ ଯୁବକଙ୍କ ଠାରୁ ଆଉ ଜଣେ ଯୁବକ ଏକ ସୁନାଚେନ ଲୁଟ୍ କରି ନେଇଥିବା ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ଥାନା ଅଧୀନ ଗୁଣ୍ଡୁଣି ଗ୍ରାମକୁ ଏକ ବିବାହ କାର୍ଯ୍ୟରେ ଯୋଗଦେବା ନିମନ୍ତେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ କୁଶପଲ୍ଲା ଗ୍ରାମର ବିରଞ୍ଚି ବିଶ୍ୱାଳ(୩୮) ବରଯାତ୍ରୀ ଦଳସହ ଆସିଥିଲେ। ବିବାହ ଶୋଭାଯାତ୍ରାରେ ବରଯାତ୍ରୀମାନେ ନାଚୁଥିବା ବେଳେ ଶ୍ରୀକାନ୍ତ ବରାଡ଼ ନାମକ ଜଣେ ଯୁବକ ପଛରୁ ବିରଞ୍ଚିଙ୍କ ବେକରେ ଥିବା ୨୪ ଗ୍ରାମ ଓଜନର ସୁନାଚେନ ଛିଣ୍ଡାଇ କରି ନେଇଥିଲେ। ବରଯାତ୍ରୀମାନେ ବିବାହ ଭୋଜି ଖାଇ ବସିବା ବେଳକୁ ବେକରେ ସୁନାଚେନ୍ ନ ଥିବା ବିରଞ୍ଚି ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ସେ ସମସ୍ତଙ୍କୁ ପଚାରିଥିଲେ ମଧ୍ୟ ସୁନାଚେନ୍ ମିଳି ନ ଥିଲା। ତେବେ ବିବାହ ଶୋଭାଯାତ୍ରାର ଭିଡିଓ ରେକର୍ଡିଂ କରୁଥିବା ଯୁବକଙ୍କ ଭିଡିଓ କ୍ଲିପିଂକୁ ଅନୁଧ୍ୟାନ କରିବା ପରେ ଶ୍ରୀକାନ୍ତ ତାଙ୍କ ବେକରୁ କିଭଳି ସୁନାଚେନଟିକୁ ଛିଣ୍ଡାଇ ନେଉଛନ୍ତି ତାହା ଜଣାପଡିଥିଲା। ବିରଞ୍ଚି ସୁନାଚେନ ଚୋରି କରିଥିବା ବ୍ୟକ୍ତି ସମ୍ପର୍କରେ ସ୍ପଷ୍ଟ ସୂଚନା ପାଇବା ପରେ ତାଙ୍କୁ ପଚାରିବାରୁ ସେ ଏ କଥାକୁ ଏଡାଇ ଯାଇଥିଲେ। ଏହାକୁ ନେଇ ଶ୍ରୀକାନ୍ତ ବିରଞ୍ଚିଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ଏହି ଘଟଣା ଥାନାରେ ପହଞ୍ଚି ଥିଲା। ଭିଡିଓ କ୍ଲିପିଂକୁ ଆଧାର କରି ଖଣ୍ଡପଡ଼ା ପୋଲିସ ତଦନ୍ତ କରୁଥିବା ଏସ୍‌ଡିପିଓ ବିମଳ କୁମାର ବାରିକ କହିଛନ୍ତି।

ଓଡ଼ଗାଁ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ଓଡ଼ଗାଁ,୨୩।୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଏନଏସି ରଘୁନାଥ ସରକାରୀ ହାଇସ୍କୁଲ ଖେଳ ପଡିଆ ପରିସରରେ ନିର୍ମାଣ କରାଯାଇଥିବା ବିଜୁ ପଟ୍ଟନାୟକ ବହୁମୂଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପିତ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଷ୍ଟାଡିୟମ ପରିସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ଏନଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ,ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ସୁଧାଂଶୁ ଶେଖର ବେହେରା, ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ଦିବାକର ନାୟକ, ଜିଲା ପରିଷଦ ସଦସ୍ୟା ବିରଜାଲକ୍ଷ୍ମୀ ସାହୁ, ଜିମ ପ୍ରଶିକ୍ଷକ ଆଶୁତୋଷ ବିଶ୍ୱାଳ ଓ ବ୍ୟାଡ ମିଟନ ସହକାରୀ ପ୍ରଶିକ୍ଷିକା ତଥା କେନ୍ଦ୍ର ସଂଯୋଜିକା ସୋନାଲୀ ସାହୁ ଉପସ୍ଥିତ ଥିଲେ।

ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ତାଲିମ

ନୟାଗଡ଼,୨୨।୨(ଲୋକନାଥ ମିଶ୍ର)

ଜିଲା ପରିଷଦ ସଭାଗୃହରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ଓ ପ୍ରସ୍ତୁତି ନିମନ୍ତେ ଏକ ଜିଲାସ୍ତରୀୟ ତାଲିମ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ସଭାପତିତ୍ୱ କରିଥିଲେ। ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ କାର୍ଯ୍ୟ ଖସଡ଼ା ଉପସ୍ଥାପନା କରାଯାଇଥିଲା। ଜିଲା ଜରୁରୀକାଳୀନ ଅଧିକାରୀ ଶିବିରର ଉଦ୍ଦେଶ୍ୟ ଜଣାଇବା ସହ କିପରି ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରାଯିବ ସେନେଇ ଆଲୋଚନା କରିଥିଲେ। ପରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନୌସଦ୍ ଅଲ୍ଲୀ ଖାଁ ଅଂଶୁଘାତରୁ କିପରି ରକ୍ଷା ପାଇବେ ସେଥିପାଇଁ ପ୍ରସ୍ତୁତ ରହିବା, କିଛି ଅଘଟଣ ହେଲେ ସେଥିରେ ସରକାରଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଶୁପକ୍ଷୀମାନେ ଗ୍ରୀଷ୍ମ ପ୍ରବାହ ସମୟରେ କିପରି ରକ୍ଷା ପାଇବେ ତା ଉପରେ ଟିପ୍ପଣୀ ଦେଇଥିଲେ। ତା ଉପରେ ଟିପ୍ପଣୀ ଦେଇଥିଲେ।

ଅନ୍ଧାରରେ ୧୦ ନମ୍ବର ୱାର୍ଡ

୧୦ମାସ ହେଲା ଜଳୁନି ଷ୍ଟ୍ରିଟ୍ ଲାଇଟ

ନୟାଗଡ/ରଣପୁର,୨୨।୨ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ସହର ୧୦ ନଂ. ୱାର୍ଡର ପାଟରାସାହିସ୍ଥ ୬୩ ନଂ. ବିଦ୍ୟୁତ୍ ଖୁଣ୍ଟରେ ଷ୍ଟ୍ରିଟ ଲାଇଟ ପ୍ରାୟ ୧୦ ମାସ ହେଲା ଜଳୁ ନାହିଁ। ଏଣୁ ୧୦ ନଂ. ୱାର୍ଡର ପାଟରାସାହି ଅନ୍ଧାରରେ ରହିଛି। ଏଠାରେ ପ୍ରାୟ ୧୧ ମାସ ତଳେ ନୂଆ କରି ଷ୍ଟ୍ରିଟ ଲାଇଟ ଖୁଣ୍ଟରେ ଲଗା ଯାଇଥିଲା। ପ୍ରାୟ ୧ମାସ ଜଳିବା ପରେ ସଂପୃକ୍ତ ଅଂଚଳ ଅନ୍ଧାରରେ ରହିଛି। ନିମ୍ନମାନର ବିଦ୍ୟୁତ୍ ଉପକରଣ ବ୍ୟବହାର କରାଯାଇଥିବାରୁ ଏଭଳିଆ ଅବ୍ୟବସ୍ଥା ଦେଖା ଦେଇଥିବା ଅଭିଯୋଗ ଉଠିଛି। ୱାର୍ଡକୁ ଆଲୋକିତ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଅନନ୍ତ ପ୍ରସାଦ ମହାପାତ୍ର ରଣପୁର ଏନଏସି ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ପାଇ ନ ଥିଲେ। ପରେ ପୁଣି ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, ନୟାଗଡ ଜିଲାପାଳଙ୍କୁ ଅନୁରୂପ ଭାବେ ଫେରାଦ୍ ହୋଇଛନ୍ତି। ତେବେ ଅଭିଯୋଗର ୨ମାସ ପରେ ବି ପଦକ୍ଷେପ ନ ଥିବା ଅନନ୍ତ ପ୍ରସାଦ ମହାପାତ୍ର କ୍ଷୋଭର ସହ ଜଣାଇଛନ୍ତି।

ଗୋଲେଇ ଟ୍ରାଫିକ, ମାଛ ମାର୍କେଟ ଉଦ୍‌ଘାଟିତ

ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ପ୍ରସ୍ତାବ

ନୟାଗଡ଼,୨୩।୨(ଲୋକନାଥ ମିଶ୍ର)

ନୟାଗଡ ଜିଲା ସଦର ମହକୁମାରେ ଗୋଲେଇ ଟ୍ରାଫିକ, ବାହାଡାଝୋଲା ନିୟନ୍ତ୍ରିତ ବଜାର କମିଟି ଆନୁକୁଲ୍ୟରେ ୨କୋଟି ୮୬ ଲକ୍ଷ ଟଙ୍କାର ପରିବା ବ୍ୟବସାୟୀଙ୍କ କାର୍ଯ୍ୟାଳୟ ଗୃହ, ୩ଟି ଷ୍ଟାଫ କ୍ୱାର୍ଟର୍ସ, ୧୭ ଲକ୍ଷ ଟଙ୍କାର ୧୦ ମେଟ୍ରିକ ଟନର ଶୀତଳ ଭଣ୍ଡାର, ୩କୋଟି ୨୨ ଲକ୍ଷ ବ୍ୟୟରେ ଅତ୍ୟାଧୁନିକ ମାଛ

ଉଦ୍‌ଘାଟନୀ ସଭାରେ ବିଧାୟକ ଅରୁଣ ସାହୁ ଉଦ୍‌ବୋଧନ ଦେଉଛନ୍ତି ।



ସୁସଜ୍ଜିତ ଗୋଲେଇ ଟ୍ରାଫିକ୍ ।

ମାର୍କେଟକୁ ଶୁକ୍ରବାର ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ତେବେ ୨କୋଟି ୧୫ ଲକ୍ଷ ଟଙ୍କାର ଗୋଲେଇ ଟ୍ରାଫିକକୁ ବିଧାୟକ ଜଣେ ବରିଷ୍ଠ ନାଗରିକଙ୍କ ଦ୍ୱାରା ଲୋକର୍ପଣ କରାଇଥିଲେ। ଲୋକର୍ପଣ ପରେ ଆମ ପାଇଁ ବଡ ଆମ ନୟାଗଡ଼ ଲେଖାଥିବା ଗୋଲେଇ ଟ୍ରାଫିକ ଝିଲିମିଲି ଆଲୋକରେ ଝଲସି ଉଠିଛି। ଏ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ପୁରୁଣା ଜେଲ ଜମିର ଦୁର୍ଗା ମଣ୍ଡପରେ ଆୟୋଜିତ ସଭାରେ ନୟାଗଡ଼ ବିଧାୟକ ସାହୁ, ନୟାଗଡ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇ ନୟାଗଡ ସହର କିପରି ବିକାଶ ଦୌଡରେ ଆଗେଇ ଚାଲିଛି ସେନେଇ ଡିଣ୍ଡିମ ପିଟିଥିଲେ। ପୂର୍ବର ନୟାଗଡ଼ ଓ ବର୍ତ୍ତମାନର ରୂପାନ୍ତରିତ ନୟାଗଡ଼ ମଧ୍ୟରେ ଟିପ୍ପଣୀ ଦେଇଥିଲେ। ସଭାରେ ବିଧାୟକ ନୟାଗଡ଼ ଟ୍ରାଫିକ ସମସ୍ୟା ଉପରେ କହି ଡିଏଫଓ କାର୍ଯ୍ୟାଳୟ ଟ୍ରାଫିକ ଛକରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ପ୍ରସ୍ତାବ ଦେଇଥିଲେ।

ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ଆରମ୍ଭ

ପୁରୀ, ୨୩।୨(ଅଜିତ୍ ମହାନ୍ତି)

ମାର୍ଚ୍ଚ ୧୯ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ

ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ଓ ଛତିଶା ନିଯୋଗ ବୈଠକରେ ଅନୁମତି ପରେ ଶୁକ୍ରବାରଠାରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଲୁହାଭାରା କଡ଼ାଯାଇ ଷ୍ଟେଜିଙ୍ଗ ବା ମଞ୍ଚା କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୧୨୦ ଦିନ ମଧ୍ୟରେ କାର୍ଯ୍ୟ ସାରିବାକୁ ଥିବାରୁ ମାର୍ଚ୍ଚ ୧୯ ସୁଦ୍ଧା ନାଟମଣ୍ଡପ ମରାମତି କାର୍ଯ୍ୟ ସାରିବାକୁ ଏଏସ୍ଆଇ ଲକ୍ଷ୍ୟ ରଖିଛି। ଅପରପକ୍ଷରେ କାର୍ଯ୍ୟ ସମୟରେ ଯେପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନରେ କୌଣସି ସମସ୍ୟା ନ ହେବ ଓ ମହାପ୍ରଭୁଙ୍କ ନୀତି ସଅଳ କରାଯିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗର ନିଷ୍ପତ୍ତି ଅନୁଯାୟୀ, ଏଏସ୍ଆଇ ପକ୍ଷରୁ ଅପରାହ୍ନ ୧ଟାରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିଲା। ପୂର୍ବରୁ ନାଟମଣ୍ଡପ ଉପରିଭାଗରେ ୧୦ରୁ ଊର୍ଦ୍ଧ୍ୱ ପକେଟର ମରାମତି କରାଯାଇଥିଲା। ନାଟମଣ୍ଡପ ଓ ଜଗମୋହନ ସଂଯୋଗସ୍ଥଳରେ ଯେଉଁ ପାଣି ଗଳୁଥିଲା, ତାହାକୁ ସଫା କରି ମରାମତି କରାଯାଇଥିଲା। ସେହିପରି ଗରୁଡ଼ ସ୍ତମ୍ଭ ପୂର୍ବପଟେ ନାଟମଣ୍ଡପରେ କ୍ୟାପିଟାଲ ବିମ୍ର ଫାଟକୁ ଅନୁଧାନ କରାଯାଇଛି, ସେଥିରେ ଷ୍ଟିଲ ବିମ୍ ସପୋର୍ଟ ପାଇଁ ସ୍ୱତନ୍ତ୍ର ଡିଜାଇନ କରାଯିବ। ସିଂହଦ୍ୱାର ଗୁମୁଟରେ ଯେଭଳି ଷ୍ଟିଲ ବିମ୍ ଲଗାଯାଇଛି, ସେହି ଆଧାରରେ ନାଟମଣ୍ଡପ ବିମ୍ ମରାମତି କରାଯିବ ବୋଲି ଜଣାପଡ଼ିଛି। ଶ୍ରୀମନ୍ଦିର ବୈଷୟିକ କୋର କମିଟି ଏଏସ୍ଆଇର ବୈଷୟିକ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏହି ମରାମତି କାମ କରାଯାଉଛି।

ଦୁଇ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

ଜୀବନ ହାରିଲେ, କାରଣ ଅସ୍ପଷ୍ଟ

ଧାମନଗର(ସନ୍ତୋଷ କୁମାର ମହାପାତ୍ର) / (ଦେବେନ୍ଦ୍ର ଆନ୍ଦିଆ),୨୩।୨

ଭଦ୍ରକ ଜିଲା ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଶାସନରେ ମାଉସୀ ଘରେ ରହି ପାଠ ପଢୁଥିବା ଜଣେ ମାଟ୍ରିକ୍ ପରୀକ୍ଷାର୍ଥୀ ଗୁରୁବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ତାଙ୍କ ମୋବାଇଲକୁ 'ମୁଁ ମରିଯିବି' ବୋଲି ଏକ ମେସେଜ ଆସିଥିଲା ବୋଲି ମୃତ ଛାତ୍ରଙ୍କ ମାଉସୀ ଘର ଲୋକେ କହିଛନ୍ତି। ମୃତକ ହେଉଛନ୍ତି ମୟୂରଭଞ୍ଜ ଜିଲାର ଅଭୟ ପଣ୍ଡାଙ୍କ ପୁଅ ଅଭିଷେକ (୧୬)। ଧାମନଗର ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମାଉସୀ ଅଳକା ଦାସଙ୍କ ରିପୋର୍ଟ ଅନୁସାରେ ଅପମୃତ୍ୟୁ ମାମଲା (ନଂ.୩/୨୪) ରୁଜୁ କରି ତଦନ୍ତ ଚଳାଇଛି। ଅଭିଷେକ ନିଜ ମାଉସୀ ଘରେ ରହି ନିକଟସ୍ଥ ଜନତା ନୋଡାଲ ଉଚ୍ଚ ବିଦ୍ୟାପୀଠରେ ପାଠ ପଢୁଥିଲେ। ନଦୀଗାଁ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନରେ ସାହିତ୍ୟ ପରୀକ୍ଷା ଦେଇଥିଲେ। କିନ୍ତୁ ଶୁକ୍ରବାର ଇଂରାଜୀ ପରୀକ୍ଷା ଦେବା ପୂର୍ବରୁ ଗୁରୁବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ମାଉସୀ ଘର ଲୋକଙ୍କ କହିବା ଅନୁଯାୟୀ, ଆତ୍ମହତ୍ୟା ପୂର୍ବରୁ ଅଭିଷେକଙ୍କ ମୋବାଇଲକୁ 'ମୁଁ ଆଜି ମରିଯିବି'

ଅଭିଷେକ ପଣ୍ଡା

ବୋଲି ଏକ ମେସେଜ୍ ଆସିଥିଲା। ମାଉସୀ ଘର ଲୋକେ ଏହି ମେସେଜ ଦେଖି ପଚାରିବାରୁ ଜଣେ ଝିଅ ତା' ବାପା ପାଖକୁ ଏହି ମେସେଜ କରୁଥିଲା। ଭୁଲ୍ବଶତଃ ମୋ ମୋବାଇଲକୁ ଆସିଯାଇଛି ବୋଲି ଅଭିଷେକ କହିଥିଲେ। ପରେ ସେହି ମେସେଜକୁ ସେ ଡିଲିଟ କରି ଦେଇଥିଲେ। ଉକ୍ତ ମେସେଜକୁ ନେଇ ଅଭିଷେକ ବିବ୍ରତ ହୋଇ ଏପରି ପଦକ୍ଷେପ ନେଇଥାଇ ପାରନ୍ତି ବୋଲି ଅନୁମାନ କରାଯାଉଥିବା ବେଳେ ପରୀକ୍ଷା ଚାପ କିମ୍ବା ପ୍ରେମଜନିତ କାରଣରୁ ଆତ୍ମହତ୍ୟା କରିଛନ୍ତି, ତାହା ଅସ୍ପଷ୍ଟ ରହିଛି। ମୋବାଇଲକୁ ଆସିଥିବା ମେସେଜ ଆଧାରରେ ତଦନ୍ତ କରାଯିବ ବୋଲି ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ କହିଛନ୍ତି।

କପି କରି ଧରାପଡ଼ିବାରୁ ନେଲେ ଚରମ ନିଷ୍ପତ୍ତି

ବ୍ରହ୍ମପୁର,୨୩।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଦେବାଶିଷ ସେଠୀ

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୋଲି ସୂର୍ଯ୍ୟନଗରରେ ରହୁଥିବା ଜଣେ ଯୁକ୍ତ ୨ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦେବାଶିଷ ସେଠୀ(୧୭)। ଦେବାଶିଷ ଗୁରୁବାର ପରୀକ୍ଷାରେ କପି କରି ଧରାପଡ଼ିଥିଲେ। ତେଣୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ବର୍ତ୍ତମାନ ଏହି ବିଭାଗ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅଧୀନରେ ଅଛି, ଯାହା କଷ୍ଟମ୍ସ ଆଦାୟ, କେନ୍ଦ୍ରୀୟ ଏକ୍ସାଇଜ ଡ୍ୟୁଟି, କେନ୍ଦ୍ରୀୟ ଜିଏସ୍‌ଟି ଏବଂ ଆଇଜିଏସ୍‌ଟି, ଚୋରା ଚାଲାଣ ରୋକିବା ଏବଂ ନାର୍କୋଟିକ୍ସ(ନିଶା କାରବାର)ଜଡ଼ିତ ବିଷୟଗୁଡ଼ିକର ଟିକସ ପ୍ରଶାସନ ସମ୍ବନ୍ଧୀୟ ନୀତି ପ୍ରଣୟନ ସହିତ କାର୍ଯ୍ୟ କରୁଛି। ସିବିଆଇସି ଅଧୀନରେ କଷ୍ଟମ୍ସ, ସେଣ୍ଟ୍ରାଲ ଏକ୍ସାଇଜ, ସେଣ୍ଟ୍ରାଲ ଦ୍ରବ୍ୟ ଓ ସେବାକର, ଆଇଜିଏସ୍‌ଟି, ନାର୍କୋଟିକ୍ସ, କଷ୍ଟମ ହାଉସ, ସେଣ୍ଟ୍ରାଲ ଏକ୍ସାଇଜ ଏବଂ ସେଣ୍ଟ୍ରାଲ ଜିଏସ୍‌ଟି କମିଶନର, କେନ୍ଦ୍ରୀୟ

ସେଣ୍ଟ୍ରାଲ ଏକ୍ସାଇଜ ଡେ

ରାଜସ୍ୱ ନିୟନ୍ତ୍ରଣ ଲାବରେଟୋରି ସମେତ ଅନ୍ୟାନ୍ୟ ବୋର୍ଡ ଏହାର ଅଧୀନ ସଙ୍ଗଠନଗୁଡ଼ିକ ପାଇଁ ପ୍ରଶାସନିକ ପ୍ରାଧିକରଣ ଭାବେ କାର୍ଯ୍ୟ କରୁଛି। ଏହି ଦିବସରେ ଦେଶରେ ବିଭିନ୍ନ ସ୍ଥାନରେ ସେମିନାର, କର୍ମଶାଳା, ଶିକ୍ଷାଗତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥାଏ। ଏହା ବ୍ୟତୀତ ସମ୍ପୃକ୍ତ ବିଭାଗ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ସେବା ପ୍ରଦାନକାରୀ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥାଏ।

ଥରକେ ୪୫ ସ୍ୱେଟର୍ ପିନ୍ଧି ବିଶ୍ୱ ରେକର୍ଡ

ଶୀତବସ୍ତ୍ର ପିନ୍ଧି ବିଶ୍ୱରେକର୍ଡ କରିଛନ୍ତି ଜଣେ କଲେଜ ଛାତ୍ରୀ। ସେ ଏକାଥରକେ ୪୫ ସ୍ୱେଟର୍ ପିନ୍ଧି ଏହି କାରନାମା କରିଛନ୍ତି। ସେ ହେଲେ ଆମେରିକାର ସୋଫିଆ ଏଫ ହେଡେନ। ଲକ୍ଷରୁ ଅଧିକ ଲାଇକ ମିଳିଛି। ସୋସିଆଲ ମିଡିଆରେ ଏବେ ତାଙ୍କର ଏକ ଭିଡିଓ ଭାଇରାଲ ହେଉଛି। ସ୍ୱେଟର୍ ପିନ୍ଧିବା ପରେ ତାଙ୍କୁ ଦେଖିଲେ ହସ ରୋକିବା ସମ୍ଭବ ହେବନି। ଇନଷ୍ଟାଗ୍ରାମରେ ଭାଇରାଲ ହେଉଥିବା ଭିଡିଓରେ ବ୍ୟବହାରକାରୀ ମଜାଦାର ପ୍ରତିକ୍ରିୟା ଦେଉଛନ୍ତି। ଏମିତିରେ ଜଣେ ୟୁଜର ଲେଖିଛନ୍ତି ସେ ପାକିସ୍ତାନର ଖାନ ବାବାଙ୍କ ଭଉଣୀଙ୍କ ଭଳି ଦେଖାଯାଉଛନ୍ତି। ସେହିଭଳି ଅନ୍ୟଜଣେ କହିଛନ୍ତି ରେକର୍ଡ ତାଙ୍କୁ ସ୍ୱେଟର୍ ପିନ୍ଧାଉଥିବା ମହିଳାଙ୍କୁ ମିଳିବା ଉଚିତ। ଏଯାବତ ଏହାକୁ ୧.୨୬ ଲକ୍ଷରୁ ଅଧିକ ଲାଇକ ମିଳିଛି।

GOVERNMENT OF ODISHA No. C-3149
OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR
E-Mail ID- acephcbam@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)

Sl. No.	Name of Work	Bid Identification No.	Estimated Cost (Rs. in Lakhs)	Period of Completion	Availability of Bid Document for Online Bidding From	Availability of Bid Document for Online Bidding To	Name & Address of Officer Inviting Bid
1	2	3	4	5	6	7	8
1	Construction of Storage reservoir, staff quarters with site development, approach road and compound wall in connection with the work "Construction of Storage reservoir with filling arrangements, laying of pipeline and other ancillary works for augmentation of Water supply to Khallikote NAC undder STATE PLAN (BASUDHA) 2023-24"	Identification No. ACEPHCBAM 08/2023-24 Dt. 19.02.2024	305.80	12 (Twelve) Calendar Months	11.00 Hrs. of 23.02.2024	17.30 Hrs. of 11.03.2024	Addl. Chief Engineer, P.H. Circle, Berhampur
2	Laying of clear water rising main in connection with the work "Construction of Storage reservoir with filling arrangements, laying of pipeline and other ancillary works for augmentation of Water supply to Khallikote NAC undder STATE PLAN (BASUDHA) 2023-24"	Identification No. ACEPHCBAM 09/2023-24 Dt. 19.02.2024	407.72	12 (Twelve) Calendar Months	11.00 Hrs. of 23.02.2024	17.30 Hrs. of 11.03.2024	Addl. Chief Engineer, P.H. Circle, Berhampur
3	Pumping arrangements with external power supply and power back up arrangements in connection with the work "Construction of Storage reservoir with filling arrangements, laying of pipeline and other ancillary works for augmentation of Water supply to Khallikote NAC undder STATE PLAN (BASUDHA) 2023-24"	Identification No. ACEPHCBAM 10/2023-24 Dt. 19.02.2024	154.75	12 (Twelve) Calendar Months	11.00 Hrs. of 23.02.2024	17.30 Hrs. of 11.03.2024	Addl. Chief Engineer, P.H. Circle, Berhampur

The technical bid shall be opened on dt.12.03.2024 at 11.00 A.M. Further details can be seen from the e-Procurement portal http://tendersodisha.gov.in
OIPR-13004/11/0014/2324 Sd./- ADDITIONAL CHIEF ENGINEER (PH)

OFFICE OF THE MUNICIPAL COUNCIL: BALANGIR
Address: Office of the Municipal Council Balangir, Opp. of Rajendra park, Balangir, Pin: 767001
Ph.No.: 06652 232720, Email ID: bgrmc1972@gmail.com
Letter No. 809/ **ଅଭିବ୍ୟକ୍ତି ପ୍ରକାଶନ** Date 17.2.2024
No.C ଏତଦ୍ୱାରା ବଲାଙ୍ଗୀର ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ସହର ସୌନ୍ଦର୍ଯ୍ୟକରଣ କରିବା ପାଇଁ ସରକାରଙ୍କ ପତ୍ର ସଂଖ୍ୟା-୧୨୩୦୧, ତା୧୭.୦୨.୨୦୨୩ ଅନୁଯାୟୀ ମୁଲ୍ଲା ଯୋଜନାରେ ୨୦୨୩-୨୪ ବର୍ଷ ପାଇଁ ଟ.୨.୧୪/- (ଦୁଇକୋଟି ଚଉଦ ଲକ୍ଷ ଟଙ୍କା) ମାତ୍ର ଅନୁଦାନ ରାଶି ଆସିଅଛି। ଉକ୍ତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଉପକରଣ ଯୋଗାଇ ଦେବାକୁ ଇଚ୍ଛୁକ ଭେଣ୍ଡରମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଭେଣ୍ଡରମାନେ ତା୧୭.୦୨.୨୦୨୪ରିଖଠାରୁ ତା୨୮.୦୨.୨୦୨୪ରିଖ ଅପରାହ୍ନ ୫ଟା ପୁଦ୍ଧା ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ନିର୍ଦ୍ଧାରିତ ଆବେଦନ ପତ୍ରରେ ପୂରଣ କରି ରେଜେଷ୍ଟ୍ରି ପୋଷ୍ଟ/ସ୍ପିଡ୍ ପୋଷ୍ଟ/କୋରିୟର ମାଧ୍ୟମରେ ଦରଖାସ୍ତ ଦାଖଲ କରନ୍ତୁ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ। ଆସନ୍ତା ତା୨୯.୦୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଭେଣ୍ଡର କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି। ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନପତ୍ର ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ୍(www.balangir.nic.in)ରୁ ମଧ୍ୟ ଡାଉନଲୋଡ କରିପାରିବେ। ଲଫାପାର ଉପରେ ''ସହର ସୌନ୍ଦର୍ଯ୍ୟକରଣ ନିମନ୍ତେ ଉପକରଣ ଯୋଗାଇବା'' ଲେଖାଥିବା ଆବଶ୍ୟକ।
OIPR-13169/11/0027/2324 ସ୍ୱା- କାର୍ଯ୍ୟନିର୍ବାହୀ ଅଧିକାରୀ, ବଲାଙ୍ଗୀର ପୌରପାଳିକା

OFFICE OF THE SUPERINTENDING ENGINEER
P.H. DIVISION, KORAPUT
Tel/Fax - 06852-250740, e-mail- eephkrp@nic.in, eephkrp@gmail.com
GOVERNMENT OF ODISHA "e" Procurement Notice
No.C-1810 **e-procurement Notice for 2023-24**
Bid Identification No.SE, P.H.KPT-13 of 2023-24 Dt.15.02.2024

1.	No. of the works	1 No.
2.	Estimated Cost	Rs.603.03 lakh (Approx.)
3.	Period of completion	9 months
4.	Date & time of availability of bid document in the portal	From 11.00 A.M. of 23.02.2024 to 05.00 P.M. of 06.03.2024
5.	Last date/time of receipt of bids in the portal	05.00 P.M. of 06.03.2024
6.	Date & time of opening of bids	11.00 A.M. of 07.03.2024
7.	Name and address of the Officer Inviting Bid	Superintending Engineer, P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in"
Sd./- (Er. Chiranjibi Mahali), Superintending Engineer
OIPR-13008/11/0021/2324 P.H. Division, Koraput

No.CAD-4255
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
Tender Call Notice No. File No.:HO/P&C/EST/E-2592/04/2024/5909
Dated 21.02.2024
Bid Identification No.:P&C/EST/E-203/2023-24
NOTICE INVITING TENDER THROUGH e-Procurement
Name of the Work:SITC of 1 no. of 250 KVA Trolley Mounted Mobile Silent DG Set for intake well at Talajaring, Kalahandi.
Tender Value: Rs.38,60,000.00

Procurement Officer	Bid Identification No.	Period of Completion	Availability of Tender Online for Bidding From	Availability of Tender Online for Bidding To
1	2	3	4	5
Chief General Manager (P&C), IDCO, IDCO Tower, Bhubaneswar	Bid Identification No:- P&C/EST/E-203/2023-24	02 (Two) Calendar Months	17.00 Hours of dt.27.02.2024	17.00 Hours on dt.21.03.2024

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.
Sd./-Chief General Manager (P&C)
OIPR-14003/11/0423/2324 IDCO, Bhubaneswar

OFFICE OF THE NOTIFIED AREA COUNCIL, GANJAM
Odisha-761026, Tel: 06811-295560, E-mail: eo.nacganjam21@gmail.com
Letter No. 275/NAC, Date: 13.02.2024
OFFICE OF THE NOTIFIED AREA COUNCIL, GANJAM
INVITATION OF BIDS
e-tender Notice-219/NAC Dt.03.02.2024
Tender Reference No. GJM-03-NAC/2023-24
No. of Civil Projects = 10 Nos.
No.C- Estimated Cost = as per DTCN
1. **Availability of the tender** in the website: www.tendersorissa.gov.in from **13.02.2024 at 11.00 A.M. to 26.02.2024 upto 5.00 P.M.**
2. Bid shall be received only "online" **on or before 26.02.2024 upto 5.00 P.M.**
3. **Opening of the Bid = 27.02.2024 at 11.30 AM**
OIPR-13164/11/0013/2324 Sd./- Executive Officer, N.A.C., Ganjam

OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION
AT-MATIAGARH CHHAKA, PO-K. JASHIPUR,
DIST-MAYURBHANJ, ODISHA-757091
Tel: - 06797-295030, Email-dfo.similipalnorthwl@odisha.gov.in/ ddsimilipalnorth@gmail.com
Office Order No.21, Date:16.02.2024
1st Corrigendum to Bid Invited vide this Office Tender Call Notice No.17, dtd.08.02.2024
No.MM-460: In pursuance to this Office Tender Call Notice No.17, dtd.08.02.2024, the following changes have been made in NIT & DTCN.

Sl.No. As per Original TCN	Items	As per Original TCN	As per 1st Corrigendum to TCN & DTCN
3.	Tender Opening	03.00 PM on 21.02.2024	03.00 PM on 26.02.2024

Sd./- Deputy Director
Similipal (North) WL Division
Jashipur
OIPR-08133/11/0022/2324

CHIEF DISTRICT MEDICAL AND PUBLIC HEALTH OFFICER, KALAHANDI
Adv.Letter No.1318 Date:21.02.2024
No.E-877: Tender call notice for hiring 02 nos private of vehicle O/O CDM &PHO,Kalahandi
Sealed Quotation/Tenders are invited from interested reputed Travel Agencies/Tour Operator/Private Individuals for providing 02 nos of AC Tiago/Bolt/Calerio (petrol) Driven vehicles having citing capacity not more than 05 including Driver which shall conform to the Terms & Condition for official use in O/O COM &PHO, Kalahandi on monthly rent basis with Maximum hire charges Rs.20,000/-per month excluding taxes, with minimum average mileage 17 KM/ Lit. Intending Bidders may obtained Tender paper containing Terms & Condition details of vehicle and its location in the District Website www.kalahandi.nic.in. The filled in format (Annexure 1 to 4) as single sealed envelope subscribing at the Top of the envelope TENDER FOR HIRING 02 NOS OF VEHICLES O/O CDM & PHO,Kalahandi And the same will be opened on dt. 02.03.2024 time 12 Noon in the Office Chamber of the CDM &PHO, Kalahandi.The Authority reserves the right to cancel/reject any or all Tender without assigning any reason thereof.
Sd./- Chief District Medical & Public Health Officer, Kalahandi
OIPR-10076/11/0025/2324

GOVERNMENT OF ODISHA
Department of Water Resources
OFFICE OF THE ADDITIONAL CHIEF ENGINEER, NORTHERN MINOR IRRIGATION CIRCLE, SAMBALPUR
E-mail Id:senmicsbpr@yahoo.co.in
No.258/ Dated 21.02.2024
TENDER CANCELLATION NOTICE
ACENMIC, SBP-03/2023-24
Cancellation to Bid Identification No. ACENMIC, SBP-03/2023-24 dt.02.02.2024
No.A-1583: The "e" Procurement Notice vide Bid Identification No.ACENMIC, SBP-03/2023-24,dt.02.02.2024 for the work "Improvement to Distribution system of Girischandrapur MIP in Naktideul Block of Sambalpur District under ERM 2023-24 is here by cancelled due to unavoidable circumstances.
Sd./- Additional Chief Engineer,
OIPR-32208/11/0008/2324 Northern Minor Irrigation Circle, Sambalpur

PANCHAYAT SAMITI, BARKOTE
DIST-DEOGARH
No.531/Dev. Date 21.02.2024
TENDER CALL NOTICE
No.i-628: The Block Development Officer, Barkote on behalf of Govt. of Odisha invites sealed tenders for one works under Panchayat Samiti. Barkote in percentage rate basic (PI). The contractors registered with Government of Odisha/Central Govt. or Contractors equivalent to grade "B", "C" & "D" class of P.W.D. (R&B/Water Resource/Rural Works/M.I./C.P.W.D. arc eligible to submit the tender paper for following work eventually to be drawn up in P.W.D. F2 form of agreement in conformity with the detailed Tender Call Notice.
The other details can be downloaded from district website, i.e. www.deogarh.nic.in.
Sd./- Block Development Officer, Barkote
OIPR-19394/11/0004/2324

Government of Odisha "e" Procurement Notice
WORKS DEPARTMENT No. B-1818
Bid Identification No. C.C.E.K.C., Keonjhar No.58/2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 874 dt. 19.02.2024

1.	Name of the work	:-	Construction of Skill Development Training Centre at Telkoi in the district of Keonjhar for the year 2023-24.
2.	Estimated Cost	:-	Rs.270.73 Lakhs
3.	Class of Contractor	:-	"B" Class & "A" Class
4.	Period of completion	:-	06 (Six) Calendar Months
5.	Date and Time of availability of Bid document in the portal	:-	From 11.00 hours of 21.02.2024 to 16.00 hours of 06.03.2024
6.	Last date/ Time for receipt of bids in the portal	:-	16.00 hours of 06.03.2024
7.	Date of opening of Bid from Portal	:-	11.30 hours on 07.03.2024
8.	Name and address of the officer inviting Bid	:-	Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"
Sd./- Chief Construction Engineer,
OIPR-34033/11/0081/2324 Keonjhar (R&B) Circle, Keonjhar

ADVERTISEMENT FOR PROVIDING COMMERCIAL VEHICLES (PETROL) INCLUDING DRIVER TO THE BHIMA BHOI MEDICAL COLLEGE & HOSPITAL, BALANGIR
No.E-873: Sealed Tender is invited from Service Providers /Travel Agencies/ Tour Operator/ Individuals for Providing Commercial Vehicles (Petrol) including Driver to the Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.06.03.2024 upto 12.00 Noon in the Office of the Superintendent, BBMC&H, Balangir. The details and terms & condition can be downloaded from https://bbmchbalangir.nic.in, www.dmetodisha.gov.in. & https//Balangir.nic.in.
Sd./- Superintendent
Bhima Bhoi Medical College & Hospital, Balangir
OIPR-10141/11/0032/2324

GOVERNMENT OF ODISHA
e-Procurement Notice
Angul Municipality Office, Angul
Bid Identification No.EO/AGLM-18/2023-24
Bid Identification No.2024_ORULB_101306
e-mail ID: angulmunicipality@gmail.com
No.C-3153: No.629, Date:17.02.2024

1. Number of Works	:	35 (Thirty Five) numbers of civil works
2. Approximate estimated cost	:	Rs.1.86 to 16.95 lakhs (excluding GST)
3. Period of Completion	:	One to Two Calendar Months
4. Date & Time of availability of bid document in the Portal	:	Dt.19.02.2024 at 10.00 A.M.
5. Last Date/Time for receipt of Bid in the Portal	:	Dt.28.02.2024 upto 5.00 P.M.
6. Date of Opening Bid	:	Dt.29.02.2024 at 11.00 A.M.
7. Name and address of the Office Inviting Bid	:	Executive Officer Angul Municipality, Angul

8. The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in.
Sd./-P.K. Nayak
OIPR-13085/11/0052/2324 Executive Officer, Angul Municipality

OFFICE OF THE DEPUTY DIRECTOR OF HORTICULTURE , BALANGIR
EOI No.632 Dt.21.02.2024
No.L-236: Deputy Director of Horticulture, Balangir is invites applications from interested NGOs/ TRUSTs towards expression of Interest (EOI) to involve in the **"Strengthening of Livelihoods of Mission Shakti WSHG members through 'Promotion of Agriculture Production Cluster in Odisha'** project in selective 2 Nos. of blocks in Balangir District i.e. Loisingha & Gudvella from the year 2023-24 to 2027-28 (5 Years) under State Plane Scheme. The EOI of the NGOs/ TRUSTs should be submitted to the **OFFICE OF THE DEPUTY DIRECTOR OF HORTICULTURE, At-Laltikra, Po-Rajendra College, Near Sadar Police Station, Balangir-767002 in prescribed form with necessary enclosures** on or before 06.03.2023 by 5.00 PM through Registered Post/ Speed Post (P&T Department, Govt. of India only) and by no other means. For application form & details please visit.
WEBSITE: balangir.nic.in & www.apcodisha.net.
Sd./- Deputy Director of Horticulture
OIPR-01528/11/0002/2324 Balangir

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR -1
Phone No.0674-2430764,2432002 Fax No.-2431053,
Notice inviting request for proposal for selection of Agency for providing outsource services.
Notice No.842 Date:21.02.2024
No. CAD-4257:- Odisha Tourism Development Corporation invites sealed proposals from eligible bidders (Agencies / Firm) interested to provide "outsource services" vide a service contract to be engaged at OTDC Corporate Office and it's Units located at different places within Odisha.
Interested bidders can download the RFP documents containing detail terms & conditions, scope and eligible criteria from the official website.dot.odisha.gov.in from 22.02.2024. The last date & time for submission of RFP is on 01.03.2024 up to 04.00PM by Speed post / Registered post / Courier or by hand. The technical bid will be opened on 02.03.2024 by 11.30 AM in presence of the bidders or their authorized representatives if any.
The under signed reserves the right to accept or reject any or all the tenders without assigning any reason thereof.
Sd./- MANAGING DIRECTOR
OIPR-37002/11/0030/2324 OTDC LTD., BHUBANESWAR

OFFICE OF THE EXECUTIVE ENGINEER, P.H. DIVISION, ANGUL
Ph. (06764) 296431, Email- eephangul@yahoo.in
No.C-3158 **GOVERNMENT OF ODISHA**
Bid Identification No. SE PH Division, Angul - 27 / 2023-24 dt.16.02.2024

1	Name of the work	:	02 (Two) Nos.
2	Type of bid	:	Single bid system
3	Estimated cost	:	Rs.25.19 lakhs & Rs.42.00 lakhs
4	Period of completion	:	03 (Three) months
5	Date & time of availability of bid document in the portal	:	From 11.00 A.M. of 21.02.2024 to 5.00 P.M. of 01.03.2024
6	Last date / time of receipt of bids in the portal	:	5.00 P.M. of 01.03.2024
7	Date & time of opening of technical bids	:	At 11.00 A.M. of 02.03.2024
8	Name & address of the officer inviting bid	:	Superintending Engineer, P.H. Division, Angul
9	The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.		

Sd./- (Er. Prasanta Behera)
Superintending Engineer, P.H. Division, Angul
OIPR-13056/11/0011/2324

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଜ୍ଞାପନ
RR-78
ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ମାସିକ ଆର୍ଥିକ ସହାୟତା ରାଶି ବୃଦ୍ଧି ଏବଂ କଳାକାର ସଂଖ୍ୟା ବୃଦ୍ଧି
ଏତଦ୍ଦ୍ୱାରା କଳାକାର ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇବାକୁ ଚାହେଁ ଯେ, ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଧାର୍ଯ୍ୟଲକ୍ଷ୍ୟ ଓ ମାସିକ ସହାୟତା ରାଶି ବୃଦ୍ଧି କରିଛନ୍ତି। ପୂର୍ବରୁ ସମଗ୍ର ରାଜ୍ୟରେ ୫୦,୦୦୦ ଜଣ କଳାକାର ସହାୟତା ପାଉଥିବା ବେଳେ ବର୍ତ୍ତମାନ ୮୦,୦୦୦ କଳାକାରଙ୍କୁ ଭତ୍ତା ଦେବା ନିମନ୍ତେ ନିଷ୍ପତ୍ତି ହୋଇଛି। ସ୍ୱତରାଂ ନୂଆକରି ୩୦,୦୦୦ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ କରାଯିବ।
ସେହିପରି ମାସିକ ଭତ୍ତା ଟ.୧,୨୦୦/-ଙ୍କାରୁ ବୃଦ୍ଧି କରାଯାଇ ୮୦ (ଅଶୀ) ବର୍ଷ ତଳେ ଥିବା କଳାକାରଙ୍କୁ ମାସିକ ଟ.୨,୦୦୦/-ଙ୍କା ଏବଂ ୮୦(ଅ

କୁଡୁଚି

ଦିନେ ରବିବାରର ପୂର୍ବାହ୍ନ ପୂର୍ବରୁ କବାଟ ଝରକା ଖୋଲି ବସିଥାଏ ମୁଁ। ଅଚାନକ ଦେଖିଲି ବଚନ ଛିଡ଼ା ହୋଇଛି ବାହାରେ ଝରକାକୁ ଲାଗି।

ଅନ୍ୟଦିନଠାରୁ ତା' ମୁହଁର ଭାବ ଦେଖାଯାଉଥାଏ ଭିନ୍ନ। ଆଖି ଦୁଇଟିରେ ତା'ର ଫୁଟିଉଠୁଥାଏ ଛାତି ଭିତରର ଅବ୍ୟକ୍ତ କୋହ। କମ୍ପିତ କଣ୍ଠରେ କହିଲା ସେ– ସାର୍! ଆପଣ କୁଆଡ଼େ ପ୍ରଫେସର ହୋଇ ଚାଲିଯିବେ ୟୁନିଭରସିଟିକୁ? ସେମିତି କରନ୍ତୁ ନାହିଁ ସାର୍। ଅନ୍ୟମାନଙ୍କଠାରୁ ଶୁଣିଲି ବୋଲି ଏକଥା କହୁଛି ନିବେଦନ କରି। ମୁଁ ତାକୁ ଦେଲି ଆଶ୍ୱାସନା। ସେପରି ସମ୍ଭାବନା ନିକଟ ଭବିଷ୍ୟତରେ ନାହିଁ ବୋଲି କହି ସେ ଫେରିଗଲା ଆଶ୍ୱସ୍ତ ହୋଇ। ତା'ର ପ୍ରଥମ ବର୍ଷର ପ୍ରମୋଶନ ପରୀକ୍ଷା ସରିଗଲା। ସେ ତ ହେଉଛି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ମାଟ୍ରିକ୍ ପରୀକ୍ଷାରେ। ଅଥଚ ଏହି ଫାଷ୍ଟ ଇୟର ପରୀକ୍ଷାରେ ସତେ ଯେମିତି କିଏ ତାକୁ ପାହାଡ଼ର ଶିଖର ଦେଶରୁ ଠେଲିଦେଲା ସମ୍ପୂର୍ଣ୍ଣ କ୍ଷତବିକ୍ଷତ କରି ପାଦଦେଶକୁ। ଆସି ଛୋଟ ପିଲା ପରି କାନ୍ଦିଲା ସେ ମୋ' ପାଖରେ। ସବୁଠାରୁ କମ୍ ନମ୍ବର ରହିଛି ତା'ର। କେତୋଟି ବିଷୟରେ ପାସ୍‌ମାର୍କ ମଧ୍ୟ ରଖିପାରି ନାହିଁ ବୋଲି କାରୁଣ୍ୟ ଜର୍ଜରିତ ହୋଇଯାଇଥିଲା ତା'ର ସୁକୁମାର ଅନ୍ତରଟି। ମୁଁ ବି ଆଦୌ ବିଶ୍ୱାସ କରିପାରୁ ନ ଥିଲି ଯେ ଏପରି ଦୟନୀୟ ହେବ ତା'ର ପରୀକ୍ଷାଫଳ। ସେଦିନଠାରୁ ସେ କେବଳ ପଚାରେ ଗୋଟିଏ କଥା– ସାର୍, ମୁଁ ପରୀକ୍ଷାରେ ଭଲ କରିପାରିବି ତ? ମୁଁ କହେ– ନିଶ୍ଚୟ ପାରିବ ବଚନ। କାରଣ ତୁମେ ହେଉଛ ଜଣେ ପ୍ରତିଭାସମ୍ପନ୍ନ ଛାତ୍ର।

ବିତିଗଲା କେତେ ଦିନ। ଆଉ ଦୃଷ୍ଟିରେ ପଡୁ ନ ଥିଲା ବଚନ। ତା' ସମ୍ପର୍କରେ ଜାଣିବା ପାଇଁ ଯେତେବେଳେ ଅନୁସନ୍ଧାନ କଲି, ମୁଁ ବି ଖସିପଡ଼ିଲି ତା' ପରି ପର୍ବତ ଉପରୁ ତୀକ୍ଷ୍ଣ ପଥର ଖଣ୍ଡଗୁଡ଼ିକ ଉପରେ। ରକ୍ତ ଜର୍ଜରିତ ହୋଇଗଲା ଅନ୍ତଃସ୍ଥଳ ମୋର। ବଚନ ନାହିଁ ଆଉ ସ୍ୱାଭାବିକ ଭାବରେ। ତା'ର ମାନସିକ ଭାରସାମ୍ୟ ହେଇଯାଇଛି ନିୟନ୍ତ୍ରଣହୀନ। କେତେଦିନ ପର୍ଯ୍ୟନ୍ତ ରହିଛି ବନ୍ଦ କୋଠରି ମଧ୍ୟରେ। ପୁଣି ତାକୁ ନେଇ ନିୟମିତ ଚିକିତ୍ସାର ବ୍ୟବସ୍ଥା ହୋଇଛି ବୁର୍ଲାରୁ ରାଞ୍ଚି ପର୍ଯ୍ୟନ୍ତ। ଚିକିତ୍ସିତ ହେବାପରେ ଯଦିଓ ସାମାନ୍ୟ ସ୍ୱାଭାବିକ ଅବସ୍ଥାକୁ ଆସିଲା ସେ, ତାହା ନ ଥିଲା ଆଶ୍ୱସ୍ତିକର। ଏହି ସମୟରେ ଘୂରିବୁଲୁଥିଲା ସେ ବରପାଲିର ରାସ୍ତାରେ ରାସ୍ତାରେ ନିଜ ସହିତ ନିଜେ ଆଳାପ କରିକରି। ତା'ର ଦୁଇଟି ଆଖି ଆଉ ମୁଖମଣ୍ଡଳ ଦେଖାଯାଉଥିଲା ରାହୁଗ୍ରସ୍ତ ଚନ୍ଦ୍ରମା ସଦୃଶ। ମୁଁ ତା'ର ମୁହଁକୁ ସିଧାସଳଖ ଚାହିଁବାର ସାହସ ହରାଇଦେଇ ସାରିଥିଲି। କେତେକେତେ ଅତି ଚିହ୍ନା ଓ ପ୍ରିୟ ଲୋକଙ୍କୁ ସେ ଆଉ ଜାଣି ପାରୁ ନ ଥିଲା। ମୋ' ଆଗ ଦେଇ ଯଦି ସେ ଆସୁଥାଏ, ତେବେ ତାକୁ କେମିତି ଅତିକ୍ରମ କରି ଚାଲିଯିବି ମୁଁ, ଏକଥା ଭାବିବା ବେଳକୁ ସେ ପୂର୍ବପରି ଦୌଡ଼ି ଆସୁଥିଲା ମୋ' ପାଖକୁ। ନମସ୍କାର କରି ନିଜର ଭବିଷ୍ୟତ ସମ୍ପର୍କରେ ପଚାରୁଥିଲା ବାରମ୍ବାର। ମୁଁ ନିଜର ସୀମିତ ଶକ୍ତି ଅନୁଯାୟୀ ଆଶାର ବାଣୀ ଶୁଣାଉଥିଲି ତା'କୁ।

ଦିନେ ମୁଁ ଠିକ୍ କଲେଜକୁ ଯିବା ବେଳେ ମୋ' ସହିତ ପାଦକୁ ପାଦ ମିଳାଇ ଚାଲିଲା ସେ। କହିଲା ସାର୍– ଆପଣ ଦିନେ କହୁଥିଲେ ନା ଗଙ୍ଗାଧର ସ୍ମୃତିଭବନ ପରିସରରେ ଆମେ ବୃକ୍ଷରୋପଣ କରିବା ବୋଲି! ହୃଦୟରୁ ଉଦ୍‌ଗତ ଅଶ୍ରୁଧାରାକୁ ଅଟକାଇବା ମୋ' ପାଇଁ ଥିଲା କି କଷ୍ଟକର ତାହା ବର୍ଣ୍ଣନା କରିବା ପାଇଁ ମୁଁ ଆଜି ବି ସମ୍ପୂର୍ଣ୍ଣ ଅକ୍ଷମ। କିପରି ବଚନକୁ କହିଥା'ନ୍ତି ମୁଁ ଯେ ଗଙ୍ଗାଧର ସ୍ମୃତିଭବନ ପରିସର ଏବେ ଘୁଷୁରିଙ୍କ ବିଚରଣ ସ୍ଥଳ ଓ ସର୍ବସାଧାରଣଙ୍କ ପରିସ୍ରାଗାର। ଏଠି ସ୍ୱପ୍ନ ଦେଖିବା ମନା। ଗଛ ଲଗାଇବା ମନା। ଫୁଲ ଫୁଟାଇବା ପାଇଁ କିପରି ଅଘୋଷିତ ନିଷେଧନାମା ଜାରି ହୋଇଛି, ତାକୁ ତାହା ମନୋଜ ଦାସ ତାଙ୍କର କୌଣସି ଏକ ଗଳ୍ପରେ ଉଲ୍ଲେଖ କରିଛନ୍ତି– ''ଜଗତର ଯେତେକ ଭଲକଥା ତାହା କ'ଣ ମାନସିକ ଭାରସାମ୍ୟ ହରାଇଥିବା ବ୍ୟକ୍ତିମାନେ ହିଁ ଅନୁଭବ କରିପାରନ୍ତି!''

ବଚନ ବର୍ତ୍ତମାନ କେମିତି ଅଛି ତାହାର ସନ୍ତୋଷଜନକ ଉତ୍ତର କାହାଠାରୁ ମିଳିପାରୁନାହିଁ। ସୁଦୀର୍ଘ ବାରବର୍ଷ ପୂର୍ଣ୍ଣ ହୋଇଯାଇଛି ମୁଁ ବରପାଲି ଜଙ୍ଗମାଟିକୁ ଛାଡ଼ିଆସିବାର। ଯେପରି ଭାବେ କରୋନା କବଳରୁ ମତେ ରକ୍ଷା ମିଳିଲା ଓ ଏବେ ମଧ୍ୟ ସର୍ବଦା ଅସୁସ୍ଥତା ଲାଗିରହିଛି, ମୁଁ ଆଉ କୌଣସି ସ୍ଥାନକୁ ଯିବାଆସିବା ସମ୍ଭବ ହେଉନାହିଁ। ସେଥିପାଇଁ ଶରୀର ଅନୁମତି ଦେଉନାହିଁ ଆଦୌ। ବଚନ ଯେତେବେଳେ ରାସ୍ତାରେ ମୋ' ସମ୍ମୁଖପଟୁ ଆସୁଥାଏ, ତା'ର ମୁହଁ ଓ ଦୁଇ ଆଖିକୁ ଦେଖିବା ମାତ୍ରକେ ଉପଲବ୍ଧି କରିହୁଏ ଯେ, ଏ ଦୃଶ୍ୟମାନ ଜଗତ ଓ ଚରିତ୍ରଗୁଡ଼ିକ ସହିତ ତା'ର ସମ୍ପର୍କ କେବେଠାରୁ ଛିନ୍ନ ହୋଇସାରିଛି। କାହାକୁ ପ୍ରାୟ ସେ ଚିହ୍ନପାରେନା। କାହାରି ସହିତ କଥାବାର୍ତ୍ତା ନ କରି ସିଧାସଳଖ ଚାଲିଥାଏ। ସବୁ ଅପରିଚିତ ହୋଇଯାଉଥିବା ସତ୍ତ୍ୱେ ସେ ଚାଲୁଥିବା ପ୍ରିୟ ରାସ୍ତାଗୁଡ଼ିକୁ ଭୁଲିନାହିଁ। ଭୁଲିନାହିଁ ମଧ୍ୟ ତାହାର ଏହି ପ୍ରିୟ ମଣୀନ୍ଦ୍ର ସାର୍‌ଙ୍କୁ। ନ ଦେଖିବା ପରି ଅଭିନୟ କରି ମୁଁ ଯେତେଥର ତାକୁ ଅତିକ୍ରମ କରି ଚାଲିଯିବା ପାଇଁ ଚାହିଁଛି, ସେତେଥର ମୋ' ପାଖକୁ କ୍ଷିପ୍ର ପଦପାତରେ ଆସି ସେ ଜଣାଏ ବିନୀତ ଭକ୍ତିପୂର୍ଣ୍ଣ ପ୍ରଣାମ। ଯେଉଁ କେତୋଟି ବାକ୍ୟ ବିନିମୟ କରି ଯେତେ ଶୀଘ୍ର ସମ୍ଭବ ତା'ଠାରୁ ମୁକୁଳି ଆସିବା ବେଳେ ତା'ର ପ୍ରତିଟି ବାକ୍ୟର ଉଚ୍ଚାରଣ ଥିଲା କେତେ ସ୍ପଷ୍ଟ, ସୁବିନ୍ୟସ୍ତ ଓ ଶ୍ରଦ୍ଧାଯୁକ୍ତ, ତାହା ଭାବି ବିସ୍ମିତ ହୋଇଯାଏ ମୁଁ। ମୁଁ ସତରେ କ'ଣ ଏ ଜୀବନରେ ଫେରିପାରିବି ବରପାଲିକୁ? ଦେଖିପାରିବି ବଚନର ବଦନ? ସେ ଯେଉଁଠି ଥାଉ ନା କାହିଁକି ଭଗବାନ ତା'ର ସାହା ଓ ଭରସା ହୋଇ ରହିଥା'ନ୍ତୁ ଏହା ହିଁ ମୋ' ଆତ୍ମାର ପ୍ରାର୍ଥନା।

ଯାହା ବି ହେଉ, ବଚନ ପରି ସମର୍ପିତ ଛାତ୍ର ଯେ ଦୁର୍ଲଭ, ତାହା ମୁଁ ହୃଦୟଙ୍ଗମ କରି ଆସିଛି ସର୍ବଦା। ତା' ବିଷୟ ମନେ ପକାଉଁ ପକାଉଁ କ'ଣ ଯେ ଘଟିଯାଉଛି ଦୁଇ ଆଖିରେ ମୋର, ତାହାକୁ ବୁଝାଇବା ସକାଶେ କ'ଣ ଶବ୍ଦର ପ୍ରୟୋଜନ ନିହାତି ଆବଶ୍ୟକ? ପଢ଼ା ଘରର ଝରକା ପାଖରେ ବସି ରହିଥିଲି ଯେଉଁଦିନ, ତାହା ହିଁ ସୃଷ୍ଟି କରିଛି ସେହି ଅବର୍ଣ୍ଣନୀୟ ଉଭୟ ଚକ୍ଷୁର ଚରମ ଦୁର୍ଦ୍ଦଶା। ପ୍ରାଣତନ୍ତ୍ରୀରେ ପ୍ରତିଧ୍ୱନିତ ହେଉଛି ବଚନ ଉଚ୍ଚାରଣ କରିଯାଇଥିବା ସେ ଦୁଇଟି ବାକ୍ୟ– ''ସାର୍! ଆପଣ ପରା ୟୁନିଭରସିଟିର ପ୍ରଫେସର ହୋଇ ଚାଲିଯିବେ ଏଠାରୁ? ନା, ସାର! ସେମିତି କେବେ କରିବେନି, ଆମକୁ ଛାଡ଼ି ଦେଇ ଚାଲିଯିବେ ନାହିଁ।''

ମୋ: ୯୯୩୭୩୬୫୬୯୮

ଗଳ୍ପ

ମଣୀନ୍ଦ୍ର କୁମାର ମେହେର

ପୁସ୍ତକ ପରିଚୟ

ଶ୍ରେଷ୍ଠ କବିତା



କବି: ହୃଦାନନ୍ଦ ପାଣିଗ୍ରାହୀ
ପ୍ରକାଶକ: ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ–୧୨
ପ୍ରଥମ ପ୍ରକାଶ: ୨୦୨୩,
ମୂଲ୍ୟ: ଟ.୫୪୦/–

କବି ହୃଦାନନ୍ଦ ପାଣିଗ୍ରାହୀଙ୍କ 'ଶ୍ରେଷ୍ଠ କବିତା' ସଂକଳନର ପ୍ରାରମ୍ଭରେ ଥିବା ଗଦ୍ୟଲେଖରେ ସଂକଳକ ଡ. ଦିଲୀପ କୁମାର ସ୍ୱାଇଁ ଲେଖିଛନ୍ତି: ''କବିଙ୍କ ପାଠକ ଓଡ଼ିଶାସାରା। କବିଙ୍କ କବିତାର ଚିତ୍ର, ଚରିତ୍ର ଓ କଥା ଓଡ଼ିଶାର ସବୁ ଗାଆଁରେ ଉପଲବ୍ଧ। କେବେକେବେ ବାଲେଶ୍ୱର ଭାୟା ଭଦ୍ରକ ଗଲାବେଳେ ଦୃଶ୍ୟମାନ ହୁଏ– ସାଳନ୍ଦୀ ନଈ– ମନେପଡ଼େ ହୃଦାନନ୍ଦଙ୍କ କବିତା। କେଉଁଠି ଥାଆନ୍ତି ହୃଦାନନ୍ଦ? ଧାନକ୍ଷେତରେ ନା କବିତା ଖାତାରେ। ଜହ୍ନରାତିରେ ନା ଝରା ବଉଳର ବାସ୍ନାରେ।'' ସଂକଳନରେ ହୃଦାନନ୍ଦଙ୍କ ପ୍ରକାଶିତ ୧୫ଟି କାବ୍ୟଗ୍ରନ୍ଥର ଚୟିତ କବିତା ସାମିଲ ହୋଇଛି। ସେସବୁ ବହି ହେଲା– 'ଅନନ୍ତ ପ୍ରେମର ଗୀତ', 'ଲୁହର ଟୋପାଏ ଜହ୍ନ', 'ନଷ୍ଟପାଦ', 'ଆରତ ନଳିନୀବନ', 'ଝରିପଡୁଥିବା ଶୂନ୍ୟତା', 'ଗୋଟାପଣେ ଦୁଃଖରେ', 'ଶକୁନ୍ତଳା', 'ଆଗପାହୁଣ୍ଡ', 'ମାଟି କଥା', 'ପାଣି ଫୋଟକା', 'ଦୀଘି', 'ଅନ୍ଧାର ଧୂଳି', 'ମେଘଆଣ୍ଠି', 'ଛାଇର ପାଦ' ଓ 'ଗାଆଁର ପଣତକାନି'। ହୃଦାନନ୍ଦଙ୍କ ଓଡ଼ିଆ କବିତାରେ ପ୍ରବେଶ ଯଦିଓ ୧୯୭୬–୭୭ରୁ, କିନ୍ତୁ ତାଙ୍କର ପ୍ରଥମ କବିତା ବହି ପ୍ରକାଶପାଏ ୧୯୯୦ରେ। ତାଙ୍କ କବିତାରେ ଗାଁ ମାଟିର ମଣିଷ ଓ ସୁଖଦୁଃଖ ଖୁବ୍ ଏକ ମୌଳିକ ରୂପ, ରଙ୍ଗ ଓ ଛନ୍ଦ ଘେନି ରୂପାୟିତ ହୋଇଥିବାରୁ ତାଙ୍କ କବିତାର ସ୍ୱତନ୍ତ୍ର ଏକ ପାଠକୀୟ ସ୍ୱୀକୃତି ରହିଛି। ଦିଲୀପଙ୍କ ସମ୍ପାଦିତ 'ଶ୍ରେଷ୍ଠ କବିତା' ପାଠକଙ୍କ ଦ୍ୱାରା ଏକ ସମଗ୍ରତା ନେଇ ଆଦୃତ ହେବ ବୋଲି ଆଶା।

ନାଗଫେଣୀର ଛାଇ



ଲେଖିକା: ଅଳକାନନ୍ଦା ତ୍ରିପାଠୀ
ପ୍ରକାଶକ: ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୨,
ମୂଲ୍ୟ: ଟ.୧୯୫/–

ଇନର୍ ଓ ଅଭିମତ–୮ ପୃଷ୍ଠାକୁ ବାଦ୍ ଦେଲେ ଉପନ୍ୟାସଟିର କଳେବର ୧୧୨ ପୃଷ୍ଠା, ସ୍ଥିର ଚିତ୍ତରେ ପଢ଼ିବସିଲେ ଗୋଟିଏ ଦଫାରେ ବହିଟିକୁ ପଢ଼ି ଶେଷ କରିଦେଇ ହେବ। ଅଭିମତ ରଖି ଶାନ୍ତନୁ କୁମାର ଆଚାର୍ଯ୍ୟ କହନ୍ତି: ''ନାଗଫେଣୀର ଛାଇ'ର ପାଣ୍ଡୁଲିପି ପଢ଼ିଲି। ଏହା ଗୋଟିଏ ଛୋଟ ଉପନ୍ୟାସ; କିନ୍ତୁ ହଜାରେ ପୃଷ୍ଠାର ବଡ଼ ଉପନ୍ୟାସର ଜଟିଳତାର ଗନ୍ତାଘର ପରି ଏକ ବିରାଟ ମାନବିକ ସମସ୍ୟାର ସିନ୍ଧୁକଟିଏ ଆସି ଆଗରେ ଥୁଆ ହେଲା ସତେ କି! ଯିଏ ଖୋଲିବ ଏ ସିନ୍ଧୁକ ସେ ଜାଣ ପଶିଲା ତା' ବିଶାଳ ଉଦରରେ। ଆଉ ବାଟ ମିଳିବ ନାହିଁ ସହଜରେ ପଦାକୁ ବାହାରିବାର।'' କିନ୍ତୁ ବାଟଟିଏ ରହିଛି ଉପନ୍ୟାସରେ, ଉପନ୍ୟାସର ବ୍ୟାସକୂଟ ଭିତରୁ ବାହାରିବାକୁ। ସେ ବାଟଟି ହେଲା ଏକ ପରିଚ୍ଛନ୍ନ ପରିଣତି, ଯାହା ବିବାହ–ଅତିରିକ୍ତ ପ୍ରେମ ପାଇଁ ପଶ୍ଚାତ୍ତାପ। ହିମାଳୟର 'ଦ୍ରୋଣଗିରି' ଓ 'ବୃନ୍ଦାବନ' ଭାରତୀୟ ସଂସ୍କୃତିରେ କାଳକାଳକୁ ବିଦ୍ୟମାନ ଆଶ୍ରୟ–ପ୍ରଦ୍ରାରେ, ଜୀବନର ନାନା ଦ୍ୱନ୍ଦ୍ୱରେ ଧନ୍ଦି ହେଉଥିବା ମଣିଷକୁ କୋଳେଇ ନେବାକୁ। ଅଗତିରେ ଗତିକରିବା ଜୀବନର ବହୁ ସ୍ୱାଭାବିକତା ଭିତରୁ ଗୋଟିଏ। ତା'ର ପରିଣତି କଦାପି ମୃତ୍ୟୁମୁଖୀ ନୁହେଁ, ଅନୁଭବରୁ ଅସୀମ ଶକ୍ତି ସଞ୍ଚୟ କରି ପୁଣି ଜୀବନକୁ ଫେରିଆସିବା। ଯାହା ହେଇଗଲା ଗଲା–ପୁଣି ଆରମ୍ଭିବା ନୂଆ ଜୀବନ; ଏହା ହିଁ ଉପନ୍ୟାସର ଅସଲ କଥା। ଏହି କାରଣରୁ 'ନାଗଫେଣୀର ଛାଇ'ରେ ରହିଛି ଏକ ସକାରାତ୍ମକ ଅଭିନବ ସ୍ୱର। ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଏହାର ପ୍ରଚ୍ଛଦଲେଖ ଲେଖିଛନ୍ତି। ଉପନ୍ୟାସଟିରେ ଅଳକାନନ୍ଦାଙ୍କ ଲେଖକୀୟ ଭବିଷ୍ୟତ ଯେ ଉଜ୍ଜ୍ୱଳ, ଏହା ଜଳଜଳ ଦିଶିଯାଏ।

କବିତା

ଲୁହର ଦୀପାଳି

ଲକ୍ଷ୍ମୀପ୍ରିୟା ପୃଷ୍ଟି

ଲୁହରେ ଦୀପାଳି ଜାଳୁ ଜାଳୁ ମୋର
ସରିଯାଏ ଦିନରାତି
ଦେଉଳେ ଜାଳିବି କେମିତି ଦୀପାଳି
ସାଜିବାକୁ ଭାଗ୍ୟବତୀ।

ସପନ ତ ମୋର ଆଷାଢ଼ ଅସରା
ନିତି ଭିଜାଉଛି ମନ
ସୁଖର ଦୀପଟେ ଜାଳିବି କେମିତି
ଦଗ୍ଧ ମନ ଫୁଲବନ।

ଦିବସ ଯୌବନ ଛୁଉଁନାହିଁ ମନ
ଯାତନା ଦେଉଛି ରାତି
ଦେଉଳେ ଜାଳିବି କେମିତି ଦୀପାଳି
ସାଜିବାକୁ ଭାଗ୍ୟବତୀ।

ସଜ କୁସୁମର ତନୁରେ ମୋହର
ଝାଞ୍ଜି ବୈଶାଖର ତାତି
କେମିତି ଗାଇବି ପ୍ରୀତି ମହ୍ଲାର ମୁଁ
ସାଜିବାକୁ ମଧୁମତୀ।

ପୂର୍ଣ୍ଣମୀ ଚାନ୍ଦ ମୁଁ ମୋଘର ଉହା
ସାରା ରାତି ଗଲା ବିତି
ଲୁହରେ ଦୀପାଳି ଜାଳୁ ଜାଳୁ ମୋର
ସରିଯାଏ ଦିନରାତି।

ମୋ: ୭୩୭୭୩୧୮୭୮୯

ଏକପଦୀ

ବିଷ୍ଣୁ ମୋହନ

॥ ୧ ॥
ଅନ୍ଧାର ରାତି ଯେବେ ଉଠେ ମାତି
ଧୀର ପଦପାତ କା'ର
ସପନର ପରୀ ଆସୁଛିକି କରି
ପ୍ରତିଭରା ଅଭିସାର।

॥ ୨ ॥
ରୂପ ବର୍ଣ୍ଣ ବିଭା ଅପରୂପ ଶୋଭା
ମଦିରାକ୍ତ କରେ ପ୍ରାଣ
କଳାମେଘ ଘେରା ଆକାଶ ଭିତରୁ
ଉଇଁ ଆସୁଛି କି ଜହ୍ନ।

॥ ୩ ॥
ମନରେ ମୋହର କେତେ କାମନାର
ତୁମ ପାଇଁ ଅବସୋସ
ଯାଅ ଗୋ' ବରଷି ଦୂର କରିଦେଇ
ପିଆସୀ ମାଟିର ଶୋଷ।

॥ ୪ ॥
ତୁମେ ଶତରୂପା ଅଲେଖା କବିତା
ହୃଦୟ–ବହିରେ ମୋର
ସେ କବିତା ସୁର ଅତୀବ ମଧୁର
କରେ ପରାଣ ଅଧୀର।

॥ ୫ ॥
ଆସିଗଲେ ଥରେ ଦୂର ହୋଇଯା'ନ୍ତା
କାମନା ମୋ' ଜୀବନର
ପୂରଣ କରନ୍ତି ଦେଇ ମୁଁ ତୁମକୁ
ପୀରତିର ଇସ୍ତାହାର।

ମୋ: ୭୨୦୫୭୫୮୨୫୫

କବିତା

ପରିବର୍ତ୍ତନ

ରାକେଶ ପଣ୍ଡା

ପ୍ରତିଟି ମୁହୂର୍ତ୍ତେ ଜୀବନର
ମୁଁ ଖୋଜିବୁଲେ ଦ୍ରବ୍ୟ, ସେବା ନୂତନ,
ହେଲେ ଜାବୁଡ଼ି ଧରିଥାଏ
ନୀତି, ରୀତି, ଚଳଣି ପୁରାତନ
ମୁଁ ସହରୀ, ଆଧୁନିକ
ଶାରୀରିକ ସ୍ତରରେ,
ହେଲେ ହୋଇ ନାହିଁ ପରିବର୍ତ୍ତନ।

ମୋ' ଗାଉଁଲି ମାନସିକତାରେ
ନା' ହୋଇପାରେ ପୂର୍ବର
ନା' ହୋଇପାରେ ପଶ୍ଚିମା
ଅଧା ବାଟେ ଅଟକେ ଭାବନା,
ସମ୍ପୂର୍ଣ୍ଣତାର ଅନ୍ୱେଷଣେ
ଅସମ୍ପୂର୍ଣ୍ଣ ଆଶା, ଅଭିଳାଷ, କାମନା।

ପରିବର୍ତ୍ତିତ ଏକ ପରିବେଶ ଭୌତିକତାରେ
ଆବଶ୍ୟକ ପରିବର୍ତ୍ତନ ମୋ' ମନସ୍ତତ୍ତ୍ୱରେ
ସଫଳତା ପ୍ରାପ୍ତି ହେବ ଜୀବନର
ଚାଲି ତାଳେ ତାଳେ ସମୟର।

ମୋ: ୯୩୩୭୮୯୭୬୫୦

କଲମ୍ବସ୍‌ର ଜାହାଜ

ମୂଳ ହିନ୍ଦୀ – କୁଅଁର ନାରାୟଣ
ଅନୁବାଦ – ପଞ୍ଚାନନ ଅଗ୍ରୱାଲ

ବାରମ୍ବାର ଲେଉଟି ଆସୁଛି
କଲମ୍ବସର ଜାହାଜ
ଖୋଜି ସାରି ନୂଆ ଦୁନିଆ
ନୂଆ ନୂଆ ମାଲ ବୋଝେଇ

ପବନରେ ଝୁଲୁଛି ମାସ୍ତୁଲ
ହଲି ଯାଉଛି ତାଳପତ୍ର
ବଜାରରେ ଦୂରରୁ ହିଁ ଚମକି ଉଠୁଛି
ହୋଇପାରେ ସୁନା ହୀରା ନୀଳା
ହୋଇପାରେ କାଚ ବା କାଞ୍ଚନ
ଜରୁରୀ ଅଛି ଏହାର ଯାଞ୍ଚ

ସାବଧାନ ହେବା ଜରୁରୀ ପୃଥ୍ୱୀ ଉପରେ
ଏବେ ଏବେ ଲେଉଟି ଆସିଛି
ଅନ୍ତରୀକ୍ଷ ଯାନ, ଖୋଜି ସାରି
ନୂଆ ଦୁନିଆ ଯେଉଁଠି ନାହିଁ ମାଟି
ନାହିଁ ପାଣି ନାହିଁ ପବନ ନାହିଁ ଜଳ।

ମୋ: ୯୭୭୭୭୪୪୦୭୧

ଗୀତି–କବିତା

ସପନ ଯାଇଛି ସରି

ମଞ୍ଜୁଲତା ସିଂହ

ଓଠ ଧାରୁ ହସ ଲିଭି ତ ଯାଇଛି
ସପନ ଯାଇଛି ସରି
ଅଦିନ ଝଡ଼ରେ ପୁଷ୍ପିତ ମନ
ଉପବନ ଗଲା ଝରି।
ନିଦ୍ରାବିହୀନ ରାତିର ଅନ୍ଧାରେ
ଜୀବନ ନଈର କୂଳେ
ଆଖିର ଲୁହରେ ସୁର ମୁଁ ତୋଳିଛି
ଛିନ୍ନ ବୀଣାର ତାରେ
ଉଦାସୀ ସଞ୍ଜରେ କାହିଁକି ଯେ ଏତେ
କାହା ସ୍ମୃତି ଉଠେ ଝଲି
ସପନ ଯାଇଛି ସରି।
ଶୁଣିଛି ଖାଲି ମୁଁ ଝରାପତ୍ରର
ମର୍ମର ଦୀର୍ଘଶ୍ୱାସ
ହସ ବୋଲି ଭାବି ଲୁହ ଯା' ପିଇଛି
ବିଷକୁ ଭାବି ପୀଯୂଷ
ବେଦନା ବିଧୂର ଏ ଛାତିରୁ କେତେ
ବିଳାପ ଯାଇଛି ଝରି
ସପନ ଯାଇଛି ସରି।
ଦରପୋଡ଼ା ଏଇ ପାଉଁଶ ଆଡ଼େଇ
ସାଉଁଟିଛି କେତେ ସ୍ମୃତି
ଶୂନ୍ୟ ହୃଦୟେ କାଟିଛି କେତେ ମୁଁ
ଅମା ଅନ୍ଧାର ରାତି
ଜାଣି ତ ପାରେନା ଜିତୁ ଜିତୁ ପୁଣି
କାହିଁକି ଗଲି ମୁଁ ହାରି
ସପନ ଯାଇଛି ସରି।

ମୋ: ୮୮୪୭୮୫୨୯୧୭

କାଳକାଳକୁ

''ଗତି ହିଁ ଜୀବନ;
ଭାରି ଭଲ ସେଇ ସାମର୍ଥ୍ୟ ଅର୍ଜନ,
ଯାହା ନିରନ୍ତର ପରିବର୍ତ୍ତନ ଦ୍ୱାରା
ଅତୀତକୁ ଭୁଲାଇଦିଏ ଓ
ବର୍ତ୍ତମାନକୁ ଶେଷ କରିଦିଏ।''
– ଜୁଲ୍‌ସ ଭର୍ନ

ଜୁଲ୍‌ସ ଗାବ୍ରିଏଲ୍ ଭର୍ନଙ୍କ ଜନ୍ମ ୮ ଫେବୃଆରୀ ୧୮୨୮ରେ ଫ୍ରାନ୍ସର ନାଣ୍ଟେସ୍‌ରେ ଓ ପରଲୋକ ୨୪ ମାର୍ଚ୍ଚ ୧୯୦୫ରେ ଫ୍ରାନ୍ସର ଆମିଏନ୍‌ସରେ। ଏକାଧାରରେ ଔପନ୍ୟାସିକ, କବି ଓ ନାଟ୍ୟକାର ଏହି ଫରାସୀ ଲେଖକ କଳ୍ପ–ବିଜ୍ଞାନ, ଶିଶୁ–ସାହିତ୍ୟ, ଆତ୍ମଜୀବନୀ ଓ ଅଣ–କାଳ୍ପନିକ ପୁସ୍ତକର ମଧ୍ୟ ସଫଳ ସ୍ରଷ୍ଟା। ଭର୍ନଙ୍କର ବହୁ ପ୍ରସିଦ୍ଧ ରଚନାଗୁଡ଼ିକ ମଧ୍ୟରେ 'ଜର୍ନି ଟୁ ଦ ସେଣ୍ଟର ଅଫ୍ ଦ ଆର୍ଥ', 'ଟ୍ୱେଣ୍ଟି ଥାଉଜେଣ୍ଡ୍ ଲିଗ୍ସ ଅଣ୍ଡର ଦ ସିଜ୍' ଓ 'ଆରାଉଣ୍ଡ ଦ ୱାର୍ଲଡ ଇନ୍ ଏଇଟି ଡେଜ୍' ଅନ୍ତର୍ଭୁକ୍ତ। ଫରାସୀ ଅଭିଯାନୀ ଉପନ୍ୟାସ ରଚନା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିଲେ ଏଇ ଲେଖକ।

ପ୍ରେମିକାର ନାଁ ପଦ୍ମା

ତେଜସ୍ୱିନୀ ପଣ୍ଡା

ପ୍ରେମ କରିବାର କିଛି ଋତୁ ନ ଥାଏ, ସେ ବୈଶାଖ ହେଉ କି ଆଷାଢ଼। ବୈଶାଖର ଉଷ୍ମତା ଦୁଇଟି ସ୍ପନ୍ଦନର ଦୀପକୁ ତେଜିଦିଏ ତ ଆଷାଢ଼ର ବର୍ଷାବିନ୍ଦୁ ଦୁଇଟି ଶରୀରକୁ ଭିଜେଇଦିଏ। ପ୍ରକୃତିର ବର୍ଣ୍ଣାଢ୍ୟ ଉତ୍ସବରେ ଆହୁରି ପ୍ରେମସିକ୍ତ, ବାସ୍ନାୟିତ ହୁଏ ଧରଣୀ ରାଣୀ।

ସମରେଶ ଓ ଶାଶ୍ୱତୀଙ୍କ ପ୍ରେମ କାହାଣୀ ଆରମ୍ଭ ହୁଏ ଆଷାଢ଼ରେ। ସମରେଶ ସହରରେ ରହି ପାଠ ପଢ଼େ। ପଦାର୍ଥ ବିଜ୍ଞାନର ଛାତ୍ର। ଦେଖିବାକୁ ବି ଖୁବ୍ ସୁନ୍ଦର, ଭାରି ରସିକିଆ। ସାତଖଣ୍ଡ ଗାଁ ବୁଲିଆସିଲେ ବି ତା' ଉଚ୍ଚତାକୁ କେହି ସରି ନୁହେଁ। ଏବେ ଏବେ କୋଡ଼ିଏ ଛୁଇଁଛି, ସରୁ ନାକ ତଳେ ନିଶ ଧୀରେ ଧୀରେ କଅଁଳୁଛି, ଧଳାବର୍ଣ୍ଣର ଲମ୍ବାମୁହଁ, କଥାକୁହା ଆଖି ଦୁ

ରୁଟ୍‌ଙ୍କ ଶତକ: ଇଂଲଣ୍ଡ ୩୦୨/୭

ଚତୁର୍ଥ ଟେଷ୍ଟ

ଆକାଶ ଦୀପ୍‌ଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ

ରାଞ୍ଚି, ୨୩।୨

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଚତୁର୍ଥ କ୍ରିକେଟ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ଜୋ ରୁଟ୍‌ଙ୍କ ଅପରାଜିତ ଶତକ ସହାୟତାରେ ଇଂଲଣ୍ଡ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୭ ଉଇକେଟ ହରାଇ ୩୦୨ ରନ ସଂଗ୍ରହ କରିଛି। ଏହି ମ୍ୟାଚରେ ଭାରତ ଦ୍ରୁତ ବୋଲର ଆକାଶ ଦୀପ ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି।

ଧୈର୍ଯ୍ୟ ଦେଖାଇଲେ ରୁଟ୍

ପ୍ରଥମ ୩ଟି ଟେଷ୍ଟରେ ଇଂଲଣ୍ଡ ଷ୍ଟାଇଲ ବାଜବଲ କ୍ରିକେଟ ଖେଳି ନିର୍ଭରଯୋଗ୍ୟ ବ୍ୟାଟର ଜୋ ରୁଟ୍ ସଫଳ ହୋଇ ନ ଥିଲେ। ମାତ୍ର ଏଠରେ ନିଜର ସ୍ୱାଭାବିକ ଗେମ୍ ଖେଳି ଧୈର୍ଯ୍ୟପୂର୍ଣ୍ଣ ଶତକ ହାସଲ କରିଛନ୍ତି ରୁଟ୍। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଦ୍ରୁତ ଆରମ୍ଭ କରିଥିଲା। ମାତ୍ର ଦଳ ୫୭ ରନ ମଧ୍ୟରେ ୩ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଓପନର ଜ୍ୟାକ କ୍ରଲି ୪୨ ବଲ୍‌ରୁ ୪୨ ରନ କରିଥିବାବେଳେ ବେନ୍ ଡକେଟ ୧୧ ଓ ଓଲି ପୋପ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ରୁଟ୍ ଓ ବେୟାରଷ୍ଟୋ ଇନିଂସ ସମ୍ଭାଳିଥିଲେ। ମାତ୍ର ବେୟାରଷ୍ଟୋ ମଧ୍ୟ ଆକ୍ରମଣାତ୍ମକ ରଣନୀତିରେ ୩୫ ବଲ୍‌ରୁ ୩୮ ଏବଂ ଅଧିନାୟକ ବେନ୍ ଷ୍ଟୋକ୍ସ ୩ ରନ କରି ଆଉଟ ହେବାରୁ ୨୪.୧ ଓଭର ବେଳକୁ ଇଂଲଣ୍ଡ ସ୍କୋର ୧୧୨/୫ ହୋଇଯାଇଥିଲା। ରୁଟ୍‌ଙ୍କ ସହ ଯୋଗଦେଇ ବେନ୍ ଫୋକ୍ସ ରକ୍ଷଣାତ୍ମକ ବ୍ୟାଟିଂ କରିବାରୁ ୬ଷ୍ଠ ଉଇକେଟରେ ଶତକୀୟ ଭାଗୀଦାରି ସମ୍ଭବ ହୋଇଥିଲା। ଦୁହେଁ ୨୬୧ ବଲ୍‌ରୁ ୧୧୩ ରନ ସଂଗ୍ରହ କରିଥିଲେ। ଫୋକ୍ସ ୧୨୬ ବଲ୍‌ରୁ ୪୬ ରନକରି ମହମ୍ମଦ ସିରାଜଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଟମ୍ ହାର୍ଟଲେ ମାତ୍ର ୧୩ ରନ କରିବାକୁ ସକ୍ଷମ ହୋଇଥିଲେ। ୨୧୯ ବଲ୍‌ରୁ ଶତକ ପୂରଣ କରିଥିବା ରୁଟ୍ ୧୦୬ (୨୨୬ ବଲ, ୯ ଚୌକା) ରନରେ ଅପରାଜିତ ରହି ଅସମାପ୍ତ ୭ମ ଉଇକେଟରେ ଓଲି ରବିନସନ (୩୧ରନ)ଙ୍କ ସହ ୫୭ ରନର ଭାଗୀଦାରି ଗଢ଼ି ଇଂଲଣ୍ଡକୁ ସମ୍ମାନଜନକ ସ୍କୋର ଆଡ଼କୁ ନେଇଛନ୍ତି।

ଆରମ୍ଭରୁ ପ୍ରଭାବୀ

କ୍ୟାରିୟରରେ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ସାରିଥିବା ୨୭ ବର୍ଷୀୟ ଆକାଶ ଦୀପ୍ ଟେଷ୍ଟ ଡେବ୍ୟୁରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମ୍ୟାଚ ଆରମ୍ଭ ପୂର୍ବରୁ କୋଚ୍ ରାହୁଲ ଦ୍ରାଭିଡ ତାଙ୍କୁ ଟିମ୍ ଇଣ୍ଡିଆ କ୍ୟାପ ପ୍ରଦାନ କରିଥିଲେ। ଭାରତର ୩୧୩ତମ ଖେଳାଳିଭାବେ ସେ ଟେଷ୍ଟ କ୍ୟାପ୍ ପାଇଥିଲେ। ପ୍ରଥମ ଦିବସରେ ଆକାଶ ୧୭ ଓଭର ବୋଲିଂ ସୁଯୋଗ ପାଇଥିବାବେଳେ ୭୦ ରନ ବିନିମୟରେ ୩ଟି ଉଇକେଟ ନେଇଛନ୍ତି। ସେ ଡକେଟ ତାଙ୍କର ପ୍ରଥମ ଟେଷ୍ଟ ଉଇକେଟ ହୋଇଥିବାବେଳେ ପରେ ସେ ପୋପ୍ ଓ କ୍ରଲିଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ମହମ୍ମଦ ସିରାଜ ୨ଟି ଉଇକେଟ ନେଇଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୩୦୨/୭ (ଜୋ ରୁଟ୍-୧୦୬*, ବେନ୍ ଫୋକ୍ସ-୪୬, ଜ୍ୟାକ କ୍ରଲି-୪୨, ଆକାଶ ଦୀପ୍-୩/୭୦, ମହମ୍ମଦ ସିରାଜ-୨/୬୦, ରବିଚନ୍ଦ୍ରନ ଅଶ୍ୱିନ-୧/୮୩, ରବୀନ୍ଦ୍ର ଜାଡେଜା-୧/୫୫)।

ଶଟ୍ ଖେଳିବା ଅବସରରେ ଜୋ ରୁଟ୍।

କ୍ୟାରିୟରର ପ୍ରଥମ ଟେଷ୍ଟ ମ୍ୟାଚରେ ଉଇକେଟ ନେବାପରେ ଉଲ୍ଲସିତ ଭାରତୀୟ ଦ୍ରୁତ ବୋଲର ଆକାଶ ଦୀପ୍।

ଓମେନ୍ସ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସମାରୋହରେ ଶୁକ୍ରବାର ଅଭିନେତା ଶାହରୁଖ ଖାନ୍‌ଙ୍କ ସହ ଅଂଶଗ୍ରହଣକାରୀ ୫ ଦଳର ଅଧିନାୟିକା।

ଆଲିସ୍ କାପ୍‌ସେଙ୍କ ଦ୍ରୁତ ଅର୍ଦ୍ଧଶତକ

ବେଙ୍ଗାଲୁରୁ, ୨୩।୨

ସ୍ଥାନୀୟ ଏମ୍‌ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶୁକ୍ରବାର ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଆରମ୍ଭ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ଆଲିସ୍ କାପ୍‌ସେ। ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କ୍ୟାପିଟାଲ୍ସ ମାତ୍ର ୩ ରନରେ ଓପନର ଶେଫାଳି ବର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ଅଧିନାୟିକା ମେଗ୍ ଲାନିଂ ଓ କାପ୍‌ସେ ଦ୍ୱିତୀୟ ଉଇକେଟରେ ୬୪ ରନର ଭାଗୀଦାରିଗଢ଼ିଇନିଂସ ସମ୍ଭାଳିଥିଲେ। ଲାନିଂ ୨୫ ବଲ୍‌ରୁ ୩୧ ରନକରି ଆଉଟ ହୋଇଯାଇଥିବାବେଳେ କାପ୍‌ସେ ତୃତୀୟ ଉଇକେଟରେ ଜେମିମା ରୋଡ୍ରିଗ୍ସେଜଙ୍କ ସହ ୭୪ (୪୦ ବଲ୍) ରନର ପାର୍ଟନରଶିପ୍ କରି ଦିଲ୍ଲୀକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। କାପ୍‌ସେ ଦଳ ପକ୍ଷରୁ ସର୍ବାଧିକ ୭୫ (୫୩ ବଲ, ୮ ଚୌକା, ୩ ଛକା) ଓ ରୋଡ୍ରିଗ୍ସେଜ (ୟୁଏଇ)ରୁ ଆସି ପହଞ୍ଚିବା ପରେ ଭିଜା ସମସ୍ୟାରେ ପଡ଼ିଥିଲେ।

ସ୍ୱଦେଶ ଫେରିଗଲେ ଇଂଲଣ୍ଡ ସ୍ପିନର ରେହାନ ଅହମଦ

ରାଞ୍ଚି, ୨୩।୨ (ପି.ଟି.)

ଇଂଲଣ୍ଡ ଯୁବ ସ୍ପିନର ରେହାନ ଅହମଦ ବ୍ୟକ୍ତିଗତ କାରଣରୁ ଘରବାହୁଡ଼ା କରିଛନ୍ତି। ସେ ଭାରତ ବିପକ୍ଷ ଚଳିତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ଅବଶିଷ୍ଟାଂଶ ଖେଳିବେ ନାହିଁ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଶୁକ୍ରବାର ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏହି ୧୯ ବର୍ଷୀୟ କ୍ରିକେଟର ସିରିଜର ପ୍ରଥମ ୩ ଟେଷ୍ଟରେ ୪୪ ଆଭରେଜରେ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ତନ୍ମଧ୍ୟରେ ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ୬ ଉଇକେଟ ସଫଳତା ଅନ୍ୟତମ। ସେ ଜରୁରୀ ପାରିବାରିକ କାରଣରୁ ସ୍ୱଦେଶ ଫେରିଥିବା କୁହାଯାଉଛି। ଟୁର୍‌ର ଅବଶିଷ୍ଟାଂଶ ପାଇଁ ଅହମଦଙ୍କ ସ୍ଥାନରେ ଇଂଲଣ୍ଡ ନୂଆ ଖେଳାଳି ସାମିଲ କରିବ ନାହିଁ। ଇଂଲଣ୍ଡ ଶୁକ୍ରବାର ଚତୁର୍ଥ ଟେଷ୍ଟ ପାଇଁ ଅହମଦଙ୍କ ସ୍ଥାନରେ ଶୋଏବ ବଶିରଙ୍କୁ ସାମିଲ କରିଛି। ୫ ମ୍ୟାଚ ବିଶିଷ୍ଟ ସିରିଜର ଆଉ ଗୋଟିଏ ମ୍ୟାଚ ବାକି ରହିଛି। ଇଂଲଣ୍ଡ ଦଳରେ ଆଉ ଜଣେ ସ୍ପିନର ଅଛନ୍ତି। ସେ ହେଲେ ହାମହାତୀ ଟ୍ୱିକର ଟମ୍ ହାର୍ଟଲୀ। ଟୁର୍‌ରେ ସେ ସବୁଠାରୁ ଅଧିକ ୧୬ ଉଇକେଟ ନେଇଛନ୍ତି। ଚଳିତମାସ ପ୍ରାରମ୍ଭରେ ଏହି ପାକିସ୍ତାନୀ ବଂଶୋଦ୍ଭବ ତୃତୀୟ ଟେଷ୍ଟ ଖେଳିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ଯୋଗୁ ନ୍ୟୁଜିଲାଣ୍ଡ ଦଳକୁ ସ୍ୱଳ୍প ସ୍କୋରରେ ସୀମିତ କରି ଦେଇଥିଲୁ।

ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ଇନିଂସ: ୧୯.୫ ଓଭରରେ ୧୭୪/ଅଲଆଉଟ (ଟ୍ରାଭିସ ହେଡ୍-୪୫, ପ୍ୟାଟ କୁମିନ୍ସ-୨୮, ମିଚେଲ ମାର୍ଶ-୨୬; ଲୋକି ଫର୍ଗୁସନ-୪/୧୨, ବେନ୍ ସିଅର୍ସ-୨/୨୯, ମିଚେଲ ସାଣ୍ଟନର-୨/୩୫, ଆଡାମ ମିଲ୍ନେ-୨/୪୦)। ନ୍ୟୁଜିଲାଣ୍ଡ ଇନିଂସ: ୧୭ ଓଭରରେ ୧୦୨/ଅଲଆଉଟ (ଗ୍ଲେନ ଫିଲିପ୍ସ-୪୨, ଟ୍ରେଣ୍ଟ ବୋଲ୍ଟ-୧୬; ଆଡାମ ଜାମ୍ପା ୪/୩୪, ନାଥାନ ଏଲିସ-୨/୧୬)।

ବାପୁଜୀ, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର, ୨୩।୨

(ତପନ ସ୍ୱାଇଁ)

ମୁନ୍ ଲାଇଟ୍ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୭ମ ନବ ଦାସ ଓ ୩ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଓ ୪ର୍ଥ ଲିଗ୍ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବାପୁଜୀ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚରେ ବାପୁଜୀ କ୍ଲବ ୭୦ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବାପୁଜୀ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୨୫୬ ରନ କରିଥିଲା। ଦଳ ପକ୍ଷରୁ କ୍ଷମାସାଗର ବଳ ସର୍ବାଧିକ ୯୬ ଓ ସିଦ୍ଧାନ୍ତ କୁମାର ଜେନା ୭୩ ରନ କରିଥିଲେ। ବିପକ୍ଷ ଦଳର ବୋଲର ବିଶାଲ କର ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୨୫୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଟାଉନ୍ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଶାଲ କର ୪୩ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ସୟଦ ଜାକି ଓ ମନୋଜ କୁମାର ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ।

ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ

ଏମ.ଜି. ଗୋପାଳ ଓ କ୍ଷମାସାଗର ବଳଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଗୋପାଳ ୩୦ ରନ କରିଥିଲେ। ପ୍ରତିପକ୍ଷ ଦଳର ମିଳନ ସାମଲ ୪ଟି ଓ ସୁମିତ ମହାରଣା ୨ଟି ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୯.୧ ଓଭରରେ ୧୨୮ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲିକ ସର୍ବାଧିକ ୩୬ ଓ ଏମ.ଜି. କୈଳାସ ପାତ୍ର ଅତିଥିଭାବେ ଯୋଗଦେଇ କ୍ଷମାସାଗରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୧୮ ରନରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଛି। ରାମେଶ୍ୱର ୨୦ ଓଭରରେ ୧୪୬ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲିକ ସର୍ବାଧିକ ୩୬ ଓ ଏମ.ଜି. ଗୋପାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଇଥିଲେ।

ଅଭୟ ସିଂ ସେମିରେ

ନୂଆଦିଲ୍ଲୀ, ୨୩।୨ (ପି.ଟି.): ଏସିଆନ ଗେମ୍ସ ପଦକ ବିଜେତା ଅଭୟ ସିଂ ଟରଣ୍ଟୋରେ ଚାଲିଥିବା ୯୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଚ୍ୟାଲେଞ୍ଜର ଇଭେଣ୍ଟ ଗୁଡ୍‌ୱିଲ୍ କ୍ଲାସିକ ସ୍କ୍ୱାଶ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହାଦ୍ୱାରା ଟପ୍ ସିଡ୍ ଅଭୟ ତାଙ୍କ ଦ୍ୱିତୀୟ ପିଏସ୍‌ଏ ଚ୍ୟାଲେଞ୍ଜର ଟାଇଟଲ ଆଶାକୁ ଉଜ୍ଜୀବିତ ରଖିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଫ୍ରାନ୍ସର ମ୍ୟାସିଓ ଲେଭିଙ୍କୁ ୧୩-୧୧, ୧୧-୭, ୧୧-୩ରେ ହରାଇ ଦେଇଛନ୍ତି। ଅଭୟ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ଟିମ୍ ଗୋଲ୍ଡ ଏବଂ ମିକ୍ସଡ ଡବଲ୍ସ ବ୍ରୋଞ୍ଜ ଜିତିଛନ୍ତି।

ନ୍ୟୁଜିଲାଣ୍ଡକୁ ୭୨ ରନରେ ହରାଇଲା ଅଷ୍ଟ୍ରେଲିଆ

ଅକ୍‌ଲାଣ୍ଡ, ୨୩।୨

ଦ୍ୱିତୀୟ ଟି୨୦

ଆଡାମ ଜାମ୍ପା (୪/୩୪)ଙ୍କ ଚମତ୍କାର ବୋଲିଂ ଯୋଗୁ ଏଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୭୨ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥି ସହିତ ଦଳ ୨-୦ରେ ଅଗ୍ରଣୀ ଲାଭ କରିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜ ଆଗୁଆ କବ୍‌ଜା କରିନେଇଛି। ନ୍ୟୁଜିଲାଣ୍ଡ ହେଉଛି ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଦଳ। ଏହି ଦଳ ବିପକ୍ଷରେ ସିରିଜ ବିଜୟ ଲାଭ କରିବା ଦ୍ୱାରା ଅଷ୍ଟ୍ରେଲିଆ ଦୃଢ଼ ଆତ୍ମବିଶ୍ୱାସର ସହ ଜୁନ୍‌ରେ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ହେବାକୁଥିବା ଟି୨୦ ବିଶ୍ୱକପ୍‌କୁ ଯିବ। ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ ୬ଉଇକେଟରେ ଜିତିଥିଲା। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ମ୍ୟାଚ ରବିବାର ଇଡେନପାର୍କଠାରେ ଖେଳାଯିବ। ଅଧିନାୟକ ମିଚେଲ ମାର୍ଶ ଏହାକୁ ଏକ ବଡ଼ ବିଜୟ ବୋଲି କହିଛନ୍ତ। ପ୍ରଥମେ ବ୍ୟାଟିଂ କଲା ପରେ ୫୦ ରନ ଅଭାବ ରହିଥିଲା ବୋଲି ଆମେ ମନେ କରିଥିଲୁ। ମାତ୍ର ବୋଲରମାନଙ୍କୁ ଚମତ୍କାର ବୋଲିଂ

ପାକିସ୍ତାନକୁ ହରାଇଲା ଭାରତ

ଦୁବାଇ, ୨୩।୨

ଏଠାରେ ଚାଲିଥିବା ଫ୍ରେଣ୍ଡଶିପ୍ ଦୃଷ୍ଟିବାଧିତ ଟି୨୦ କ୍ରିକେଟ ସିରିଜର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଭାରତ ୪୬ ରନରେ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମ ବ୍ୟାଟିଂ କରିଥିବା ଭାରତ ସୁନୀଲ ରମେଶଙ୍କ ୬୧ ବଲ୍‌ରୁ ଦ୍ରୁତ ୮୭ ରନ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୨୨୪ ରନ କରିଥିଲା। ଡି. ଭେଙ୍କଟେଶ୍ୱର ରାଓ ୫୬ ଓ ଅଜୟ ରେଡ୍ଡୀ ୪୨ ରନ ସ୍କୋର କରିଥିଲେ। ଜବାବରେ ପାକିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୭୮ ରନରେ ସୀମିତ ରହିଥିଲା। ଏହି ବିଜୟ ଫଳରେ ଭାରତ ସିରିଜକୁ ୧-୧ ସ୍ଥିତିକୁ ଆଣିଛି। ଦୁବାଇରେ ଅବସ୍ଥାପିତ ପାକିସ୍ତାନର କନସୁଲ ଜେନେରାଲ ହୁସେନ ମହମ୍ମଦ ଅତିଥିଭାବେ ଯୋଗଦେଇ ଭାରତର ସୁନୀଲ ରମେଶଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ମ୍ୟାଚ ରବିବାର ଅନୁଷ୍ଠିତ ହେବ।

ଫ୍ରେଣ୍ଡଶିପ୍ ଦୃଷ୍ଟିବାଧିତ ଟି୨୦ କ୍ରିକେଟ



ଅତିଥିଙ୍କଠାରୁ ଭାରତର ସୁନୀଲ ରମେଶ ପୁରସ୍କାର ଗ୍ରହଣ କରୁଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪/୨୦୨୪ Bhubaneswar, Saturday, February 24/ 2024

ଓଡ଼ିଶା ଏଫ୍‌ସି-ମୋହନ ବାଗାନ ମ୍ୟାଚ ଆଜି

ଭୁବନେଶ୍ୱର, ୨୩।୨
(ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା ଏଫ୍‌ସି ସମ୍ପ୍ରତି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ୧୫ ମ୍ୟାଚରୁ ଏହି କଳିଙ୍ଗ ୱାରିୟର୍ସ ଦଳ ୯ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୩୧ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ମୋହନ ବାଗାନ ୧୪ ମ୍ୟାଚରୁ ୯ ବିଜୟ ସହ ୨୯ ପଏଣ୍ଟରେ ରହିଛି। ତେଣୁ ଏହି ମ୍ୟାଚରେ ବିଜୟୀ ହେବା ଦଳ ଟେବୁଲର ଶୀର୍ଷକୁ ଉନ୍ନୀତ ହେବ। ତେଣୁ ଉଭୟ ଦଳ ପାଇଁ ମ୍ୟାଚର ଗୁରୁତ୍ୱ ବଢ଼ିଛି।

ଓଡ଼ିଶା ଏଫ୍‌ସି ୧୫ ଦିନର ବ୍ରେକ୍ ପରେ ପରବର୍ତ୍ତୀ ମ୍ୟାଚ ଖେଳିବାକୁ ଯାଉଛି। ପୂର୍ବ ମ୍ୟାଚକୁ ଏହି ଦଳ ଏଫ୍‌ସି ଗୋଆ ବିପକ୍ଷରେ ୧-୧ରେ ଡ୍ର ରଖିଥିଲା। ଚଳିତ ଲିଗ୍‌ରେ ୧୧ ମ୍ୟାଚରେ ଅପରାଜେୟ ରହିଛି। ତେଣୁ ମୋମେଣ୍ଟମ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଉଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ମିଡ୍ ଫିଲ୍ଡର ଅହମଦ ଜାହୋଉଙ୍କ ଅନୁପସ୍ଥିତି ସତ୍ତ୍ୱେ ଦଳ ନିକଟରେ ମ୍ୟାଚ ଜିତିବା ଦକ୍ଷତା ରହିଛି ବୋଲି ଲୋବେରା ଆତ୍ମବିଶ୍ୱାସରେ ରହିଛନ୍ତି। ''ବ୍ରେକ୍ ପୂର୍ବରୁ ଆମେ ନିଜକୁ ଭଲଭାବେ ପ୍ରସ୍ତୁତ କରିଛୁ। ତେଣୁ କୌଣସି ଅସୁବିଧା ନାହିଁ। ମୋହନ ବାଗାନ, ମୁମ୍ବାଇ ସିଟି ଏବଂ ଏଫ୍‌ସି ଗୋଆ ଟେବୁଲ ଶୀର୍ଷକୁ ଉଠିବା ପାଇଁ ଚାପରେ ଥିବାବେଳେ ଆମେ ଆମ ପୋଜିଶନକୁ ନେଇ ବହୁତ ଖୁସି ଅଛୁ। ଟେବୁଲର ଶୀର୍ଷରେ ରହିଲେ କିମ୍ବା ପ୍ଲେ ଅଫ୍ ଜିତିଲେ ଆମ ସ୍ୱପ୍ନ ସାର୍ଥକ ହେବ। ବଡ଼ ଚ୍ୟାଲେଞ୍ଜକୁ ମୁକାବିଲା ପାଇଁ ଆମେ କେତେ ପ୍ରସ୍ତୁତ ତାହା ଆସନ୍ତା ମ୍ୟାଚରୁ ଜଣାପଡ଼ିବ'' ବୋଲି ଲୋବେରା ପ୍ରକାଶ କରିଛନ୍ତି।

ମୁଖ୍ୟ କୋଚ୍ ସ୍କୋପ୍‌ମାନଙ୍କ ଇସ୍ତଫା।

ଜାନେକ୍ ସ୍କୋପମାନ

ନୂଆଦିଲ୍ଲୀ, ୨୩।୨ (ପି.ଟି.)

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୋପ୍‌ମାନ ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଜାତୀୟ ମହାସଂଘ ତାଙ୍କ କଥାକୁ ଗୁରୁତ୍ୱ ଦେଉ ନାହିଁ କିମ୍ବା ତାଙ୍କୁ ଯଥେଷ୍ଟ ସମ୍ମାନ ଦେଉ ନାହିଁ ବୋଲି କିଛିଦିନ ପୂର୍ବେ ତାଙ୍କ ଅଭିଯୋଗ ପରେ ସେ ଚର୍ଚ୍ଚାରେ ରହିଥିଲେ। ଡଚ୍ କୋଚ୍ ୨୦୨୧ରେ ଜୋର୍ଡ ମାରିନଙ୍କଠାରୁ ମହିଳା ଦଳର ଦାୟିତ୍ୱ ଗ୍ରହଣ କରିଥିଲେ। ମାରିନଙ୍କ ତତ୍ତ୍ୱାବଧାନରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ସ୍କୋପମାନ ୨୦୨୦ ଜାନୁଆରୀରେ ମାରିଜ୍‌ନେଙ୍କ ଅଧୀନରେ ଆନାଲିଟିକାଲ କୋଚ୍ ଭାବେ ଯୋଗଦେଇଥିଲେ। ପ୍ୟାରିସ ଅଲିମ୍ପିକ୍ସ ପରେ ଅଗଷ୍ଟରେ ତାଙ୍କ ଚୁକ୍ତିନାମାର ଅବଧି ଶେଷ ହେବାକୁ ଥିଲା। ମାତ୍ର ନିକଟରେ ବିବାଦୀୟ ଟିପ୍ପଣୀ ଦେବା ପରେ ସେ ତାଙ୍କ ପଦବୀରେ ଆଉ ରହିବେ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଥିଲା। ଓଡ଼ିଶାରେ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍‌ର ହୋମ୍ ଲେଗ୍‌ରେ ଦଳର ମ୍ୟାଚଗୁଡ଼ିକ ଶେଷ ହେବାପରେ ଏହି ୪୬ ବର୍ଷୀୟା କୋଚ୍ ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କୀଙ୍କୁ ପ୍ରଦାନ କରିଥିବା ହକି ଇଣ୍ଡିଆ ତରଫରୁ ସୂଚନା ଦିଆଯାଇଛି। ନିକଟରେ ଅଲିମ୍ପିକ କ୍ୱାଲିଫାୟର୍ସରେ ନୈରାଶ୍ୟଜନକ ପ୍ରଦର୍ଶନ ଏବଂ ତାଙ୍କ ଇସ୍ତଫା ପରେ ହକି ଇଣ୍ଡିଆ ଜଣେ ନୂଆ ମୁଖ୍ୟ କୋଚ୍ ସନ୍ଧାନରେ ରହିବ, ଯିଏକି ୨୦୨୬ରେ ପରବର୍ତ୍ତୀ ମହିଳା ବିଶ୍ୱକପ୍ ଏବଂ ଲସଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ ଲାଗି ଭାରତୀୟ ଦଳକୁ ପ୍ରସ୍ତୁତ କରିବେ। ଓଡ଼ିଶାରେ ଏକ ପ୍ରୋ-ଲିଗ୍ ମ୍ୟାଚ ପରେ ସ୍କୋପମ୍ୟାନ ଅଭିଯୋଗ କରିଥିଲେ ହକି ଇଣ୍ଡିଆ ପୁରୁଷ କୋଚ୍ ପ୍ରତି ଭିନ୍ନ ବ୍ୟବହାର କରାଯାଉଛି। ଗତ ଦୁଇ ବର୍ଷ ହେଲା ସେ ଅନୁଭବ କରି ଆସୁଛନ୍ତି। ମୋର ଧାରଣା ଥିଲା ଏଠିକାର ସଂସ୍କୃତିରେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇଥାଏ। କିନ୍ତୁ ବାସ୍ତବରେ ତାହା ନୁହେଁ ବୋଲି ସେ ଅନୁଭବ କରିଛନ୍ତି। ନେଦରଲାଣ୍ଡରୁ ଆସିଥିବା ସ୍କୋପମାନ ଆମେରିକାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସ୍କୋପମାନଙ୍କ ଅଭିଯୋଗର ଖଣ୍ଡନ କରିଛି ହକି ଇଣ୍ଡିଆ। ଉଭୟ ପୁରୁଷ ଓ ମହିଳା କୋଚ୍‌ଙ୍କ ପ୍ରତି ସମାନ ବ୍ୟବହାର କରାଯାଇଥାଏ ବୋଲି ସଫେଇ ଦେଇଛି। ସ୍କୋପମାନଙ୍କ ଅଧୀନରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିଛି। ତାଙ୍କ ତତ୍ତ୍ୱାବଧାନରେ ଦଳ ୭୪ ମ୍ୟାଚ ଖେଳି ୩୮ଟିରେ ବିଜୟ ହାସଲ କରିଥିବା ବେଳେ ୧୭ଟି ଡ୍ର ରଖିଛି ଏବଂ ୧୯ଟିରେ ପରାଜିତ ହୋଇଛି। ତାଙ୍କ ଅଧୀନରେ ଭାରତୀୟ ଦଳର ଏସିଆନ ଚାମ୍ପିୟନ୍ସ ଟ୍ରଫି ୨୦୨୩ ଟାଇଟଲ ହାସଲ ଉଲ୍ଲେଖନୀୟ। ତେବେ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରି ନ ପାରିବା ସବୁଠାରୁ ନୈରାଶ୍ୟଜନକ ବିଷୟ।

ଯୁବା ବାସ୍କେଟବଲ ଉଦ୍‌ଘାଟିତ

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାଙ୍କ ସହ ଖେଳାଳିମାନେ।

ଭୁବନେଶ୍ୱର, ୨୩।୨
(ତପନ ସ୍ୱାଇଁ)

ସନ୍‌ସାଇନ୍ ଯୁବ ସଙ୍ଗଠନ ଆନୁକୂଲ୍ୟରେ ଯୁବା ଓପନ ବାସ୍କେଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଇଂଦ୍ରା ପାର୍କ ପରିସରରେ ଆରମ୍ଭ ହୋଇଛି। ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ରାଜ କିଶୋର ଦାଶ, ସଂଗଠନର ଉପଦେଷ୍ଟା ସରୋଜ କୁମାର ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ଚକ୍ର, ରୁଦ୍ରା ରାଓ, ସବ୍ୟସାଚୀ ରାୟ, ମନୋରଞ୍ଜନ ଗରାବଡୁ, ବିଭୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ କାକିନାଡ଼ା ହାଇଦ୍ରାବାଦ୍ ମାତ୍ର ୨ (୮୬-୮୮) ପଏଣ୍ଟରେ ପୁରୀଠାରୁ ପରାସ୍ତ ହୋଇଛି। ଇଂଦ୍ରା ପାର୍କର ବାସ୍କେଟବଲ କୋର୍ଟରେ ପ୍ରତିଯୋଗିତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ।

କାନ୍ଦାନ ଜୁଡୋ ରେଫରି

ଭୁବନେଶ୍ୱର, ୨୩।୨
(ବିଜୟ ରଣା)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଚତୁର୍ଥ ସଂସ୍କରଣ ଆସାମ ସମେତ ଅନ୍ୟ ୬ଟି ରାଜ୍ୟରେ ଅନୁଷ୍ଠିତ ହେଉଛି। ଏଥିରେ ୨୦ଟି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆସାମରେ ଜୁଡୋ ପ୍ରତିଯୋଗିତା ଗୁଆହାଟୀ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୨୬ରୁ ୨୮ ପର୍ଯ୍ୟନ୍ତ ହେବ। ଏଥିରେ ରେଫରି ଦାୟିତ୍ୱ ତୁଲାଇବା ଲାଗି ଜୁଡୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ଏକମାତ୍ର ଅନ୍ତର୍ଜାତୀୟ ଜୁଡୋ ରେଫରି କାନ୍ଦାନ ମୁର୍ମୁଙ୍କୁ ଆମନ୍ତ୍ରଣ ମିଳିଛି। କାନ୍ଦାନ ହେଉଛନ୍ତି କିଟ୍ ଓ କିସ୍‌ରୁ ସିନିୟର ଜୁଡୋ କୋଚ୍। ଏହାଛଡ଼ା ସେ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନର ଟେକ୍‌ନିକାଲ ସେକ୍ରେଟାରୀ ଏବଂ ମୟୂରଭଞ୍ଜ ଜିଲା ଜୁଡୋ ଆସୋସିଏଶନର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ।

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

କାନ୍ଦାନ ମୁର୍ମୁ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଜୁଡୋ ପ୍ରତିଯୋଗିତାରେ ରେଫରି ଦାୟିତ୍ୱ ତୁଲାଇବା ଲାଗି ଆମନ୍ତ୍ରଣ ପାଇଥିବାରୁ ସେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ରାଜ୍ୟ ଜୁଡୋ ସଂଘର ସିଇଓ ଗୀତାଞ୍ଜଳି ପଣ୍ଡା ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

କିଟ୍ ପୁରୁଷ ରଗ୍‌ବୀ ଦଳକୁ ରୌପ୍ୟ

ଭୁବନେଶ୍ୱର, ୨୩।୨
(ତପନ ସ୍ୱାଇଁ)

ଗୁଆହାଟୀ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ସ ଷ୍ଟାଡିୟମର ସରୁସଜାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପୁରୁଷ ରଗ୍‌ବୀ ୭ଏସ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ରୌପ୍ୟ ପଦକ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କିଟ୍ ଦଳ ମୋହାଲିର ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟଠାରୁ ୭-୧୨ରେ ହାରି ଯାଇଛି। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ କିଟ୍ ଦଳ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ୩୯-୦ରେ ପରାସ୍ତ କରିଥିଲା।

ପୂର୍ବତନ ରଣଜୀ ଖେଳାଳିଙ୍କ ପରଲୋକ

ଭୁବନେଶ୍ୱର, ୨୩।୨
(ତପନ ସ୍ୱାଇଁ)

ରାଜ୍ୟର ପୂର୍ବତନ ରଣଜୀ ଟ୍ରଫି ଖେଳାଳି ରାଜେଶ ସିଂଙ୍କର ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ରାଜେଶ ଓଡ଼ିଶା ପକ୍ଷରୁ ୧୬ଟି ପ୍ରଥମ ଶ୍ରେଣୀ କ୍ରିକେଟ ମ୍ୟାଚରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଜଣେ ପୁଅ ଅଛନ୍ତି। ରାଜେଶଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଛନ୍ତି।

ରାଜେଶ ସିଂ

ସୁବ୍ରତ-ରାକେଶ ଫାଇନାଲ

ଭୁବନେଶ୍ୱର, ୨୩।୨ (ତପନ ସ୍ୱାଇଁ)

ପଟିଆର ଆଦର୍ଶ ବିହାରସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ସେମିଫାଇନାଲରେ ବିଜୟୀ ହୋଇ ସୁବ୍ରତ ଦାସ ଓ ରାକେଶ ରୋଶନ ପ୍ରଧାନ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ସୁବ୍ରତ ୫-୦ରେ ଜ୍ଞାନ ଦାସଙ୍କୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ରାକେଶ ୫-୩ରେ ନିଶାନ୍ତ ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି। ସୁବ୍ରତ ଓ ରାକେଶଙ୍କ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ।